# ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ସେପ୍ଟେମ୍ବର ୧୧/୨୦୨୦ (୧୨ ପୃଷ୍ଠା) | Rayagada, Friday, September 11/2020 ★

୧୦ମ ଭାଗ ୧୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ପ୍ରେମରେ ଥିଲେ ପାଗଳ

ଶ୍ରଦ୍ଧା ବିବାହିତ ଅଭିନେତା ଫରହାନ ଅଖତର୍‌ଙ୍କ ପ୍ରେମରେ ପାଗଳ ଥିଲେ। ଏହା ତାଙ୍କ ମା' ବାପା ଜାଣିବା ପରେ ଫରହାନ୍‌ଙ୍କ ଘରେ ପହଞ୍ଚି ଝିଅକୁ ନେଇ ଯାଇଥିଲେ। ୦୨

## ୟୁଏସ୍ ଓପନ୍ ସେମିରେ ଆଜାରେଙ୍କା

୧୧ ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।






# କମିପାରେ ଶସ୍ୟ ଉତ୍ପାଦନ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

### ବର୍ଷା: ଜୁଲାଇରେ ନିଅଣ୍ଟିଆ, ଅଗଷ୍ଟରେ ବୁଡ଼ାଇଲା



ଚଳିତ ବର୍ଷର ଅନିୟମିତ ମୌସୁମୀ ବର୍ଷା ଖରିଫ ଫସଲ ପାଇଁ ମହା ବିପଦ ସୃଷ୍ଟି କରିଛି। ଜୁଲାଇ ମାସର ବର୍ଷାଭାବ ଏବଂ ଅଗଷ୍ଟର ଅତ୍ୟଧିକ ବୃଷ୍ଟି ରାଜ୍ୟର ଖରିଫ ଶସ୍ୟ ଉତ୍ପାଦନକୁ ଗୁରୁତର ଭାବେ ପ୍ରଭାବିତ କରିବା ଆଶଙ୍କା ଦେଖାଦେଇଛି। କମ୍ ବେଶି ବର୍ଷା ଓ ବନ୍ୟା ଯୋଗୁ ରାଜ୍ୟର ଖାଦ୍ୟଶସ୍ୟ ଉତ୍ପାଦନ ପ୍ରାୟ ୨୦ ଲକ୍ଷ ମେଟ୍ରିକ ଟନ୍ ତଳକୁ ଖସିଯିବ ବୋଲି କୃଷି ବିଶେଷଜ୍ଞ ଆକଳନ କରିଛନ୍ତି।

ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ସେପ୍ଟେମ୍ବର ୧୦ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୧୦୧୭.୫ ମିଲିମିଟର ବର୍ଷା ହେବା ସ୍ଥାନରେ ହୋଇଛି ୧୦୩୬.୪ ମିଲିମିଟର। ଅର୍ଥାତ୍ ଏ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ହାରାହାରି ୨ ପ୍ରତିଶତ ଅଧିକ ବର୍ଷା ହୋଇଛି। ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ପ୍ରତ୍ୟେକ ମାସକୁ ହିସାବକୁ ନିଆଗଲେ ଜୁନ୍ ମାସରେ ସ୍ୱାଭାବିକ ବର୍ଷା ଠାରୁ ୩୭ ପ୍ରତିଶତ ଅଧିକ ବର୍ଷା ହୋଇଥିଲା। ଏହି ମାସରେ ସ୍ୱାଭାବିକ ଭାବେ ୨୧୭.୭ ମିଲିମିଟର ହେବା ଜାଗାରେ ହୋଇଛି ୨୫୧ ମିଲିମିଟର। ଏହା ପରେ ମୌସୁମୀ ଉଭାନ ହୋଇଯିବା ଯୋଗୁ ଜୁଲାଇରେ ସ୍ୱାଭାବିକ ଠାରୁ ୩୫ ପ୍ରତିଶତ କମ୍ ବର୍ଷା ହୋଇଥିଲା। ତେବେ ଅଗଷ୍ଟରେ କ୍ରମାଗତ ଲଘୁଚାପ ଯୋଗୁ ବର୍ଷା ପରିମାଣ ବୃଦ୍ଧି ପାଇଥିଲା। ଏହି ମାସରେ ରାଜ୍ୟରେ ୧୧ଟି ଜଲାରେ ୬୦ ପ୍ରତିଶତରୁ ଅଧିକ ବର୍ଷା ହୋଇଥିବା ବେଳେ ୯ଟି ଜିଲାରେ ୨୦ ପ୍ରତିଶତରୁ ଅଧିକ ହୋଇଛି। ସେହିପରି ୮ଟି ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୨ଟି ଜିଲାରେ ସ୍ୱାଭାବିକ ଠାରୁ କମ୍ ବର୍ଷାହୋଇଛି। ଅଗଷ୍ଟ ମାସରେ ପ୍ରବଳ ବର୍ଷା ଯୋଗୁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା।

ଚଳିତ ବର୍ଷ ରାଜ୍ୟରେ ୬୧.୬୬ ଲକ୍ଷ ହେକ୍ଟର ଜମିରେ ଧାନ ଓ ଅଣଧାନ ଚାଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ସେପ୍ଟେମ୍ବର ୧୦ ତାରିଖ ସୁଦ୍ଧା ୫୭.୫୦ ଲକ୍ଷ ହେକ୍ଟରରେ ଚାଷକାର୍ଯ୍ୟ ହୋଇଛି। ସେଥିରୁ ୩୭ ଲକ୍ଷ ହେକ୍ଟରରେ ଧାନଚାଷ ହୋଇଥିବା ବେଳେ ୨୦.୫୦ ଲକ୍ଷ ହେକ୍ଟରରେ ଅଣଧାନ ଫସଲ ହୋଇଛି। ଏସବୁ ଜମିରୁ ଚଳିତ ବର୍ଷ କୃଷି ବିଭାଗ ୯୬ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ଲକ୍ଷ୍ୟଧାର୍ଯ୍ୟ କରିଛି। ସେଥିରୁ ଧାନ ୮୦ ଲକ୍ଷ ଟନ୍ ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟ ୧୬ ଲକ୍ଷ ଟନ୍ ଉତ୍ପାଦନ ହେବ ବୋଲି କୃଷି ବିଭାଗ ଅନୁମାନ କରିଛି। ତେବେ ଚାଷ କାର୍ଯ୍ୟ ଆରମ୍ଭରୁ ଅନାବୃଷ୍ଟି , ଧାନ ବେଉଷଣ ବିଳମ୍ବ ଓ ବନ୍ୟା ଯୋଗୁ ଏହି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ପ୍ରାରମ୍ଭିକ ଆକଳନ ଅନୁଯାୟୀ ବନ୍ୟା ଯୋଗୁ ରାଜ୍ୟର ୧୭ଟି ଜିଲାରେ ପ୍ରାୟ ୨ ଲକ୍ଷ ୩ ହଜାର ହେକ୍ଟର ଜମି ଜଳମଗ୍ନ ହୋଇଛି।

କୃଷି ବିଶେଷଜ୍ଞ ତଥା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସୁରେନ୍ଦ୍ର ନାଥ ପଶୁପାଳକଙ୍କ କହିବା କଥା ହେଲା ରାଜ୍ୟରେ ସାଧାରଣତଃ ଧାନବୁଣା କାର୍ଯ୍ୟ ଜୁନ୍ ପ୍ରଥମ ସପ୍ତାହରୁ ଆରମ୍ଭ ହୋଇଥାଏ। ଏହାର ୨୦ ଦିନ ମଧ୍ୟରେ ☞ପୃଷ୍ଠା-୪

# ନବୀନଙ୍କ ସମର୍ଥନ ଲୋଡ଼ିଲେ ନୀତୀଶ

ଭୁବନେଶ୍ୱର ୧୦।୯(ବ୍ୟୁରୋ)

### ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନ



ନୀତୀଶ କୁମାର

ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନକୁ ନେଇ ଏନ୍‌ଡିଏ ଏବଂ ବିରୋଧୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି। ସେପ୍ଟେମ୍ବର ୧୪ ତାରିଖରେ ନିର୍ବାଚନ ହେବାକୁ ଥିଲାବେଳେ ଏବେଠାରୁ ବିଭିନ୍ନ ରାଜ୍ୟର ଆଞ୍ଚଳିକ ଦଳଗୁଡିକ ଠାରୁ ସମର୍ଥନ ଲୋଡିବା ଆରମ୍ଭ ହୋଇଛି। ଜେଡି(ୟୁ)ପକ୍ଷରୁ ହରିବଂଶ ନାରାୟଣ ସିଂଙ୍କୁ ପ୍ରାର୍ଥୀ କରାଯାଉଛି। ଗୁରୁବାର ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ସଭାପତି ନୀତୀଶ କୁମାର ଏ ନେଇ ଟେଲିଫୋନ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କଥା ହୋଇ ସମର୍ଥନ ଲୋଡିଛନ୍ତି। ହରିବଂଶଙ୍କ ପ୍ରାର୍ଥୀତ୍ୱକୁ ବିଜେଡି ପକ୍ଷରୁ ସମର୍ଥନ ଦେବା ଲାଗି ନୀତୀଶ ଅନୁରୋଧ କରିଛନ୍ତି। ୨୦୧୮ରେ ମଧ୍ୟ ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନରେ ହରିବଂଶଙ୍କୁ ପ୍ରାର୍ଥୀ କରାଯାଇଥିଲା। ସେତେବେଳେ ବିଜେଡ଼ି ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିଥିଲା। ତେବେ ଏଥର ବିଜେଡି ଆଭିମୁଖ୍ୟ କଣ ରହିବ ସେନେଇ ସ୍ପଷ୍ଟ ହୋଇନାହିଁ।

## ଭାରତରେ ବନ୍ଦ ଅକ୍ସଫୋର୍ଡ ଟିକା ପରୀକ୍ଷଣ

ନୂଆଦିଲ୍ଲୀ, ୧୦।୯: ଭାରତରେ ଏଷ୍ଟ୍ରାଜେନିକା ଏବଂ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ହୋଇଥିବା କରୋନା ଟିକାର ମାନବ ପରୀକ୍ଷଣକୁ ବନ୍ଦ କରି ଦିଆଯାଇଛି। ପୁଣେସ୍ଥିତ ସିରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସୁରକ୍ଷା କାରଣରୁ ଏଭଳି କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ପରୀକ୍ଷଣ ବନ୍ଦ ରହିବ ବୋଲି ସିରମ୍ ଇନଷ୍ଟିଚ୍ୟୁଟ୍ ପକ୍ଷରୁ କୁହାଯାଇଛି। ଭାରତର ୧୭ଟି ସ୍ଥାନରେ ଏହି ଟିକାର ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ଜାରି ରହିଥିଲା। ତେବେ କେତେକ ସମସ୍ୟା ଯୋଗୁ ଏହା ଉପରେ ରୋକ ଲଗାଯାଇଛି। ଏହି ଟିକାର ପ୍ରାଥମିକ ପରୀକ୍ଷଣ ବେଶ୍ ଉତ୍ସାହଜନକ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ପ୍ରୟୋଗ କରାଯାଉଥିବା ବ୍ୟକ୍ତିଙ୍କଠାରେ ଅଜଣା ରୋଗ ସୃଷ୍ଟି ହେଉଥିବା ଦେଖାଯାଇଥିଲା। ଏଭଳି ରିପୋର୍ଟ ମିଳିବା ପରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତରେ କୌଣସି ବ୍ୟକ୍ତିଙ୍କଠାରେ ଏଭଳି ସମସ୍ୟା ଦେଖାଯାଇ ନାହିଁ। ଟିକା ପରୀକ୍ଷଣରେ ବେଳେ ବେଳେ ଏଭଳି ସ୍ଥିତି ଆସିଥାଏ ବୋଲି ଏମ୍ସର ବିଶେଷଜ୍ଞଙ୍କ ପକ୍ଷରୁ କୁହାଯାଇଛି।


**ଆଜିର ସମ୍ପାଦକୀୟ**

ଚିର ସମସ୍ୟା


# ବାୟୁସେନାରେ ରାଫାଲ



ନୂଆଦିଲ୍ଲୀ, ୧୦।୯(ପି.ଟି.)

- ଦେଶର ସାର୍ବଭୌମତ୍ୱ ସହ ସାଲିସ କରାଯିବ ନାହିଁ: ରାଜନାଥ
- ଭାରତ ଓ ଫ୍ରାନ୍ସ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କର ଏକ ନୂଆ ଅଧ୍ୟାୟ: ପାର୍ଲି

ଅତ୍ୟାଧୁନିକ ଲଢୁଆ ବିମାନ ରାଫାଲ ଗୁରୁବାର ବାୟୁସେନାରେ ବିଧିବଦ୍ଧ ଭାବେ ସାମିଲ ହୋଇଛି। ଅମ୍ବାଲାସ୍ଥିତ ବାୟୁସେନା ଘାଟିଠାରେ ଭାରତୀୟ ବାୟୁସେନାର ୧୭ତମ ସ୍କ୍ୱାର୍ଡନ 'ଗୋଲ୍‌ଡେନ ଆରୋ'ର ଅଂଶ ଭାବେ ରାଫାଲ ଯୋଗ ଦେଇଛି। ରାଫାଲର ସାମିଲ ପରେ ଭାରତୀୟ ବାୟୁସେନା ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ସେନା ଭାବେ ଉଭା ହୋଇଛି। ରାଫାଲ ଯୁଦ୍ଧ ବିମାନ ସାମିଲ ଅବସରରେ ହରିୟାଣାର ଅମ୍ବାଲା ଏୟାର ବେସ୍‌ରେ ଏକ ସ୍ୱତନ୍ତ୍ର ସର୍ବଧର୍ମ ପ୍ରାର୍ଥନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସର୍ବଧର୍ମ ପ୍ରାର୍ଥନା ପରେ ତେଜସ୍, ବାୟୁସେନାର ସୁଖୋଇ ସମେତ ବହୁ ବିମାନ ଏୟାର ଶୋ'ରେ ଭାଗ ନେଇଥିଲେ। ଏହା ପରେ ରାଫାଲକୁ ୱାଟର କାନନ୍ ସାଲ୍ୟୁଟ ଦିଆଯାଇଥିଲା। ଏଥିରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀ ଫ୍ଲୋରେନ୍ସ ପାର୍ଲି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏଥିସହିତ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ବିପିନ ରାୱତ୍, ବାୟୁସେନା ମୁଖ୍ୟ ☞ପୃଷ୍ଠା-୪

# ପେଟ୍ରୋଲ ୯, ଡିଜେଲ ୧୨ ପଇସା କମିଲା

ଭୁବନେଶ୍ୱର, ୧୦।୯



ଉଭୟ ପେଟ୍ରୋଲ ଏବଂ ଡିଜେଲ ଦର ଗୁରୁବାର ହ୍ରାସ ହୋଇଥିବା ଜଣାପଡ଼ିଛି। ଭୁବନେଶ୍ୱରରେ ଗୁରୁବାର ପେଟ୍ରୋଲ ଲିଟର ପିଛା ଦର ୯ ପଇସା ହ୍ରାସ ଘଟି ୮୨.୫୫ ଟଙ୍କା ସ୍ତରରେ ରହିଛି। ସେହିଭଳି ଏଠାରେ ଡିଜେଲ ୧୨ ପଇସା କମିବା ଯୋଗୁ ଦର ୭୯.୪୮ ଟଙ୍କା ରହିଥିବା ଜଣାପଡ଼ିଛି। ଦିଲ୍ଲୀଠାରୁ ଭୁବନେଶ୍ୱରରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ଦର ବର୍ତ୍ତମାନ ସୁଦ୍ଧା ଊର୍ଦ୍ଧ୍ୱରେ ରହିଛି। ସୂଚନାଯୋଗ୍ୟ, ଚଳିତ ସପ୍ତାହ ସୋମବାର ଭୁବନେଶ୍ୱରରେ ଡିଜେଲ ଦର ୧୨ ପଇସା ହ୍ରାସ ହୋଇଥିଲା। ଦେଶର ମେଟ୍ରୋ ସହରଗୁଡିକରେ ପେଟ୍ରୋଲ ଏବଂ ଡିଜେଲ ଦର ୮ରୁ ୧୨ ପଇସା ମଧ୍ୟରେ ହ୍ରାସ ଘଟିଛି। ନୂଆଦିଲ୍ଲୀରେ ଗୁରୁବାର ପେଟ୍ରୋଲ ଲିଟର ପିଛା ୯ ପଇସା ହ୍ରାସ ପାଇ ୮୧.୯୯ ଟଙ୍କା ରହିଛି। ଏଠାରେ ଡିଜେଲ ଦର ୧୧ ପଇସା କମି ୭୩.୦୫ ଟଙ୍କା ରହିଛି। ସେହିଭଳି ଚେନ୍ନାଇରେ ପେଟ୍ରୋଲ ଏବଂ ଡିଜେଲ ଦର ୮ ଓ ୧୦ ପଇସା ନିମ୍ନରେ ରହି ଯଥାକ୍ରମେ ୮୪.୯୬ ଟଙ୍କା ଏବଂ ୭୮.୩୮ ଟଙ୍କାକୁ ଖସିଛି। କୋଲକାତାରେ ପେଟ୍ରୋଲ ୮ ପଇସା ହ୍ରାସ ପାଇ ୮୩.୪୯ ଟଙ୍କା ଥିବା ବେଳେ ଡିଜେଲ ୧୧ ପଇସା ନିମ୍ନରେ ରହି ୭୬.୫୫ ଟଙ୍କା ରହିଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୯ ପଇସା କମି ଦର ୮୮.୬୪ ଟଙ୍କା ରହିଛି। ଏଠାରେ ଡିଜେଲ ୧୨ ପଇସା ହ୍ରାସ ଘଟିବା ଯୋଗୁ ୭୯.୫୭ ଟଙ୍କା ରହିଥିବା ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ କର୍ପୋରେଶନ ପକ୍ଷରୁ ସୂଚନା ଦିଆଯାଇଛି।

# ବର୍ଷା-ଅନୁଭବଙ୍କୁ ଭେଟିଲେ ମାନବାଧିକାର କର୍ମୀ

କଟକ ଅଫିସ,୧୦।୯

### ଆପୋସ ବୁଝାମଣା ଦ୍ୱାରା ବିବାଦର ସମାଧାନ ଉଦ୍ୟମ

ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଓ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ସମାଧାନ ପାଇଁ ଗୁରୁବାର କେତେଜଣ ମାନବାଧିକାର କର୍ମୀ ଆଗେଇ ଆସିଛନ୍ତି। ସେମାନେ ଅନୁଭବଙ୍କ ଚୌଧୁରୀବଜାରସ୍ଥିତ ବାସଭବନକୁ ଯାଇ ଅନୁଭବ ଓ ବର୍ଷାଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଆପୋସ ବୁଝାମଣା ଦ୍ୱାରା ଏହି ବିବାଦର ସମାଧାନ କରିବାକୁ ଉଦ୍ୟମ କରାଯାଇଛି ବୋଲି ଅନ୍ତର୍ଜାତୀୟ ମାନବାଧିକାର କମିଶନ୍‌ର ରାଜ୍ୟ ମହିଳା ସଭାପତି ଗୀତାଶ୍ରୀ ଦାସ କହିଛନ୍ତି। ☞ପୃଷ୍ଠା-୪






# ସର୍ବସାଧାରଣ ଦର୍ଶନକୁ ବାରଣ

ଭୁବନେଶ୍ୱର,୧୦।୯(ବ୍ୟୁରୋ)



### ପାର୍ବଣ ପାଇଁ ଗାଇଡ୍‌ଲାଇନ

- ୭ରୁ ଅଧିକ ପୂଜାମଣ୍ଡପରେ ରହି ପାରିବେନି
- ୪ ଫୁଟ୍‌ରୁ ଅଧିକ ଉଚ୍ଚ ହେବନି ମୂର୍ତ୍ତି
- ବିସର୍ଜନ ବେଳେ ଶୋଭାଯାତ୍ରା ନିଷେଧ
- ପ୍ରଶାସନ ପ୍ରସ୍ତୁତ କୃତ୍ରିମ ପୋଖରୀରେ ହେବ ବିସର୍ଜନ
- ନିୟମ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଆଗକୁ ଆସୁଛି ପାର୍ବଣ ଋତୁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ରାଜ୍ୟରେ ହେବାକୁ ଥିବା ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ ଅନ୍ୟାନ୍ୟ ପୂଜା ପାଇଁ ଗାଇଡ ଲାଇନ ଜାରି କରିଛନ୍ତି। ଗୁରୁବାର ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ଗାଇଡଲାଇନ ଅନୁଯାୟୀ ମଣ୍ଡପରେ ପୂଜା ପାଇଁ ଆୟୋଜକଙ୍କୁ ଜିଲା ମାଜିଷ୍ଟ୍ରେଟଙ୍କ ଠାରୁ ଅନୁମତି ଆଣିବାକୁ ପଡ଼ିବ। ସେହିପରି କଟକ ଓ ଭୁବନେଶ୍ୱର ପୋଲିସ କମିଶନରେଟ ଅଧୀନରେ ହେବାକୁ ଥିବା ପୂଜା ପାଇଁ ପୋଲିସ କମିଶନରଙ୍କଠାରୁ ଅନୁମତି ନେବାକୁ ହେବ। ମଣ୍ଡପଗୁଡିକରେ ରୀତିନୀତି ଅନୁଯାୟୀ ପୂଜା କରାଯିବ। ଏଥିରେ କୌଣସି ପ୍ରକାର ଜନସମାଗମ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକ୍ରମକ ଉପରେ କଟକଣା ରହିବ। ପୂଜା ପେଣ୍ଡାଲର ୩ ପାଖ ଭଲ ଭାବେ ଆବଦ୍ଧ କରାଯିବ। ଚତୁର୍ଥ ପାଖରେ ସ୍କ୍ରିନ ପଡିବ। ଯେପରି କୌଣସି ଲୋକ ସେଠାରେ ମୂର୍ତ୍ତୀ ଦର୍ଶନ କରି ପାରିବେ ନାହିଁ। ମଣ୍ଡପରେ କୌଣସି ପ୍ରକାର ସର୍ବସାଧାରଣ ଦର୍ଶନକୁ ବାରଣ କରାଯାଇଛି। ପୂଜା ମଣ୍ଡପଗୁଡିକରେ ମୂର୍ତ୍ତୀଗୁଡିକ ୪ ଫୁଟରୁ ଅଧିକ ହେବ ନାହିଁ। ପୂଜାମଣ୍ଡପରେ ଡାକବାଜି ଯନ୍ତ୍ର କିମ୍ବା ଲାଉଡ ସ୍ପିକରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। କର୍ତ୍ତା ଓ ପୁରୋହିତଙ୍କ ସମେତ ୭ରୁ ଅଧିକ ଲୋକଙ୍କୁ ପୂଜାମଣ୍ଡପକୁ ବାରଣ କରାଯାଇଛି। ପୂଜା ପେଣ୍ଡାଲରେ ଉପସ୍ଥିତ ଲୋକମାନେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ-୧୯ ଗାଇଡ ଲାଇନକୁ ଅନୁସରଣ କରି ମୁହଁରେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ, ବ୍ୟକ୍ତିଗତ ପରିଚ୍ଛନ୍ନତା ଇତ୍ୟାଦି ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ଏହାଛଡା ସ୍ଥାନୀୟ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ଅନ୍ୟାନ୍ୟ ସର୍ତ୍ତଗୁଡିକୁ ମଧ୍ୟ ଆୟୋଜକ ଏବଂ ଅନ୍ୟ ବ୍ୟକ୍ତିମାନଙ୍କୁ ପାଳନ କରିବାକୁ ହେବ। ମୂର୍ତ୍ତୀ ବିସର୍ଜନ ବେଳେ କୌଣସି ☞ପୃଷ୍ଠା-୪

# ଫିଙ୍ଗର-୪ରେ ଭାରତୀୟ ସେନା

ଲେହ, ୧୦।୯



ଏଲ୍‌ଏସି(ପ୍ରକୃତ ନିୟନ୍ତ୍ରଣ ରେଖା)ରେ ଭାରତ ଚାଇନା ମୁହାଁମୁହିଁ ହୋଇଛନ୍ତି। ପୂର୍ବ ଲଦାଖ ଅଞ୍ଚଳରେ ଚାଇନା ୫୦ ହଜାର ସୈନ୍ୟ ମୁତୟନ କରିଥିବାବେଳେ ଭାରତ ମଧ୍ୟ ସମାନ ସଂଖ୍ୟକ ଯବାନକୁ ସଜାଗ ରଖିଛି। ଏବେ ଭାରତୀୟ ସେନା ଫିଙ୍ଗର-୪ରେ ନିଜର ସ୍ଥିତି ସୁଦୃଢ଼ କରିଛି। ଭାରତୀୟ ସେନା କବ୍‌ଜାରେ ଥିବା ଗୁରଙ୍ଗ୍ ହିଲ୍, ମଗର ହିଲ୍, ମୁଖପରି ଏବଂ ରେଚିନ୍ ଲା କ୍ୟାମ୍ପ୍ ଚାରିପଟେ ସୁରକ୍ଷା ଦୃଷ୍ଟିରୁ କଣ୍ଟା ତାରବାଡ଼ ଦିଆଯାଇଛି। ଚାଇନାର କୌଣସି ସୈନ୍ୟ କଣ୍ଟା ତାରବାଡ଼ ଅତିକ୍ରମ କରିବାର ଉଦ୍ୟମ କଲେ ଅବା ଏହାକୁ ଭଙ୍ଗାଭଙ୍ଗି କଲେ ଏହାର କଡ଼ା ଜବାବ ଦିଆଯିବ ବୋଲି ଭାରତୀୟ ଯବାନ ଚେତାବନୀ ଦେଇଛନ୍ତି। ବ୍ରିଗେଡିୟରସ୍ତରୀୟ ବୈଠକରେ କୌଣସି ସମାଧାନର ପଥ ବାହାରୁ ନ ଥିବାରୁ ଏବେ କମାଣ୍ଡରସ୍ତରୀୟ ବୈଠକ ହେବାର ସମ୍ଭାବନା ରହିଛି। ସୁରକ୍ଷା ଦୃଷ୍ଟିରୁ ଲେହରେ ଭାରତୀୟ ବାୟୁସେନା ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ କରାଯାଉଛି। ସେହିପରି ଦିନରେ ମଧ୍ୟ ବାୟୁସେନା ବିମାନ ପଇଁତରା ମାରୁଛି। ପୂର୍ବ ଲଦାଖର ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାବେଳେ ଏଠାରେ ଚାଇନାର ୩୦ରୁ ୪୦ ସୈନ୍ୟ ରେଜାଙ୍ଗ୍-ଲା ରିଜ୍‌ଲାଇନ୍‌ରେ ଜମା ହୋଇ ରହିଛନ୍ତି। ଏନେଇ ଭାରତୀୟ ସେନାକୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ଜୟଶଙ୍କର-ୟାଙ୍ଗ ଆଲୋଚନା



**ମସ୍କୋ, ୧୦।୯:** ରୁଷିଆ ରାଜଧାନୀ ମସ୍କୋଠାରେ ସାଙ୍ଘାଇ ସହଯୋଗ ସଙ୍ଗଠନ( ଏସସିଓ) ବୈଦେଶିକ ମନ୍ତ୍ରୀଙ୍କ ବୈଠକ ପୃଷ୍ଠଭୂମିରେ ଭାରତର ବର୍ହିବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ଓ ଚାଇନା ପ୍ରତିପକ୍ଷ ୟାଙ୍ଗ ୟି ଗୁରୁବାର ଆଲୋଚନା କରିଛନ୍ତି। ସନ୍ଧ୍ୟାରେ ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ସୂଚନା ଦେଇ ବର୍ହିବ୍ୟାପାର ମନ୍ତ୍ରାଳୟର ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କହିଛନ୍ତି, ଉଭୟ ନେତା ପୂର୍ବ ଲଦାଖରେ ଦେଖାଦେଇଥିବା ଉତ୍ତେଜନା ସ୍ଥିତି ନେଇ କଥାବାର୍ତ୍ତା କରିଛନ୍ତି। ସେ ସୂଚନା ଦେଇଛନ୍ତି, ଭାରତ ୨ ଦେଶରେ ସୀମା ବିବାଦକୁ ଶାନ୍ତିପୂର୍ଣ୍ଣ ସମାଧାନ କରିବା ଲାଗି ବେଶ ଆଗ୍ରହୀ। କୁଟନୈତିକ ଓ ସାମାରିକ ସ୍ତରୀୟ ଆଲୋଚନା ଜରିଆରେ ସମସ୍ତ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି)ର ସମାଧାନ କଥା ଜାରି ରହିଥିବା ସେ କହିଛନ୍ତି।

## ପରେଶ ରାୱଲ ଏନ୍‌ଏସ୍‌ଡିର ନୂଆ ଅଧ୍ୟକ୍ଷ



**ନୂଆଦିଲ୍ଲୀ, ୧୦।୯(ପିଟି):** ବରିଷ୍ଠ ବଲିଉଡ୍ ଅଭିନେତା ପରେଶ ରାୱଲ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମା(ଏନ୍‌ଏସ୍‌ଡି)ର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅଭିନେତା ପରେଶଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ୨୦୧୭ରୁ ଏନ୍‌ଏସ୍‌ଡିର ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିଲା। ଦେଶର ଏହି ପ୍ରମୁଖ ତଥା ସୁନାମଧନ୍ୟ ନାଟ୍ୟ ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇ ବହୁ ପ୍ରତିଭା ଆଜି ଦେଶରେ ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି। ପରେଶଙ୍କ ଭଳି ଜଣେ ଅଭିଜ୍ଞ କଳାକାର ଏନ୍‌ଏସ୍‌ଡିର ଅଧ୍ୟକ୍ଷ ହେବା ଗୌରବର ବିଷୟ। ତାଙ୍କ ମାର୍ଗଦର୍ଶନରେ ଏନ୍‌ଏସ୍‌ଡି ଆହୁରି ଆଗକୁ ବଢ଼ିବ ବୋଲି ସଂସ୍ଥା ପକ୍ଷରୁ ଟୁଇଟ୍ କରି କୁହାଯାଇଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ୍ ମଧ୍ୟ ପରେଶଙ୍କ ନିଯୁକ୍ତି ଯୋଗୁ ଛାତ୍ରୀଛାତ୍ର ତାଙ୍କ ପ୍ରତିଭାର ଭରପୁର ଲାଭ ଉଠାଇବେ ବୋଲି କହିଛନ୍ତି।

## ପିଏମ୍‌ଏମ୍‌ଏସ୍‌ୱାଇର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୦।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (ପିଏମଏମଏସୱାଇ)ର ଶୁଭାରମ୍ଭ କରିଛନ୍ତି। ଡିଜିଟାଲ ମାଧ୍ୟମ ଜରିଆରେ ସେ ମଧ୍ୟ ଇ-ଗୋପାଳ ଆପର ଲୋକାର୍ପଣ କରିଛନ୍ତି। କୃଷକମାନଙ୍କ ସହ ସିଧାସଳଖ ବ୍ୟବହାର ଦିଗରେ ଏହା ବିଶେଷ ସହାୟକ ହେବ। ଏହି ଅବସରରେ ବିହାରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ଦିଗରେ ଅନେକ ପଦକ୍ଷେପ ନିଆଯାଇଥିବା କହିଛନ୍ତି।

ପିଏମଏମଏସୱାଇ ଆତ୍ମନିର୍ଭର ଭାରତ ଯୋଜନାର ଅଂଶସ୍ୱରୂପ ମତ୍ସ୍ୟଚାଷୀଙ୍କ ପାଇଁ ଏକ ମହତକାଂକ୍ଷୀ ଯୋଜନା। ଏଥିଲାଗି ୨୦ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ନେଇ ଲକ୍ଷ୍ୟ ରଖାଯାଇଛି। ୨୦୨୪-୨୦୨୫ ଆର୍ଥିକ ବର୍ଷ ସୁଦ୍ଧା ଅତିରିକ୍ତ ୭୦ ଲକ୍ଷ ଟନ ମତ୍ସ୍ୟ ଉତ୍ପାଦନ କରାଯିବା ସମ୍ଭାବନା ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଦେଶର ୨୧ଟି ରାଜ୍ୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବିହାରର ପାଟଣା, ପୁନିଆ, ସିତାମାରୀ, ମାଦେପୁରା, ଗିଶନଗଞ୍ଜ ଓ ସମସ୍ତିପୁରରେ ମତ୍ସ୍ୟ ଭିତ୍ତିଭୂମିର ଶିଳାନ୍ୟାସ କରାଯାଇଛି।

ଇ-ଗୋପାଳ ଆପର ଶୁଭାରମ୍ଭ କରି ମୋଦୀ କହିଛନ୍ତି, ଏହି ଡିଜିଟାଲ ପ୍ଲାଟଫର୍ମ ଜରିଆରେ କୃଷକମାନେ ଗୋ-ସମ୍ପଦ ବିଷୟରେ ଆବଶ୍ୟକୀୟ ତଥ୍ୟ ଓ ସୁବିଧା ପାଇପାରିବେ। ଫଳରେ ଗୋ-ସମ୍ପଦ ମାଲିକମାନେ ଗୋରୁଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟ ବିଷୟରେ ସବିଶେଷ ସୂଚନା ପାଇପାରିବେ।

## ଆରଜେଡି ଛାଡ଼ିଲେ ରଘୁବଂଶ ପ୍ରସାଦ ସିଂ



ପାଟନା,୧୦।୯

ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ର ବରିଷ୍ଠ ନେତା ରଘୁବଂଶ ପ୍ରସାଦ ସିଂ ଗୁରୁବାର ଦଳରୁ ଇସ୍ତଫା ଦେଇଛନ୍ତି। ଦଳ ସଭାପତି ଲାଲୁ ପ୍ରସାଦ ଯାଦବଙ୍କୁ ଏକ ପତ୍ର ଲେଖି ସେ କହିଛନ୍ତି ଯେ, କର୍ପୁରି ଠାକୁରଙ୍କ ମୃତ୍ୟୁ ପରେ ସେ ୩୨ ବର୍ଷ ଧରି ତାଙ୍କୁ ସମର୍ଥନ ଦେଇ ଆସୁଥିଲେ। ବିହାର ନିର୍ବାଚନ ପୂର୍ବରୁ ରଘୁବଂଶଙ୍କ ଇସ୍ତଫା ଦଳକୁ ଏକ ଶକ୍ତ ଧକ୍କା ପହଞ୍ଚାଇଥିବା କୁହାଯାଉଛି। ରଘୁବଂଶ ପ୍ରସାଦ ଏବେ ନୂଆଦିଲ୍ଲୀସ୍ଥିତ ଏମ୍ସରେ କୋଭିଡ୍-୧୯ ପରବର୍ତ୍ତୀ ଚିକିତ୍ସାରେ ଅଛନ୍ତି। ସେଠାରୁ ସେ ତାଙ୍କ ଇସ୍ତଫା ପତ୍ର ଦେଇଥିବା ଜଣାପଡ଼ିଛି। ରଘୁବଂଶ ଦଳର ପ୍ରତିଷ୍ଠାତା ସଦସ୍ୟ ଥିବାରୁ ତାଙ୍କ ଇସ୍ତଫା ଆରଜେଡି ପାଇଁ ନିଶ୍ଚିତ କ୍ଷତି ପହଞ୍ଚାଇବ ବୋଲି ଜଣେ ଦଳୀୟ କର୍ମୀ କହିଛନ୍ତି।

## ଦିନକରେ ୯୫ ହଜାରରୁ ଅଧିକ ଆକ୍ରାନ୍ତ

**ନୂଆଦିଲ୍ଲୀ, ୧୦।୯:** ଦେଶରେ କରୋନା ମହାମାରୀ ସଂକ୍ରମଣ ତାଣ୍ଡବ ଯୋଗୁ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ପ୍ରତିଦିନ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ବୃଦ୍ଧି ନେଇ ସରକାରଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଗୁରୁବାର କରୋନା ସଂକ୍ରମଣ ଏହାର ପୂର୍ବ ସମସ୍ତ ରେକର୍ଡ ଭାଙ୍ଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ୯୫ ହଜାର ୭୩୫ ଜଣ ନୂଆ କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ୧୧୭୨ ଜଣଙ୍କ ମୃତ୍ୟୁ ଘଟିଛି। ଇତିମଧ୍ୟରେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୪ ଲକ୍ଷ ୬୫ ହଜାର ୮୬୪ ଛୁଇଁଛି। ସେହିପରି ମୃତକଙ୍କ ସଂଖ୍ୟା ୭୫ହଜାର ୬୨ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ୩୪ ଲକ୍ଷ ୭୧ ହଜାର ୭୮୪ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେହିପରି ୯ ଲକ୍ଷ ୧୯ ହଜାର ୧୮ଜଣ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ସେପ୍ଟେମ୍ବର ୯ ସୁଦ୍ଧା ଦେଶରେ ୫ କୋଟି ୨୯ ଲକ୍ଷ ୩୪ ହଜାର ୪୩୩ ଲୋକଙ୍କ ନମୁନା ପରୀକ୍ଷା କରାଯାଇଥିବା ଆଇସିଏମ୍‌ଆର୍ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ୧୧ ଲକ୍ଷ ୨୯ ହଜାର ୭୫୬ ଜଣଙ୍କ ନମୁନା ପରୀକ୍ଷା ହୋଇଛି। ମହାରାଷ୍ଟ୍ରରେ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ ରହିଛି। ଏହା ପଛକୁ ଆନ୍ଧ୍ରପ୍ରଦେଶ ରହିଛି। ମହାରାଷ୍ଟ୍ରରେ ୯ ଲକ୍ଷ ୬୭ ହଜାର ୩୪୯ ଆକ୍ରାନ୍ତ ରହିଛନ୍ତି। ଗତ ୨୪ ଘଣ୍ଟାରେ ଏଠାରେ ୨୩ ହଜାର ୮୧୬ ନୂଆ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଆନ୍ଧ୍ରପ୍ରଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫ ଲକ୍ଷ ୨୭ ହଜାର ୫୧୨ ରହିଛି।

## ଜେଲ୍‌ରେ ରିଆଙ୍କ ପ୍ରଥମ ରାତି



ରିଆ ଚକ୍ରବର୍ତ୍ତୀ

**ମୁମ୍ବାଇ:** ଅଭିନେତା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା ମାମଲାରେ ଡ୍ରଗ୍ସ କନେକ୍ସନ ଆସିବା ପରେ ଅଭିଯୁକ୍ତ ରିଆ ଚକ୍ରବର୍ତ୍ତୀଙ୍କୁ ଗିରଫ କରି ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇଛି ନିଶା ନିବାରଣ ବ୍ୟୁରୋ (ଏନସିବି)। ରିଆଙ୍କୁ ବାଇକୁଲ୍ଲା ମହିଳା କାରାଗାରକୁ ସ୍ଥାନାନ୍ତର କରାଯାଇଥିଲା। ରିଆ ଜେଲ୍‌ରେ ପ୍ରଥମ ରାତି ଅଶାନ୍ତ ଭାବରେ କାଟିଥିଲେ ବୋଲି ଜଣାପଡିଛି। ସୁରକ୍ଷା ଦୃଷ୍ଟିରୁ ରିଆ ଚକ୍ରବର୍ତ୍ତୀଙ୍କୁ ଜେଲର ତଳ ମହଲାରେ ଏକ ଅଲଗା କୋଠରୀରେ ରଖାଯାଇଛି। ଦିନରେ ମଧ୍ୟାହ୍ନ ଭୋଜନ ପରେ ଜେଲରେ ରାତ୍ର ଭୋଜନ କରିଥିଲେ। ସେ ରାତିରେ ଦୁଇଟି ରୁଟି, ଭାତ, ମସୁର ଡାଲି ଏବଂ ତରକାରୀ ଖାଇଥିଲେ। ବ୍ୟାରେକରେ କଏଦୀଙ୍କୁ ଗୋଟିଏ ତକିଆ, ଗୋଟିଏ ସପ, ଏହା ଉପରେ ପକାଇବାକୁ ଏକ ଚାଦର ଦିଆଯାଇଥାଏ। କଏଦୀ ନିଜେ ନିଜ ବିଛଣା ପାରିବାକୁ ପଡେ। ରିଆ ମଧ୍ୟ ତାହା କରିଥିଲେ। ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ସହ ଜଡିତ ଡ୍ରଗ୍ସ ମାମଲାରେ ଗିରଫ ହୋଇଥିବା ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ମୁମ୍ବାଇର ସେସନ୍ସ କୋର୍ଟରେ ଜାମିନ ଆବେଦନ କରିଛନ୍ତି।

# ଫୁରସତ୍

## ପ୍ରେମରେ ପାଗଳ ଥିଲେ ଶ୍ରଦ୍ଧା



ଶ୍ରଦ୍ଧା କପୁର

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଶ୍ରଦ୍ଧା କପୁର ହେଉଛନ୍ତି ବେଶ୍ ସଫଳ। ବର୍ତ୍ତମାନ ସମୟରେ ବଲିଉଡ୍‌ରେ ଶ୍ରେଷ୍ଠ ଅଭିନେତ୍ରୀଙ୍କ ମଧ୍ୟରେ ସେ ହେଉଛନ୍ତି ଜଣେ। ବର୍ତ୍ତମାନ ସେ ବଲିଉଡ୍‌ରେ ହାଇଏଷ୍ଟ ବଜେଟ୍‌ର ପ୍ରାଇସ୍ ନେଉଛନ୍ତି। ବାପାମା'ଙ୍କର ଶ୍ରଦ୍ଧା ହେଉଛନ୍ତି ଅଲିଅଳୀ କନ୍ୟା। ଛୋଟବେଳୁ ଫିଲ୍ମ କରିବା ପାଇଁ ତାଙ୍କର ଡ୍ରିମ୍ ଥିଲା। ଶ୍ରଦ୍ଧା ଦେଖିବାକୁ ଯେମିତି ସୁନ୍ଦରୀ ତାଙ୍କ ଅଭିନୟ ମଧ୍ୟ ସେତିକି ଦମ୍‌ଦାର୍। ୨୦୧୩ରେ 'ଆଶିକି' ମୁଭିରୁ ତାଙ୍କୁ ବଡ଼ ସଫଳତା ମିଳିଥିଲା। ତା'ପରେ ସେ ପଛକୁ ଚାହିଁ ନାହାନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସେ ଅନେକ ଛୋଟ ଏବଂ ବଡ ବଜେଟ୍ ସିନେମାରେ କାମ କରିସାରିଛନ୍ତି। ତାଙ୍କର ଅନେକ ଫିଲ୍ମ ବକ୍ସ ଅଫିସରେ ଭଲ ବ୍ୟବସାୟ ମଧ୍ୟ କରିଛି। ଗତ ବର୍ଷ ତାଙ୍କୁ ବରୁଣ ଧୱନଙ୍କ ସହ ଫିଲ୍ମ 'ଷ୍ଟ୍ରିଟ ଡ୍ୟାନ୍ସର' ଏବଂ ସାଉଥ ସୁପରଷ୍ଟାର ପ୍ରଭାସଙ୍କ ସହ 'ସାହୋ'ରେ ଦେଖିବାକୁ ମିଳିଥିଲା। 'ସାହୋ' ଏକ ବିଗ୍ ବଜେଟ ଫିଲ୍ମ ଥିଲା। ତେବେ ଏକ ସମୟରେ ଶ୍ରଦ୍ଧା ବ୍ୟକ୍ତିଗତ ଜୀବନକୁ ନେଇ ଖୁବ ଚର୍ଚ୍ଚାରେ ଥିଲେ। ସେ ବିବାହିତ ଅଭିନେତା ଫରହାନ ଅଖତରଙ୍କ ପ୍ରେମରେ ପାଗଳ ଥିଲେ। ଏପରିକି ଶ୍ରଦ୍ଧା ତାଙ୍କ ସହ ଏକାଠି ରହିବାକୁ ଚାହୁଁଥିଲେ। ତେଣୁ ସେ ଫରହାନ୍‌ଙ୍କ ଘରେ ପହଞ୍ଚି ଯାଇଥିଲେ। ଏହା ଶ୍ରଦ୍ଧାଙ୍କ ମା' ବାପା ଜାଣିବା ପରେ ଫରହାନ୍‌ଙ୍କ ଘରେ ପହଞ୍ଚି ଝିଅକୁ ନେଇ ଯାଇଥିଲେ। ସେହି ସମୟରେ ଏହି ଖବରକୁନେଇ ଚର୍ଚ୍ଚା ଜୋର୍‌ଧରିଥିଲା।

## ୧୧ ଫୁଟର ସୂର୍ଯ୍ୟମୁଖୀ



**ନୂଆଦିଲ୍ଲୀ:** ସୂର୍ଯ୍ୟମୁଖୀ ଫୁଲ ଦେଖିବାକୁ ଖୁବ୍ ସୁନ୍ଦର। ତେବେ ଗୋଟିଏ ସୂର୍ଯ୍ୟମୁଖୀ ଫୁଲ ଯେ ୧୧ ଫୁଟର ହୋଇପାରେ ଏକଥାକୁ ସହଜରେ କେହି ବିଶ୍ୱାସ କରିପାରିବେ ନାହିଁ। କିନ୍ତୁ ଏଭଳି ଏକ ବିରାଟ ବଡ଼ ସୂର୍ଯ୍ୟମୁଖୀ ଫୁଲ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ସୋସିଆଲ୍ ମିଡିଆରେ ଏଭଳି ଏକ ବିରାଟ ସୂର୍ଯ୍ୟମୁଖୀ ଫୁଲର ଫଟୋକୁ ଶେୟାର କରିଛି ରେଡିଟ୍। ଏତେ ବଡ଼ ଫୁଲକୁ ପୋଷ୍ଟ କରିବା ପରେ ଏହି ପୋଷ୍ଟର କ୍ୟାପ୍‌ସନରେ ଲେଖାଯାଇଛି କି ୧୩ ବର୍ଷର ଜଣେ ବାଳକ ଏଭଳି ଏକ ସୂର୍ଯ୍ୟମୁଖୀ ଫୁଲଗଛ ଲଗାଇ ତାକୁ ବଡ଼ କରିଛନ୍ତି। ବାଳକଜଣକ ହିଁ ଅତି ଯତ୍ନରେ ଏତେ ବଡ଼ ଫୁଲ ଗଛ ସୃଷ୍ଟି କରିପାରିଛନ୍ତି। ଫୁଲଟି ବହୁତ ବଡ଼ ହୋଇଥିବାରୁ ଏହାକୁ ମାମଥ୍ ଫ୍ଲାୱାର ବୋଲି ସୋସିଆଲ ମିଡିଆରେ ଏହାର କ୍ୟାପସନ୍‌ରେ ଲେଖାଯାଇଛି। ଅର୍ଥାତ୍ ଏକ ବିଶେଷ ପ୍ରକାରର ହାତୀ ଭଳି ବିରାଟକାୟ ଫୁଲ। ଏଭଳି ଏକ ବିରାଟ ଫୁଲକୁ ସୋସିଆଲ ମିଡିଆରେ ଦେଖି କିଛି ଲୋକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ତେବେ ଆଉ କିଛି ଲୋକ ନିଜେ ଅନ୍ୟ କୌଣସି ସ୍ଥାନରେ ଦେଖିଥିବା କିମ୍ବା ନିଜ ବାଡ଼ିରେ ବଡ଼ କରିଥିବା ବିରାଟ ଫୁଲ ବା ପତ୍ର ଆଦି ସମ୍ପର୍କରେ ଫଟୋ ଶେୟାର କରି ଜଣାଇଛନ୍ତି। ତେବେ ସୂର୍ଯ୍ୟମୁଖୀ ଫୁଲ ଯେ ଏତେ ବଡ଼ ହୋଇପାରେ ଏକଥାକୁ ଫଟୋ ଦେଖିବା ପରେ ଲୋକେ ବିଶ୍ୱାସ କରିଛନ୍ତି। ଏହା ସହିତ ଯତ୍ନ କଲେ ଯେ ବହୁ ଅସମ୍ଭବ ସମ୍ଭବ ହୋଇପାରେ ଏକଥା ମଧ୍ୟ ଅନେକ ନିଜ ପ୍ରତିକ୍ରିୟାରେ ସୋସିଆଲ ମିଡିଆରେ ଜଣାଇଛନ୍ତି। ଏତେ କମ୍ ବୟସରେ ଜଣେ ବାଳକ ଗଛ ଲଗାଇ ତା'ର ଯତ୍ନ ନେବା ପାଇଁ ଯେଉଁଭଳି ଚେଷ୍ଟା କରିଛନ୍ତି ତାହା ନିଶ୍ଚିତଭାବେ ପ୍ରଶଂସାଯୋଗ୍ୟ ବୋଲି ଲୋକେ ମତ ଦେଇଛନ୍ତି।

## ଅଭିନେତ୍ରୀଙ୍କ ପ୍ରେମରେ ପୃଥ୍ୱୀ



ପୃଥ୍ୱୀ ଶ'

**ମୁମ୍ବାଇ:** ମାତ୍ର ୧୮ ବର୍ଷ ବୟସରେ ଟେଷ୍ଟ ଡେବ୍ୟୁ ମ୍ୟାଚ୍‌ରେ ଶତକ ହାସଲ କରିଥିବା ପୃଥ୍ୱୀ ଶ' ଏବେ ଜଣେ ଅଭିନେତ୍ରୀଙ୍କ ପ୍ରେମରେ ପଡିଥିବା ଚର୍ଚ୍ଚା ହେଉଛି। ଏହି ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ପ୍ରାଚୀ ସିଂ। ସୋସିଆଲ ମିଡିଆରେ ବାର୍ତ୍ତାଳାପ ଦେଖି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଆଲୋଚନା ହେଉଛି। ପୂର୍ବରୁ ଶ' ଏବଂ ପ୍ରାଚୀଙ୍କ ମଧ୍ୟରେ ବେଶ୍ ଭଲ ବନ୍ଧୁତା ଥିବା ଜଣାପଡିଛି। କ୍ରିକେଟରୁ ସମୟ ମିଳିଲେ ପ୍ରାଚୀଙ୍କ ସହ ବୁଲିବାକୁ ଯାଆନ୍ତି ଶ'। ଭାରତୀୟ ଦଳର ଆଗାମୀ ଷ୍ଟାର୍ କୁହାଯାଉଥିବା ଶ' ଏବେ ଆଇପିଏଲ୍ ଖେଳିବା ପାଇଁ ୟୁଏଇ ଯାଇଛନ୍ତି। ସେଠାରେ ସୋସିଆଲ ମିଡିଆରେ ସେ ପ୍ରାଚୀଙ୍କ ସହ ଥଟ୍ଟାମଜା କରୁଥିବା ଚାଟ୍ ଏବେ ଭାଇରାଲ ହୋଇଛି। ଉଭୟ ପରସ୍ପରକୁ ମିସ୍ କରୁଥିବା ମଧ୍ୟ କହିଛନ୍ତି। ସୂଚନାଯୋଗ୍ୟ, ଟିମ ଇଣ୍ଡିଆର ପରବର୍ତ୍ତୀ ସୁପରଷ୍ଟାର ଭାବରେ ଶ'ଙ୍କୁ ସଚିନ ତେନ୍ଦୁଲକର ଏବଂ ବ୍ରାଏନ ଲାରାଙ୍କ ଭଳି କିମ୍ବଦନ୍ତୀ ସହିତ ତୁଳନା କରାଯାଏ। ଆହତ କାରଣରୁ ଶ' କିଛି ଦିନ ପାଇଁ କ୍ରିକେଟରୁ ଦୂରେଇ ରହିଥିଲେ।

## ଧୋନୀଙ୍କୁ ମିସ୍ କରୁଛନ୍ତି 'ନଂ ୱାନ୍ ଫ୍ୟାନ୍'

**ରାଞ୍ଚି:** କରୋନା ଯୋଗୁ ଚଳିତ ବର୍ଷ ଆଇପିଏଲ୍ ଭାରତରେ ନୁହେଁ ୟୁଏଇରେ ଆୟୋଜିତ ହେଉଛି। କରୋନା ବିପଦ ଦେଖି ଅନେକ ଖେଳାଳି ଏଥର ନିଜ ପରିବାରକୁ ସାଙ୍ଗରେ ନେଇ ନାହାନ୍ତି। ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସର ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଝିଅ ଜିଭା ଏବଂ ସ୍ତ୍ରୀ ସାକ୍ଷୀଙ୍କୁ ଆଇପିଏଲ୍‌ରେ ଦେଖିବାକୁ ମିଳୁଥିଲା। ଏଥର କିନ୍ତୁ ଧୋନୀ କରୋନା ଯୋଗୁ ପରିବାରକୁ ସାଙ୍ଗରେ ନେଇନାହାନ୍ତି। ଏଭଳି ପରିସ୍ଥିତିରେ ଜିଭା ପିତାଙ୍କୁ ବହୁତ ମିସ୍ କରୁଛନ୍ତି। ନିକଟରେ ଜିଭାଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ଭିଡିଓରେ ସେ ଧୋନୀଙ୍କ ସ୍କେଚ ସହିତ ମାମାଙ୍କ ପ୍ରଶ୍ନର ଉତ୍ତର ଦେଉଛନ୍ତି। ଧୋନୀଙ୍କ ଅଫିସିଆଲ ସୋସିଆଲ ମିଡିଆ ଆକାଉଣ୍ଟରେ ଏହି ଭିଡିଓଟି ଶେୟାର କରାଯାଇଛି। ଏହି ଭିଡିଓରେ ଧୋନୀଙ୍କ ସ୍କେଚ ସହିତ ଠିଆ ହୋଇଥିବା ନଜର ଆସିଛନ୍ତି ଜିଭା। ସାକ୍ଷୀ ଝିଅକୁ ପଚାରୁଛନ୍ତି ଯେ ଇଏ କିଏ, ଯାହାର ଉତ୍ତରରେ ଜିଭା କହିଛନ୍ତି ଯେ ସେ ମୋ ପିତା। ତା'ପରେ ସେ ପଚାରିଛନ୍ତି - ଏହା ନିଶ୍ଚିତ କି? ଏହାର ଉତ୍ତରରେ ଜିଭା କହିଛନ୍ତି ହଁ ମୁଁ ନିଶ୍ଚିତ। ଭିଡିଓର କ୍ୟାପସନରେ ସାକ୍ଷୀ ଲେଖିଛନ୍ତି ପିତାଙ୍କର ସବୁଠାରୁ ବଡ଼ ପ୍ରଶଂସକ।



ଜିଭା

## ମଡର୍ନ ଥାଳି

**ନୂଆଦିଲ୍ଲୀ:** ଖାଇବା ପାଇଁ ବିଭିନ୍ନ ହୋଟେଲରେ ସୁନ୍ଦରଭାବେ ଥାଳି ସଜାଡ଼ି ପରଷା ଯାଇଥାଏ। ତେବେ ଆଜିକାଲି ମଡର୍ନ ଥାଳିରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ସହିତ ଏକ ବିଶେଷ ପ୍ରକାରର ଆଇଟମ୍ ରହୁଛି, ଯେଉଁଥିପାଇଁ ସମସ୍ତଙ୍କର ସ୍ୱତନ୍ତ୍ର ଆକର୍ଷଣ ରହୁଛି। ହଁ ମଡର୍ନ ଥାଳିରେ ଆଜିକାଲି ସମସ୍ତଙ୍କ ପାଇଁ ତରକାରି ରହିବା ସ୍ଥାନରେ ରହୁଛି ସ୍ମାର୍ଟଫୋନ୍। ମଡର୍ନ ଥାଳିର ଏଭଳି ରୂପକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି ଭାରତୀୟ କ୍ରିକେଟ ଖେଳାଳି ହରଭଜନ ସିଂହ। ମଡର୍ନ ଥାଳିରେ ଏବେ ସମସ୍ତଙ୍କ ପାଇଁ ଫୋନର ଉପସ୍ଥିତି ନେଇ ହରଭଜନ ସିଂହ ନିଜ ଟୁଇଟରରେ କହିଛନ୍ତି। ଖାଦ୍ୟ ଥାଳିରେ ସ୍ମାର୍ଟଫୋନ ରହିଥିବାର ଏକ ଫଟୋକୁ ଶେୟାର କରି ସେ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜଣାଇଛନ୍ତି। ଅବଶ୍ୟ ଲୋକଙ୍କ ସହ ମଜା କରିବା ପାଇଁ ସେ ଏଭଳି ଏକ ଫଟୋ ଶେୟାର କରିଛନ୍ତି ସତ, କିନ୍ତୁ ଏବେ ଏହାର ସତ୍ୟତାକୁ ହିଁ ଲୋକେ ଅନୁଭବ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୮୧,୧୦,୮୩୯ | ୯,୦୯,୫୪୮ | ୨,୦୧,୨୨,୦୨୭ |
| ଭାରତ | ୪୪,୯୪,୩୮୯ | ୭୫,୩୨୮ | ୩୪,୯୦,୯୦୮ |
| ଓଡ଼ିଶା | ୧,୩୯,୧୨୧ | ୫୯୧(+୫୩) | ୧,୦୮,୦୦୧ |

ଗୁରୁବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୪ହଜାର ଛୁଇଁବ ଦୈନିକ ସଂକ୍ରମଣ

**ଭୁବନେଶ୍ୱର, ୧୦।୯(ବ୍ୟୁରୋ)**

ସେପ୍ଟେମ୍ବରରେ କରୋନା ମହାମାରୀ ଅଧିକ ସକ୍ରିୟ ହୋଇଉଠିଛି। ମାସ ଆରମ୍ଭରୁ ଏପର୍ଯ୍ୟନ୍ତ ଦୈନିକ ସଂକ୍ରମଣ ୩ହଜାର ଉପରେ ରହୁଥିବାବେଳେ ଏବେ ୪ହଜାର ନିକଟତର ହୋଇଛି। ଶେଷ ୨୪ ଘଣ୍ଟାରେ ସଂକ୍ରମଣର ସବୁ ରେକର୍ଡ ଭାଙ୍ଗିଥିବାବେଳେ ୩୦ ଜିଲାରୁ ମୋଟ ୩,୯୯୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧,୩୯,୧୨୧ରେ ପହଞ୍ଚିଛି। ଇତିମଧ୍ୟରେ ରାଜ୍ୟରେ ୨୨ଲକ୍ଷ ୭୩ହଜାର ୫୯୭ ନମୁନା ପରୀକ୍ଷା ହୋଇଥିବାବେଳେ ପଜିଟିଭ୍ ହାର ୬.୧୨% ରହିଛି। ସେହିଭଳି କରୋନାଜନିତ ମୃତ୍ୟୁ ୬ଶହ ମୁହାଁ ହୋଇଛି। ରାଜ୍ୟରେ ଆଉ ୧୧ଜଣଙ୍କ ଜୀବନ ଯିବାପରେ ମୃତ୍ୟୁ ସଂଖ୍ୟା ୫୯୧ ଛୁଇଁଛି।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟ ଅନୁସାରେ, ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ କ୍ୱାରାଣ୍ଟାଇନ୍‌ରେ ୨,୩୧୫ଜଣ ରହିଥିବାବେଳେ ସ୍ଥାନୀୟ ସଂକ୍ରମିତ ୧,୬୭୬ଜଣ ରହିଛନ୍ତି। ସଂକ୍ରମଣରେ ଶୀର୍ଷରେ ଥିବା ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୬୮୭ଜଣ ଚିହ୍ନଟ ହୋଇଥିବାବେଳେ କଟକରୁ ୩୯୨, ପୁରୀ ୩୩୨, ବଲାଙ୍ଗୀର ୧୮୦, ବରଗଡ଼ ୧୬୯, ମୟୂରଭଞ୍ଜ ୧୬୦, ଯାଜପୁର ୧୪୮, କେନ୍ଦ୍ରାପଡ଼ା ୧୪୭, କୋରାପୁଟ ୧୨୭, ନବରଙ୍ଗପୁର ୧୨୫, ଅନୁଗୋଳ ୧୧୪, ଜଗତ୍‌ସିଂହପୁର ୧୦୯, ସମ୍ବଲପୁର ୧୦୪ ଓ ଢେଙ୍କାନାଳରୁ ଆଉ ୧୦୧ ପଜିଟିଭ୍ ବାହାରିଛନ୍ତି। ସେହିଭଳି ଅନ୍ୟସବୁ ଜିଲାରୁ ଶହେ ତଳକୁ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଗଜପତିରୁ ସବୁଠାରୁ କମ୍ ୧୮ଜଣ ରହିଛନ୍ତି।

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ, ସଂକ୍ରମଣରେ ଗଞ୍ଜାମ ଜିଲା ଦ୍ୱିତୀୟ ସ୍ଥାନକୁ ଖସି ଆସିଥିଲେ ମଧ୍ୟ ମୃତ୍ୟୁରେ ପୂର୍ବସ୍ଥିତି ବଜାୟ ରଖି ଶୀର୍ଷରେ ରହିଛି। ନୂଆ ମୃତକଙ୍କ ମଧ୍ୟରେ ଭୁବନେଶ୍ୱର, କଟକ ଓ ପୁରୀ ଜିଲାରୁ ୨ଜଣ ଲେଖାଏ ରହିଥିବାବେଳେ ଭଦ୍ରକ, ଗଞ୍ଜାମ, କୋରାପୁଟ, ନୟାଗଡ଼ ଓ ରାୟଗଡ଼ା ଜିଲାରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ ଗଞ୍ଜାମରେ ସର୍ବାଧିକ ୨୧୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଖୋର୍ଦ୍ଧା ୮୨, କଟକ ୪୧, ସୁନ୍ଦରଗଡ଼ ୩୮, ରାୟଗଡ଼ା ୩୨, ପୁରୀ ୨୨, ଗଜପତି ୧୮, ନୟାଗଡ଼ ୧୫, ବାଲେଶ୍ୱର ଓ କନ୍ଧମାଳ ୧୪ଜଣ ଲେଖାଏ ଏବଂ ଭଦ୍ରକରେ ମୃତ୍ୟୁ ସଂଖ୍ୟା ୧୦ ଛୁଇଁଛି। ସେହିଭଳି ପ୍ରତିଦିନ ପରି ଆଉ ୨୭୦୬ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିମଧ୍ୟରୁ କଟକ ଜିଲାରୁ ସର୍ବାଧିକ ୪୧୧ଜଣ ରହିଛନ୍ତି। ଫଳରେ ଆରୋଗ୍ୟ ସଂଖ୍ୟା ୧,୦୮୦୦୧କୁ ବୃଦ୍ଧି ପାଇଛି।

**ରେକର୍ଡ ସଂଖ୍ୟକ ୩,୯୯୧ ଆକ୍ରାନ୍ତ, ୧୧ ମୃତ**

- ସଂକ୍ରମଣରେ ଖୋର୍ଦ୍ଧା, ମୃତ୍ୟୁରେ ଗଞ୍ଜାମ ଆଗରେ
- ଆକ୍ରାନ୍ତ ସଂଖ୍ୟା ୧,୩୯,୧୨୧ରେ ପହଞ୍ଚିଲା, ମୃତ୍ୟୁ ୫୯୧

## ମାସ ଶେଷବେଳକୁ ସଂକ୍ରମଣ କମିପାରେ

ଆକ୍ରାନ୍ତଙ୍କ ସଂଖ୍ୟା ଚିନ୍ତା ବଢ଼ାଉଥିବା ସମୟରେ ଆଶ୍ୱସ୍ତିକର ଖବର ଆସିଛି। ଚଳିତ ମାସ ଶେଷବେଳକୁ ସଂକ୍ରମଣ କମିବା ଆରମ୍ଭ କରିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ଆଶାବ୍ୟକ୍ତ କରିଛନ୍ତି। ତେବେ କେବେଠୁ କମିବ ତାହା ନିର୍ଦ୍ଦିଷ୍ଟ ଭାବେ କହିବା କଷ୍ଟକର ହେବ। ଏଥିପାଇଁ ଲୋକେ କୋଭିଡ୍ ଗାଇଡଲାଇନକୁ ମାନିବାକୁ ପଡ଼ିବ। ନଚେତ୍ ପଜିଟିଭ୍ ସଂଖ୍ୟା ବଢ଼ିବ। ବର୍ତ୍ତମାନ ରାଜ୍ୟରେ ୮୦% ଆକ୍ରାନ୍ତ ଲକ୍ଷଣବିହୀନ ଅଛନ୍ତି। ତେଣୁ ଆମେ ହୋମ୍ ଆଇସୋଲେଶନକୁ ଅଧିକ ଗୁରୁତ୍ୱ ଦେଉଛୁ। ବିଶେଷକରି କଟକ ଓ ଭୁବନେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହୁଥିବାରୁ ହୋମ୍ ଆଇସୋଲେଶନରେ ରହୁଥିବା ଆକ୍ରାନ୍ତ କଲ୍‌ସେଣ୍ଟର ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ନେଇପାରିବେ। ଯଦି କାହାର ସ୍ୱାସ୍ଥ୍ୟ ଗୁରୁତର ହୁଏ ତେବେ ତାଙ୍କୁ ହସ୍ପିଟାଲ ନେବା ବ୍ୟବସ୍ଥା କରାଯିବ। ଅଧିକ ଆଇସିୟୁ, ବେଡ୍, ଆମ୍ବୁଲାନ୍ସ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

**ରାଜ୍ୟରେ ୮୦% ଆକ୍ରାନ୍ତ ଲକ୍ଷଣବିହୀନ**







**JHARSUGUDA:** Shree Balaji Automobiles, at Satgachhia, P. O. Lapanga, District - Sambalpur **JAJPUR:** Choicewheel Automotive Pvt. Ltd., at Khaira, P. O. Badachana, District - Jajpur **KEONJHAR:** Tarini Motors Pvt. Ltd., NH 6, Sankarpur, P. O. Nelung, District - Keonjhar



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ତିତିଲି
ପରିବାରବର୍ଗ


କୋଏଲ୍
ପରିବାରବର୍ଗ


ଦିବୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ୱଚ୍ଛ, ସବୁଜ ଭବିଷ୍ୟତ ଗଠନରେ ସହାୟକ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର୧୦।୯(ବ୍ୟୁରୋ)

### ଲୋକାର୍ପିତ ହେଲା ୫୬ ସିଏନ୍‌ଜି ଷ୍ଟେଶନ

ଦେଶର ତୈଳ ଏବଂ ଗ୍ୟାସ ରାଷ୍ଟ୍ରାୟତ୍ତ ଉଦ୍ୟୋଗ(ପିଏସୟୁ) ଓ ସେମାନଙ୍କ ଯୌଥ ଉଦ୍ୟୋଗ ସାହାଯ୍ୟରେ ଗ୍ୟାସ ଆଧାରିତ ଭିତିଭୂମି ନିର୍ମାଣରେ ଭାରତ ଅଗ୍ରସର ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୁରୁବାର ଭିଡିଓ କନଫରେନ୍ସିଂ ଯୋଗେ ରାଷ୍ଟ୍ର ଉଦ୍ଦେଶ୍ୟରେ ୫୬ଟି ସିଏନଜି ଷ୍ଟେସନ ଲୋକାର୍ପଣ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଲୋକାର୍ପିତ ସିଏନଜି ଷ୍ଟେସନ ଭାରତର ସ୍ୱଚ୍ଛ ଓ ସବୁଜ ଭବିଷ୍ୟତ ଗଠନ ଦିଗରେ ଥିବା ପ୍ରଚେଷ୍ଟାକୁ ସଶକ୍ତ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଳବାୟୁ ନ୍ୟାୟକୁ ନିଶ୍ଚିତ କରିବା ଓ ସମସ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ସ୍ୱଚ୍ଛ ଇନ୍ଧନ ଯୋଗାଇ ଦେବା ପାଇଁ ଦୃଢ ନିଶ୍ଚିତ। ରାଷ୍ଟ୍ର ଉଦ୍ଦେଶରେ ଅନେକ ସିଏନଜି ଷ୍ଟେସନ ଲୋକାର୍ପିତ କରାଯାଇଛି। ଆଗାମୀ ଦିନରେ


ଧର୍ମେନ୍ଦ୍ର ପ୍ରଧାନ

ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତିରେ ପରିଣତ କରିବାକୁ ଚେଷ୍ଟା କରାଯାଉଛି। ଦେଶର ୫ କୋଟି ଘରକୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି। ସେହିପରି ସ୍ୱର୍ଣ୍ଣ ଚତୁର୍ଭୁଜରେ ୧୦୦ ଏଲ୍‌ଏନ୍‌ଜି ଷ୍ଟେସନ ପ୍ରତିଷ୍ଠା କରିବାକୁ ହୋଇଥିବା ଯୋଜନା ସ୍ୱଚ୍ଛ ଇନ୍ଧନ ବ୍ୟବହାରରେ ନୂଆ ମାପଦଣ୍ଡ ଆଣିବ ବୋଲି ସେ କହିଛନ୍ତି। ୨୦୩୦ ସୁଦ୍ଧା ପ୍ରାକୃତିକ ଗ୍ୟାସର ସେୟାର ୬.୩ରୁ ୧୫ ପ୍ରତିଶତ କରାଯିବାର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ଦେଶରେ ପ୍ରାୟ ୧୭ ହଜାର କିମି ଲମ୍ବା ଗ୍ୟାସ ପାଇପ ଲାଇନର ନିର୍ମାଣ କାମ ଚାଲୁଛି। ପରିବେଶ ସହଯୋଗୀ ଇନ୍ଧନ ଉପଲବ୍ଧ କରିବାକୁ ସିଜିଡି ନେଟୱାର୍କର ସମ୍ପ୍ରସାରଣ କରାଯାଉଛି। ଘର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ର ଓ ସିଏନଜି ପରିବହନ କ୍ଷେତ୍ର ଲାଗି ପ୍ରାକୃତିକ ଗ୍ୟାସ ଯୋଗାଯାଉଛି। କମ୍ପ୍ରେସଡ୍ ବାୟୋ-ଗ୍ୟାସ(ସିବିଜି) ଏବଂ ଜୈବଖତ ଉତ୍ପାଦନ କରି ଉଦ୍ୟମୀଙ୍କୁ ପ୍ରୋତ୍ସାହନ ଦେବାକୁ ବିଭିନ୍ନ ପଦକ୍ଷେପ ନିଆଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ୧୮ରୁ ଡ୍ରାଇଭିଂ ଲାଇସେନ୍ସ ଟେଷ୍ଟ

ଭୁବନେଶ୍ୱର ୧୦।୯(ବ୍ୟୁରୋ)

### ଏବେ ନୂଆ ଆବେଦନ ମନା

ମାର୍ଚ୍ଚ ୨୫ରୁ ବନ୍ଦ ଥିବା ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ଓ ଲର୍ନିଂ ଲାଇସେନ୍ସ (ଏଲ୍‌ଏଲ୍) ପୁନର୍ବାର ଆରମ୍ଭ ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ଗୁରୁବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଆସନ୍ତା ୧୮ରୁ ଡ୍ରାଇଭିଂ ଲାଇସେନ୍ସ ପାଇଁ ସ୍କିଲ୍ ଟେଷ୍ଟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଏହି ଟେଷ୍ଟ ଲାଗି ଅନଲାଇନ ସ୍ଲଟ ବୁକିଂ ସେବା ୧୪ ତାରିଖ ଦିନ ୧୧ଟା ପରଠାରୁ କରାଯାଇପାରିବ। ମାତ୍ର ନୂଆ ଡ୍ରାଇଭିଂ ଲାଇସେନ୍ସ ଓ ଲର୍ନିଂ ଲାଇସେନ୍ସ ଆବେଦନ ସେବା ବନ୍ଦ ରହିବ ବୋଲି କୁହାଯାଇଛି।

ଏସ୍‌ଟିଏ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଯେଉଁମାନଙ୍କର ଲର୍ନିଂ ଲାଇସେନ୍ସ ଅବଧି ମାର୍ଚ୍ଚ ୧୮ରୁ ଡିସେମ୍ବର ୩୧ ମଧ୍ୟରେ ସମାପ୍ତ ହେଉଛି, ତାହା ଡିସେମ୍ବର ୩୧ ତାରିଖ ଯାଏ ବୈଧ ରହିବ। ମାର୍ଚ୍ଚ ୧୮ ତାରିଖ ପରଠାରୁ ଡିଏଲ୍ ଓ ଏଲ୍‌ଏଲ୍ ଟେଷ୍ଟ ପାଇଁ ସ୍ଲଟ୍ ବୁକିଂ ରଦ୍ଦ କରାଯାଇଥିଲା। ତେବେ ଏଥିପାଇଁ ଯେଉଁମାନେ ଫି ଦେଇଥିଲେ ତାହା ବୈଧ ରହିଛି। ଡିଏଲ ସ୍କିଲ ଟେଷ୍ଟ ପାଇଁ ସ୍ଲଟ୍ ବୁକିଂ ପ୍ରକ୍ରିୟା ୧୪ ତାରିଖ ପୂର୍ବାହ୍ନ ୧୧ଟା ପରଠାରୁ କରାଯାଇପାରିବ। ଏହାପରେ ପ୍ରତ୍ୟେକ ଦିନ ସକାଳ ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଟେଷ୍ଟ ସ୍ଲଟ୍ ବୁକିଂ କରିହେବ। ଯେଉଁମାନେ ପୂର୍ବରୁ ଡିଏଲ୍ ପାଇଁ ଆବେଦନ କରିଥିଲେ ସେମାନେ ହିଁ କେବଳ ଡିଏଲ୍ ସ୍କିଲ୍ ଟେଷ୍ଟ କରିପାରିବେ। ଡିଏଲ୍ ନବୀକରଣ ସହ ପୁନଃ ଟେଷ୍ଟ ପାଇଁ ମଧ୍ୟ ଅନୁମତି ମିଳିବ।

## ପ୍ରଥମ ପୃଷ୍ଠାରୁ...

### ଜମିପାରେ ଶସ୍ୟ...

ତଳି ରୁଆ ଓ ବେଉଷଣ କାର୍ଯ୍ୟ ହୋଇଥାଏ। ଜୁଲାଇରେ ବର୍ଷା ନ ହେବାରୁ ରୁଆ ବେଷଣ ହୋଇ ପାରି ନ ଥିଲା। ବୁଣାଯାଇଥିବା ତଳି ବୁଢା ହୋଇ ଯାଇଥିଲା। ଅଗଷ୍ଟ ପ୍ରଥମ ସପ୍ତାହରେ ଲଘୁଚାପ ବର୍ଷା ହେବା ପରେ ତଳି ରୁଆ ଓ ବେଉଷଣ କରାଯାଇଥିଲା। ବେଉଷଣ ଓ ଧାନ ରୁଆ ପାଖାପାଖି ୧୫ରୁ ୨୦ ଦିନ ବିଳମ୍ବ ହୋଇଗଲା। ଫଳରେ ଧାନ ପିଲ ବୁଦା ବାନ୍ଧି ପାରି ନାହିଁ। ଏଥିଯୋଗୁ ଶସ୍ୟ ଉତ୍ପାଦନ ପ୍ରାୟ ୧୫ରୁ ୨୦ ପ୍ରତିଶତ କମିଯିବ। ଧାନ ଫୁଲ ଉଡାଇବା ପୂର୍ବରୁ ରାଜ୍ୟର ୧୭ଟି ଜିଲାରେ ବନ୍ୟା ପାଣି ପଶିବା ଯୋଗୁ ୨ ଲକ୍ଷ ୩ ହଜାର ହେକ୍ଟର ଜମି ଜଳ ମଗ୍ନ ହୋଇଛି। ସେହି ସବୁ ଜମିରୁ ଧାନ ଉତ୍ପାଦନ ଆଶା ଏକ ପ୍ରକାର ଧୂଳିସାତ୍ ହୋଇଛି। ପାଣି ପଶି ଧାନ ପଚିବା, ବେଉଷଣ ଧାନ ଧୋଇ ନେବା ଏବଂ ବାଲିଚର ଯୋଗୁ ଅନେକ ଜମିରେ ଫସଲ ନଷ୍ଟ ହୋଇଛି। ଅନ୍ୟ ପକ୍ଷରେ ଠିକ୍ ସମୟରେ ଚାଷୀଙ୍କୁ ୟୁରିଆ ସାର ନ ମିଳିବାରୁ ଧାନ ଉତ୍ପାଦନ ପ୍ରଭାବିତ ହେବା ସମ୍ଭାବନା ରହିଛି। ଏସବୁ କାରଣକୁ ଦେଖିଲେ ପ୍ରାୟ ୨୦ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କମିବ ବୋଲି ସେ ଅନୁମାନ କରିଛନ୍ତି। ଅନ୍ୟ ପକ୍ଷରେ କୃଷି ନିର୍ଦ୍ଦେଶାଳୟର ମୁଖ୍ୟ ପରିସଂଖ୍ୟକ(ଚିଫ ଷ୍ଟାଟିଷ୍ଟିସିଆନ) ରାଜେଶ ଦାସ କହିଛନ୍ତି ଯେ ବର୍ଷା ଅଭାବ ଓ ବନ୍ୟା ଯୋଗୁ ରାଜ୍ୟରେ କିଛି ପରିମାଣରେ ଫସଲ ନଷ୍ଟ ହେଲେ ମଧ୍ୟ ଚଳିତ ବର୍ଷ ଭଲ ଖାଦ୍ୟଶସ୍ୟ ଉତ୍ପାଦନ ହେବ ବୋଲ ଆଶା କରାଯାଉଛି।

### ବର୍ଷା-ଅନୁଭବଙ୍କୁ ଭେଟିଲେ...

ଗୀତାଶ୍ରୀଙ୍କ କହିବାନୁଯାୟୀ, ବର୍ଷା ଓ ଅନୁଭବଙ୍କ ସହ ପୃଥକ୍ ପୃଥକ୍ ଭାବେ ଆଲୋଚନା କରିଥିଲୁ। ବର୍ଷା ଶାଶୁ, ଶ୍ୱଶୁରଙ୍କ ଉପରେ କୌଣସି ଅଭିଯୋଗ ଉଠାଇ ନ ଥିଲେ। ଅନୁଭବଙ୍କ ମଦ୍ୟପାନ ବିଷୟରେ ହିଁ ତାଙ୍କର ମୁଖ୍ୟ ଅଭିଯୋଗ ରହିଛି। ମଦ୍ୟପାନ କରିବା ପରେ ଅନୁଭବ ତାଙ୍କୁ ଗାଳିଗୁଲଜ କରନ୍ତି ବୋଲି ବର୍ଷା କହିଛନ୍ତି। ଅନ୍ୟପକ୍ଷରେ ପିଟିଶନରେ ଯେଉଁ ସମସ୍ତ ଅଭିଯୋଗ ରହିଛି ତାହାକୁ ବର୍ଷା ଦୋହରାଇଥିଲେ। ସେହିପରି ଅନୁଭବ ମଧ୍ୟ ନିଜ ପିଟିଶନରେ ଉଲ୍ଲେଖ କରିଥିବା ଅଭିଯୋଗ ବ୍ୟତୀତ ଅନ୍ୟ କୌଣସି ପ୍ରସଙ୍ଗ ଉଠାଇ ନ ଥିଲେ ବୋଲି ଗୀତାଶ୍ରୀ କହିଛନ୍ତି। ତେବେ ସମ୍ପର୍କ ବିଚ୍ଛେଦ ନ ହେଉ ବୋଲି ବର୍ଷାଙ୍କ ଆଶା ରହିଛି। ଅନୁଭବଙ୍କ ଛାଡ଼ପତ୍ର ପିଟିଶନ କିପରି ଖାରଜ ହେବ ସେ ନେଇ ବର୍ଷା ନିଜ ମତ ରଖିଥିଲେ। ଏହି ଘଟଣାର ସମାଧାନ କରିବା ପାଇଁ ଚେଷ୍ଟା କରାଯିବ ବୋଲି ଗୀତାଶ୍ରୀ ମତବ୍ୟକ୍ତ କରିଛନ୍ତି।

### ସର୍ବସାଧାରଣ...

ପ୍ରକାର ଶୋଭାଯାତ୍ରାକୁ ବାରଣ କରାଯାଇଛି। ସ୍ଥାନୀୟ ପ୍ରଶାସନ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କୁତ୍ରିମ ପୋଖରୀରେ ମୂର୍ତ୍ତୀଗୁଡିକୁ ବିସର୍ଜନ କରିବାକୁ ହେବ। ବସର୍ଜନ ବେଳେ କୌଣସି ପ୍ରକାର ବାଜା ବାଣ କିମ୍ବା ଅନ୍ୟାନ୍ୟ ଆମୋଦ ପ୍ରମୋଦ ଉପରେ କଟକଣା ଲଗାଯାଇଛି। ଜିଲା ମାଜିଷ୍ଟ୍ରେଟ, ମହାନଗର ନିଗମ କମିଶନର, ପୋଲିସ କମିଶନର ଗାଇଡଲାଇନକୁ କଡାକଡି ପାଳନ ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ଯଦି କୌଣସି ବ୍ୟକ୍ତି ନିୟମ ଉଲ୍ଲଂଘନ କରିବେ ତେବେ ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫, ମହାମାରୀ ରୋଗ ଆଇନ-୧୮୯୭ ଏବଂ ଭାରତୀୟ ପିଙ୍ଗଳ କୋର୍ଡର ଧାରା ୧୮୮ ଅନୁଯାୟୀ ତାଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

### ବାୟୁସେନାରେ...

ଏୟାର ମାର୍ଶାଲ ଆର୍.କେ. ଏସ୍. ଭଦୌରିୟା, ପ୍ରତିରକ୍ଷା ସଚିବ ଡକ୍ଟର ଅଜୟ କୁମାର, ପ୍ରତିରକ୍ଷା ବିଭାଗ ସଚିବ ତଥା ଡିଆର୍‌ଡିଓ ଅଧ୍ୟକ୍ଷ ଜି. ସତୀଶ ରେଡ୍ଡୀଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରଣାଳୟ ତଥା ସଶସ୍ତ୍ର ବଳର ଅନେକ ବରିଷ୍ଠ ଅଧିକାରୀ ଏବଂ ଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଗତ ଜୁଲାଇ ୨୭ତାରିଖରେ ଫ୍ରାନ୍ସରୁ ଆସିଥିବା ୫ ରାଫାଲ ବିମାନକୁ ବାୟୁସେନାରେ ସାମିଲ କରାଯାଇଛି। ଅକ୍ଟୋବରରେ ଆଉ ୩ରୁ ୪ ରାଫାଲ ଆସିବାର କାର୍ଯ୍ୟକ୍ରମ ରହିଛି। ୨୦୨୧ ସୁଦ୍ଧା ଭାରତକୁ ଫ୍ରାନ୍ସର ଦାସଲ୍ଟ କମ୍ପାନୀ ମୋଟ ୩୬ ରାଫାଲ ଫାଇଟର ଜେଟ୍ ଦେବାକୁ ଚୁକ୍ତି ହୋଇଛି। ଏଥିପାଇଁ ଭାରତ ଓ ଫ୍ରାନ୍ସ ମଧ୍ୟରେ ୫୯ ହଜାର କୋଟି ଟଙ୍କାର ଚୁକ୍ତି ହୋଇଛି।

ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ବାୟୁସେନାରେ ରାଫାଲର ଯୋଗଦାନ ଏକ ଐତିହାସିକ ମୁହୂର୍ତ୍ତ। ଏହି ଅତ୍ୟାଧୁନିକ ଫାଇଟର ଜେଟ ଭାରତୀୟ ବାୟୁସେନାର ଶକ୍ତି ଓ ପରାକ୍ରମକୁ ବହୁଗୁଣିତ କରିବ। ଏଥିପାଇଁ ବାହୁବଳୀ ରାଫାଲ ସହ ସମସ୍ତ ଦେଶବାସୀଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଏକ ବୁଝାମଣା ରହିଛି। ଯାହା ସମୟ ସହିତ ଅଧିକ ମଜଭୁତ୍ ହେବାରେ ଲାଗିଛି। ଦୃଢ଼ ଗଣତନ୍ତ୍ର ଉପରେ ଆମର ବିଶ୍ୱାସ ଏବଂ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଇଚ୍ଛା ହେଉଛି ଆମ ଦୁଇ ଦେଶର ସମ୍ପର୍କର ମୂଳ ଆଧାର। ଏହି ଅବସରରେ ଚାଇନାକୁ ଇସାରା କରି ରାଜନାଥ ଏକ କଡ଼ା ସନ୍ଦେଶ ଦେଇଛନ୍ତି। ଭାରତର ସାର୍ବଭୌମତ୍ୱ ଉପରେ ଦୃଷ୍ଟି ପକାଉଥିବା ଲୋକଙ୍କ ପାଇଁ ରାଫାଲ ଏକ ଦୃଢ଼ ଯବାବ। କୌଣସି ପରିସ୍ଥିତିରେ ବି ଆମେ ଆମର କ୍ଷେତ୍ରୀୟ ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ସହ ବୁଝାମଣା କରିବୁ ନାହିଁ ବୋଲି ରାଜନାଥ କହିଛନ୍ତି। କିଛିଦିନ ତଳେ ଏଲ୍‌ଏସି ନିକଟରେ ଭାରତୀୟ ବାୟୁ ସେନାର ଯବାନମାନେ ଯେଉଁଭଳିଭାବେ ପଦକ୍ଷେପ ନେଲେ ତାକୁ ଅଭିନନ୍ଦନ ଜଣାଉଛି। ଖୁବ୍‌ଶୀଘ୍ର ୫ଟି ରାଫାଲ ବିମାନକୁ ଏଲ୍‌ଏସିରେ ମୁତୟନ କରାଯିବ ବୋଲି ରାଜନାଥ କହିଛନ୍ତି। ସେହିପରି ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀ ପାର୍ଲି କହିଛନ୍ତି, ଏହା ଉଭୟ ଭାରତ ଓ ଫ୍ରାନ୍ସ ପାଇଁ ଏକ ସଫଳତା। ମିଳିତ ଭାବେ ଆମେ ଭାରତ ଓ ଫ୍ରାନ୍ସର ପ୍ରତିରକ୍ଷା ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଲେଖିଛୁ। ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ସହିତ ଭାରତୀୟ ଉତ୍ପାଦକଙ୍କୁ ଆମର ବିଶ୍ୱ ଯୋଗାଣ ଶୃଙ୍ଖଳରେ ଏକୀକରଣ ଲାଗି ଆମେ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ପ୍ରାର୍ଥୀତ୍ୱକୁ ଫ୍ରାନ୍ସ ସମର୍ଥନ କରୁଛି ବୋଲି ପାର୍ଲି କହିଛନ୍ତି।

#### ରାଫାଲର କ୍ଷମତା

ଏହି ଫାଇଟର ଜେଟ୍ ଯେକୌଣସି ସ୍ଥାନକୁ ଲକ୍ଷ୍ୟ କରିପାରିବ। ଦୂରରେ ଥାଇ ମଧ୍ୟ ପ୍ରତିପକ୍ଷକୁ ଆକ୍ରମଣ କରିବାରେ ରାଫାଲ ବେଶ୍ ଧୂରନ୍ଧର। ଆକାଶରୁ ଭୂପୃଷ୍ଠକୁ କ୍ଷେପଣାସ୍ତ୍ର ନିକ୍ଷେପଣ କରିପାରିବ। ୩୦୦କିମି ଦୂରରୁ ଏହା ଲକ୍ଷ୍ୟ ଭେଦ କରିପାରିବ। ସେହିପରି ୧୦୦କିମି ମଧ୍ୟରେ ଶତ୍ରୁ ବିମାନକୁ ମଧ୍ୟ ଟାର୍ଗେଟ କରିପାରିବ। ପାଇଲଟଙ୍କ ହେଲ୍‌ମେଟ୍‌ରେ ସାଇଟ ଓ ଟାର୍ଗେଟ ବ୍ୟବସ୍ଥା ଥିବାରୁ ଏହା ସହଜରେ ଲକ୍ଷ୍ୟଭେଦ କରିବାରେ ସହାୟକ ହୋଇପାରିବ। ରାଫାଲ ଏକ ମିନିଟରେ ୬୦ହଜାର ଫୁଟ ଉଚ୍ଚତାରେ ଉଡ଼ିପାରିବ। ୨୪,୫୦୦ କିଲୋଗ୍ରାମ ଓଜନର ଅସ୍ତ୍ରଶସ୍ତ୍ର ନେଇ ଉଡ଼ିପାରିବ। ଏହା ସହିତ ରାଫାଲ ପରମାଣୁ ନିକ୍ଷେପଣ କରିବାର ଶକ୍ତି ରଖିଛି। ଥରେ ଏଥିରେ ଇନ୍ଧନ ଭରିବା ମାତ୍ରେ ଏହା କ୍ରମାଗତ ୧୦ଘଣ୍ଟା ଉଡ଼ାଣ କରିପାରେ। ଏଥିରେ ସଂଯୁକ୍ତ ହୋଇଥିବା ଗନ୍ ଏକ ମିନିଟରେ ୨୫୦୦ ଫାୟାର କରିବାକୁ ସକ୍ଷମ। ୩୬ଟି ରାଫାଲ ମଧ୍ୟରୁ ୧୮ଟି ଅମ୍ବାଲା ଏୟାରବେସ୍‌ରେ ରହିବ। ପାକିସ୍ତାନ ଉପରେ ଏହା ସର୍ବଦା ନଜର ରଖିବ ବୋଲି କୁହାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ଭୋଳା ପୁଅ ହେଳା**
**ଶାଶୁ ବୋହୂ କରନ୍ତି ଜପାମାଳା।**

ଘରର ହାନିଲାଭ ବୁଝିବା ପୁରୁଷ ଉପରେ ନ୍ୟସ୍ତଥାଏ। ପୁରୁଷାନୁକ୍ରମେ ବାପ ପରେ ପୁଅ ଘରର ଦାୟିତ୍ୱ ନିଜ ମୁଣ୍ଡ ଉପରକୁ ନେଇଥାଏ। ଘରର ମୁଖ୍ୟ ଯଦି ଭୋଳା ବା ହୁଣ୍ଡା ତଥା ପୁଅ ଅଳସୁଆ ବା ନିକମା ହୋଇଥାଏ ତାହେଲେ ସେ ଘର ଉଧେଇପାରିନଥାଏ। ବାପ ପୁଅ ଯଦି କର୍ମମୁଖି ନୁହେଁ ତାହେଲେ ଶାଶୁ ବୋହୂ ନିଜ ଭାଗ୍ୟ କୁ ଆଦରି ପଡିରହିବା ଛଡା ଅନ୍ୟ ଚାରା ରହୁନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାପ ଗୁଣେ ପୁଅ,**
**ମାଆ ଗୁଣେ ଝିଅ।**

ସାଧାରଣତଃ ପୁଅ ଠାରେ ବାପର ଗୁଣ ଓ ସ୍ୱଭାବ ପ୍ରତିଫଳିତ ହୋଇଥାଏ। ସେହିପରି ଝିଅ ଠାରେ ମାଆର ଗୁଣ ଏବଂ ରୂପର ସାମଞ୍ଜସ୍ୟ ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**


# classifieds Everyday 0674-2580101, 2549302



SALE

Plot for immediate sale at Saheed Nagar 6000sft. (GA Plot), 2400sft at Sum Hospital (BDA Plot), 33000sft. Mancheswar (IDCO plot) & 4000sft plot at Palasuni (200 meters from NH) Bhubaneswar, buyers Contact- DEEPAK- 9937329999. D-69914

Land sale farm house/ industry roadside at Dhenkanal area 60km from Cuttack. 7809525452, 8249851363. D-69533

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69151

Gharabari developed plot with boundary near Phulnakhara (Synergy College), 9439487505. D-69333

ଧଉଳି ନୂଆବ୍ରିଜ୍ ନିକଟରେ ବାସୋପଯୋଗୀ ଘରବାରି ପ୍ଲଟ୍ outrightରେ ମିଳୁଛି। 8327774136. D-69338

Booking open for 3BHK luxurious & premimum flat at Surya Nagar, Bhubaneswar, genuine buyer Contact: DEEPAK- 9937329999. D-69907

2BHK flat near Tamando Market, Starts @45,15,000/-, 9937166932. D-69332



Tolet Farmhouse 12km from Sum Hospital (Rs. 4000- Rs.12000). Contact: 7978456831, 9777177038. D-69909

Zenith Homeo Pharmacy (Running Homeopathy Medicine & Clinic) at Samantrapur, Bhubaneswar. For details Contact: 9658712117, 7008169264. D-69911

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Open new SPA station 3rd floor, Big Bazar, Nayapalli. 7655024727, 8118079281. D-69536

Newly open spa centre smart therapist body massage,Bamikhal, 7205187702. D-59960

Newly open spa centre smart therapist body massage, Rasulgarh: 7846814019. D-59959

Swarna SPA newly open positively health benefits with expert therapist. 7873794731. D-69736

Get refreshment body massage by expert therapist contact for. 9556978408. D-69738

Herbal full body massage by smart / expert therapist. Contact: 8338067247. D-69737

Newly open full body massage SPA in Bhubaneswar. Contact: 7205058838. D-69741

Rejuvenate and Ayurvedic full body massage by smart therapist. 9348123330. D-69706

1st Happy Birthday


(Khusi)

Koel Dandapat
May the Lord continue to shower you with happiness, good future, prosperity and good health all the days of your life.
-:Best Wishes:-
Family & Relative.
D-18204

Happy Birthday



I feel so lucky to have you as my friend. Hope your birthday is as special as you are. May all of your dreams come true. Thanks for being such a great friend. Happy birthday! Happy birthday Didu,
best wishes, Bapuni,Lizu
D-18205

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ପ୍ରତ୍ୟେକ ସମସ୍ୟାକୁ ହାଲୁକା ଭାବରେ ଗ୍ରହଣ କରି ସମସ୍ୟାକୁ ଆବାହନ କରିପାରନ୍ତି। ଅଶ୍ୱିନୀ ନକ୍ଷତ୍ର ବନ୍ଧୁଙ୍କ ପରାମର୍ଶକୁ ବେଖାତିର ନ କଲେ ଉପକୃତ ହେବେ। ପରିବାର ଭିତରେ ନିଜର ଅଧିକାରକୁ ଜୋରଜବରଦସ୍ତ ଅନ୍ୟମାନଙ୍କ ଉପରେ ସାବ୍ୟସ୍ତ କରିପାରିବେ ନାହିଁ।

**ବୃଷ** ଆଜି କିଛି ପାଇବାର ଅଭିଳାଷ ରଖି କୌଣସି ବ୍ୟକ୍ତି ଅଯଥାରେ ଆପଣଙ୍କୁ ପ୍ରଶଂସା କରିପାରେ। ଅର୍ଥ ଅଭାବକୁ ସ୍ୱତଃପ୍ରବୃତଃ ଭାବରେ ଜଣେ ବନ୍ଧୁ ନିବାରଣ କରିବା ପାଇଁ ପ୍ରତିଶ୍ରୁତିଦେବେ। ରୋହିଣୀ ନକ୍ଷତ୍ରର ଆନୁଷ୍ଠାନିକ କାମରେ ଆବଶ୍ୟକୀୟ ସହଯୋଗର ଆଶା ବୃଥା ଯିବ ନାହିଁ।

**ମିଥୁନ** ଆପଣ ନିଜ ପାଇଁ କିଛି ନ କରି ଅନ୍ୟ ପାଇଁ କିଛି କରିବା ଲାଗି ପ୍ରଭାବିତ କରିବେ। ମୃଗଶିରା ନକ୍ଷତ୍ର ଭାବବିଭୋର ହୋଇ କାମ କଲେ ମଧ୍ୟ ଆଶାନୁରୂପ ଫଳ ପାଇବେ ନାହିଁ। ଆଜିର ଯାତ୍ରାରେ ସତର୍କ ନ ରହିଲେ କିଛି ହଜାଇ ଦେଇପାରନ୍ତି। ଅଧୈର୍ଯ୍ୟ ହୁଅନ୍ତୁ ନାହିଁ ବନ୍ଧୁଙ୍କ ସହାନୁଭୂତି ନିଶ୍ଚୟ ଲାଭ କରିବେ।

**କର୍କଟ** ପ୍ରତ୍ୟେକ କାମ ବିଳମ୍ବରେ ହେଉ ଥିବାରୁ ମନରେ ପୂର୍ବଭଳି ଆଗ୍ରହ ରହିବ ନାହିଁ। ନିର୍ମାଣାଧୀନ କାମ ଆଗେଇ ଚାଲିବ ଏବଂ ସମସ୍ୟା ଓ ପ୍ରତିବନ୍ଧକର ସାମନା କରିବାକୁ ପଡିପାରେ। ଆଇନ ଅଦାଲତରୁ ସୁଫଳ ପାଇବେ, ମାତ୍ର ପୂର୍ଣ୍ଣ ସନ୍ତୋଷ ନ ଆସିପାରେ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ସିଂହ** ଅଧିକାଂଶ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ କମିଯିବ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ।

**କନ୍ୟା** ଆଜି ମିତ୍ରମାନଙ୍କ ଉପରେ ସବୁ ଦାୟିତ୍ୱ ଲଦି ଦେଇ ନିଜେ ଚୁପ୍‌ଚାପ୍ ବସିବା ଠିକ୍ ହେବନି। ହସ୍ତା ନକ୍ଷତ୍ର ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ବ୍ୟବସାୟରେ ମାନମନାନ୍ତର ସହ ବିଶେଷ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। ଭଲ ସୁଯୋଗ ହାତଛଡା କରି ବ୍ୟସ୍ତତା ପ୍ରକାଶ କରିବେ।

**ତୁଳା** ଆଜି ବିଶାଖା ନକ୍ଷତ୍ର ଅନ୍ୟମାନଙ୍କୁ କାମରେ ଲଗାଇ ନିଜର ଫାଇଦା ହାସଲ କରିପାରିବେ। ବ୍ୟୟ ଭାର କ୍ରମଶଃ କମି କମି ଆସିବା ସଙ୍ଗକୁ ଦୁର୍ବଳ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ କଷ୍ଟ ସ୍ୱୀକାର କରିବାକୁ ପଡିପାରେ।

**ବିଛା** ସମୟ ବିଶେଷ ଖରାପ ନ ଥିଲେ ମଧ୍ୟ ନିଜର ଅବହେଳା ସକାଶରୁ ସୁଯୋଗ ହରାଇ ପାରନ୍ତି। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିପାରନ୍ତି ମାତ୍ର ଆନୁଷ୍ଠାନିକ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଅନୁରାଧା ନକ୍ଷତ୍ରର ଅର୍ଥନୈତିକ ପ୍ରଗତିରେ ମାନସିକ ସ୍ଥିତି ଭଲ ରହିବ।

**ଧନୁ** ପ୍ରତିକୂଳ ବାତାବରଣ ଲାଗି ରହିଥିଲେ ମଧ୍ୟ ନିଜର ନିରଳସ ଉଦ୍ୟମ ଓ ଆନ୍ତରିକ ପ୍ରଚେଷ୍ଟାରୁ ଲକ୍ଷ୍ୟ ହାସଲ କରିବାରେ ଅସୁବିଧା ହେବ ନାହିଁ। ଉତ୍ତରାଷାଢା ନକ୍ଷତ୍ର ସକାଶେ ଆଜିର ଯାତ୍ରା,ବାଣିଜ୍ୟ ଓ ବ୍ୟବସାୟ ପାଇଁ ଦିନଟି ବହୁତ ଭଲ। ହାତକୁ ନେଇଥିବା ଧନ୍ଦାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ମକର** ଅନ୍ୟମାନଙ୍କ କଥାକୁ ଉପେକ୍ଷା ନ କରି ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହୋଇ ପାରନ୍ତି। ଗୁରୁଜନମାନଙ୍କ କୃପାପାତ୍ର ହେବା କାରଣରୁ କେତେକ ସମସ୍ୟା କ୍ରମଶଃ ଅପସରି ଯିବ। ଶ୍ରବଣା ନକ୍ଷତ୍ରର ମାନସିକ ଦ୍ୱନ୍ଦ୍ୱ ସଙ୍ଗକୁ ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ।

**କୁମ୍ଭ** ଆଜି ଆପଣଙ୍କ ବାଣିଜ୍ୟ,ବ୍ୟବସାୟ,ଦୂରଯାତ୍ରା କ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି ହେବ। କିନ୍ତୁ ବହୁତ ଚେଷ୍ଟା କଲେ ମଧ୍ୟ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହେବା ସହଜସାଧ ନ ହୋଇପାରେ। ଅବଶ୍ୟ କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ ନତୁବା ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇ ପାରନ୍ତି। ଭୁଲ୍ ବୁଝାମଣାରୁ ପରିବାର ଭିତରେ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। ଦୂରଭ୍ରମଣ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ ତଥା ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ।

ଆଜି ଆଶ୍ୱିନ କୃଷ୍ଣ ନବମୀ ଶୁକ୍ରବାର, ସେପ୍ଟେମ୍ବର ୧୧ ତାରିଖ, ବିଶ୍ୱ ଭ୍ରାତୃତ୍ୱ ଦିବସ(ସ୍ୱାମୀ ବିବେକାନନ୍ଦଙ୍କ ଶିକାଗୋ ଭାଷଣ), ରାଶିନକ୍ଷତ୍ର-ମୃଗଶିରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୩୭ମି. ଗତେ ଘ.୦୬.୨୫ମି.ମଧ୍ୟେ, ଘ.୦୭.୧୫ମି. ଗତେ ଘ.୦୯.୪୧ମି.ମଧ୍ୟେ, ଘ.୧୨.୦୭ମି. ଗତେ ଘ.୦୨.୩୪ମି. ମଧ୍ୟେ, ଘ.୦୪.୧୨ମି.ଗତେ ଘ.୦୫.୪୯ମି.ମଧ୍ୟେ, ସନ୍ଧ୍ୟା ଘ.୦୭.୨୩ମି.ଗତେ ଘ.୦୫.୫୮ମି. ମଧ୍ୟେ, ରାତ୍ରି ଘ.୦୧.୪୧ମି. ଗତେ ଘ.୦୩.୧୫ମି. ମଧ୍ୟେ ଅମୃତ ବେଳା। ରାତ୍ରି ଘ.୦୮.୫୮ମି. ଗତେ ଘ.୦୯.୪୫ମି.ମଧ୍ୟେ, ଘ.୦୩.୧୫ମି.ଗତେ ଘ.୦୪.୦୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୧୧ମି.ଗତେ ଘ.୧୧.୪୩ମି.ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଶୁକ୍ରବାର, ୧୧ ସେପ୍ଟେମ୍ବର, ୨୦୨୦

ତୁମର ପଡ଼ୋଶୀ ଭିତରେ ଈଶ୍ୱରଙ୍କ ପାଇଁ ବଞ୍ଚ। ତୁମ ନିଜ ଭିତରେ ବି ଈଶ୍ୱରଙ୍କ ପାଇଁ ବଞ୍ଚ। ତୁମ ନିଜ ଦେଶରେ ଓ ତୁମର ଶତ୍ରୁର ଦେଶରେ ବି ଈଶ୍ୱରଙ୍କ ଲାଗି ବଞ୍ଚ ଓ ସମଗ୍ର ମାନବଜାତି ଭିତରେ– ବୃକ୍ଷଲତା ମାଟିପଥର ଓ ପଶୁପକ୍ଷୀଙ୍କ ଭିତରେ– ପୃଥିବୀ ଭିତରେ ଓ ପୃଥିବୀ ବାହାରେ ତୁମେ କେବଳ ଈଶ୍ୱରଙ୍କ ପାଇଁ ବଞ୍ଚ। ତେବେ ଯାଇ ତୁମେ ମୁକ୍ତିର ପଥରେ ପାଦ ଦେଇଛ। –ଶ୍ରୀଅରବିନ୍ଦ



# ଚିର ସମସ୍ୟା

ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଚିରସାଥୀ। ଏମିତି କୌଣସି ବର୍ଷ ନାହିଁ ଯେଉଁଠି ଆମେ ଛୋଟ ହେଉ କି ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଦେଖିନାହୁଁ। ଜଳବାୟୁରେ ଶୀଘ୍ର ପରିବର୍ତ୍ତନ ହେଉଥିବାରୁ ଏହି ସବୁ ବିପର୍ଯ୍ୟର ତୀବ୍ରତା ସମୟକ୍ରମେ ବି ବଢିଚାଲିଛି। ୧୯୯୯ ମହାବାତ୍ୟା ପରଠାରୁ ଓଡ଼ିଶା ଅଧ ଡଜନ ବଡ଼ ବାତ୍ୟା ଦେଖିଛି ଏବଂ ସରକାର ବାତ୍ୟା ପୂର୍ବରୁ ଓ ପରେ ଏହାକୁ ସଂଚାଳନ କରିବାରେ ଉତ୍ତମ ପଦକ୍ଷେପ ନେଇ ଆସିଛନ୍ତି। ରାଜ୍ୟ ସରକାର ପରିସ୍ଥିତିକୁ ସମ୍ଭାଳିବା ଲାଗି ବହୁ ବିଶେଷଜ୍ଞଙ୍କୁ ଏହି କାର୍ଯ୍ୟରେ ଲଗାଇଛନ୍ତି। ବିଗତ ବର୍ଷଗୁଡିକରେ ବାତ୍ୟା ଜନିତ ଧନ ଜୀବନ ହାନି କମ୍ କରିବାରେ ଏକ ଉଦାହରଣ ମଧ୍ୟ ସୃଷ୍ଟି କରିଛନ୍ତି। କିନ୍ତୁ ବନ୍ୟା କ୍ଷେତ୍ରରେ ଏଭଳି ଘଟି ନାହିଁ। ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ସରକାରଙ୍କ ରେକର୍ଡ ଏତେ ଭଲ ନାହିଁ। ପ୍ରତିବର୍ଷ ଏଠାରେ ବନ୍ୟା ହେଉଛି। ପ୍ରତିବର୍ଷ ବି ନଦୀବନ୍ଧ ଭାଙ୍ଗି ଘାଇ ହେଉଛି। ବର୍ଷ ପରେ ବର୍ଷ ନଦୀବନ୍ଧ ଭାଙ୍ଗି ଆସୁଥିଲେ ମଧ୍ୟ ପ୍ରଶାସନ ବିପଦସଙ୍କୁଳ ସ୍ଥାନ ଚିହ୍ନଟ କରିବାରେ ସକ୍ଷମ ହୋଇପାରିନାହିଁ। ଏପରି କି ଅନେକ କ୍ଷେତ୍ରରେ ତାହାକୁ ଚିହ୍ନଟ କରିବା ପରେ ମରାମତି କରାଯାଉନାହିଁ। ସବୁଠୁ ଦୁଃଖଦାୟକ ହେଉଛି, ଏହାକୁ ମରାମତି କରାଯିବା ପରେ ମଧ୍ୟ ତାହା ବନ୍ୟାରୁ ସୁରକ୍ଷା ଦେଇପାରୁନାହିଁ।

ଓଡ଼ିଶାର ଅର୍ଥବ୍ୟବସ୍ଥା କୃଷିଭିତ୍ତିକ। ଏହାର ୭୫ ପ୍ରତିଶତ ଲୋକ ଜୀବନ ଜୀବିକା ଲାଗି କୃଷି ଉପରେ ନିର୍ଭର କରନ୍ତି। ବାହାରକୁ କାମ କରିବାକୁ ଯାଇଥିବା ଯୁବକମାନେ ଏବେ ଘରକୁ ଫେରିଆସିଛନ୍ତି। ଏମାନେ ବେକାର ହୋଇ ବସିଛନ୍ତି ଓ ଏମାନଙ୍କ ମଧ୍ୟରୁ ଲକ୍ଷ ଲକ୍ଷ କୃଷିକୁ ଆପଣାଇବାର ସମ୍ଭବନା ରହିଛି। ବର୍ଷର ବିଭିନ୍ନ ସମୟରେ ଚାକିରି ହରାଇଥିବା ଏହି ଯୁବକମାନଙ୍କ ମଧ୍ୟରୁ ଅଧିକାଂଶ କର୍ମସ୍ଥଳୀକୁ ଫେରିବାକୁ ଚାହୁଁନାହାନ୍ତି। ଏମାନଙ୍କ ପାଖରେ ଚାଷ କରିବା ପାଇଁ କମ୍ ବିକଳ୍ପ ରହିଛି। ରାଜ୍ୟର ମୋଟ ଚାଷ ଜମିର ଏକ ସିଂହଭାଗ ବର୍ଷା ଉପରେ ନିର୍ଭର କରେ। ପଶ୍ଚିମ ଓଡ଼ିଶାକୁ ଛାଡିଦେଲେ ରାଜ୍ୟର ଅଧିକାଂଶ ଚାଷଜମି ଅଣ ଜଳସେଚିତ। ଏଣୁ କୃଷି ସମ୍ପୂର୍ଣ୍ଣ ମୌସୁମୀ ଉପରେ ନିର୍ଭରଶୀଳ। ଯଦିଓ ଧାନ ଏଠାକାର ମୁଖ୍ୟ ଫସଲ, ତେବେ ଅନିୟମିତ ମୌସୁମୀ ଓ ଲଗାତର ବନ୍ୟା ଚାଷୀମାନଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଉଛି।

## ଆଜିର ଅର୍ଥନୀତି

ଦେଖିବାକୁ ଗଲେ ଆମ ରାଜ୍ୟରେ ବହୁ ବଡ଼ ବଡ଼ ନଦୀ ପ୍ରବାହିତ ଓ ରାଜ୍ୟ ଲାଗି ଏହା ବରଦାନ। ତେବେ ବନ୍ୟା ଏବଂ ତତ୍‌ସମ ପ୍ରାକୃତିକ ବିପର୍ଯ୍ୟୟକୁ ରୋକିବା ପାଇଁ ଏକ ଉପଯୁକ୍ତ ଭିତ୍ତିଭୂମି ବା ଯୋଜନା ନ ଥିବାରୁ ଏହା ଅନିୟନ୍ତ୍ରିତ ହୋଇଯାଇଛି। ସେପ୍ଟେମ୍ବର ଓ ଅକ୍ଟୋବରରେ ବନ୍ୟା ବଢିଲା ଫସଲକୁ ନଷ୍ଟ କରିଦେଇଛି। ଲକ୍ଷ ଲକ୍ଷ ହେକ୍ଟର ଚାଷଜମି ବନ୍ୟା ପ୍ଲାବିତ ହୋଇଛି। ରାସ୍ତାଘାଟ, ପୋଲ ଓ ଯୋଗାଯୋଗ ବି ବିଚ୍ଛିନ୍ନ ହୋଇଯାଇଛି। ଶହ ଶହ ଗାଁ ବି ବିଚ୍ଛିନ୍ନ ହୋଇଯାଇଛି ଓ ଦୁଃଖଦୁର୍ଦ୍ଦଶା ବଢିଯାଇଛି। ମୁଖ୍ୟତଃ ଗ୍ରାମାଞ୍ଚଳର ଲୋକମାନଙ୍କ ଉପରେ ଏହି ବିପର୍ଯ୍ୟୟର ବିପଦ ସବୁଠୁ ବେଶି।

ବାରମ୍ବାର ହେଉଥିବା ବନ୍ୟାର ମୁକାବିଲା କରିବାରେ ସରକାର କେବଳ ଦ୍ୱରିତ ପଦକ୍ଷେପ ନେବାଭଳି ମନେହେଉଛି। ଏକ ସ୍ଥାୟୀ ବନ୍ୟା ପ୍ରତିରୋଧୀ ଯୋଜନା ବଦଳରେ ଏହା ବନ୍ୟା ପ୍ରଭାବିତ ଲୋକମାନଙ୍କୁ ଟଙ୍କା ହେଉକି ଜିନିଷ ଆକାରରେ ଅଧିକ ରିଲିଫ ଦେଉଛନ୍ତି। ମହାନଦୀ ପ୍ରବାହ ଏବେ ଓଡ଼ିଶା ଓ ଛତିଶଗଡ଼ ବିବାଦରେ ଛନ୍ଦି ହୋଇଯାଇଛି, ଯାହାଫଳରେ ବନ୍ୟା ଯୋଗୁ ରାଜ୍ୟରେ ବହୁ ସମସ୍ୟା ମୁଣ୍ଡ ଟେକୁଛି। ସମ୍ବଲପୁରରେ ମହାନଦୀ ଉପରେ ନିର୍ମିତ ହୀରାକୁଦ ଡ୍ୟାମ୍ ବିଶ୍ୱର ଦୀର୍ଘତମ। ସ୍ୱାଧୀନ ଭାରତର ପ୍ରାରମ୍ଭିକ ସମୟରେ ଅନୁସୃତ ଅନେକ ବହୁମୁଖୀ ଯୋଜନା ମଧ୍ୟରୁ ଏହା ଗୋଟିଏ। ତଳି ଅଞ୍ଚଳକୁ ବନ୍ୟାରୁ ସୁରକ୍ଷା ଦେବା ଏହାର ପ୍ରାଥମିକ ଉଦ୍ଦେଶ୍ୟ। କିନ୍ତୁ ଏହି ମୂଳ ଲକ୍ଷ୍ୟକୁ ପୂରଣ କରିବାରେ ଅଧିକାରୀମାନେ ବିଫଳ ହୋଇଛନ୍ତି। ଆମ ଅଧିକାରୀ ଓ ଛତିଶଗଡ ଅଧିକାରୀମାନଙ୍କ ମଧ୍ୟରେ ଯୋଗାଯୋଗ ଦୁର୍ବଳ ରହିଥିବା ମନେହେଉଛି। ଇଣ୍ଡିଆନ୍ ମେଟେଓରୋଲୋଜିକାଲ ଡିପାର୍ଟମେଣ୍ଟ( ଆଇଏମ୍‌ଡି) ମଧ୍ୟ ମୌସୁମୀଜନିତ କ୍ଷୟକ୍ଷତି କମ୍ କରିବା ଲାଗି ଏକ ସରଳ ବ୍ୟବସ୍ଥା କରିବା ଦରକାର। ପାଗ ବଦଳିବା ସହ ବର୍ଷା ପୂର୍ବାନୁମାନକୁ ଲକ୍ଷ୍ୟ କରି ଡ୍ୟାମକୁ ପୂରା ବୋଝେଇ କରିବା ପରିବର୍ତ୍ତେ ଡ୍ୟାମ୍ ଅଧିକାରୀମାନେ ନିୟମିତ ବ୍ୟବଧାନରେ ଡ୍ୟାମରୁ ପାଣି ଛାଡ଼ିବା ଉଚିତ। ଜଳବାୟୁ ପରିବର୍ତ୍ତନ ଓ ଅନ୍ୟ କିଛି କାରଣ ଯୋଗୁ ବର୍ଷାରେ ବି ପରିବର୍ତ୍ତନ ହେଉଛି। ଏହାକୁ ଲକ୍ଷ୍ୟ କରି ୧୯୮୮ରେ ପ୍ରସ୍ତୁତ କରାଯାଇଥିବା ନିୟମ ପୁସ୍ତିକା ଅନୁସାରେ ଡ୍ୟାମ୍‌ରୁ ପାଣି ଛଡାଯିବା ନିୟମରେ ପରିବର୍ତ୍ତନ ଆଣିବା ଦରକାର। ସରକାର ଏହା ଉପରେ ପୁଣି ବିଚାର କରନ୍ତୁ ଓ ଏହାକୁ ଏକ ବିଜ୍ଞାନସମ୍ମତ ବ୍ୟବସ୍ଥା ଭାବେ ଗ୍ରହଣ କରନ୍ତୁ। ଏଠାରେ ବନ୍ୟା ଏକ ଚିର ବା ଦୀର୍ଘ ସମସ୍ୟା। ଏହାକୁ ସମ୍ପୂର୍ଣ୍ଣ ଦୂର କରାଯାଇ ନ ପାରେ, କିନ୍ତୁ ତା'ର ପ୍ରତିକୂଳ ପ୍ରଭାବକୁ ରୋକାଯାଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

**୧୧ ସେପ୍ଟେମ୍ବର ୧୯୯୫**

- ବ୍ରିଟିଶ-ଚାଇନା କନ୍‌ସୋର୍ଟିୟମ୍‌କୁ ଦିଆଯାଇଥିବା ୭୫୦ ନିୟୁତ ଡଲାର ମୂଲ୍ୟର ଟେଣ୍ଡରକୁ ଶ୍ରୀଲଙ୍କା ସରକାର ବାତିଲ କରିଦେଇଛନ୍ତି।
- ପଶ୍ଚିମ ଏସିଆକୁ ୧.୩୫ ବିଲିୟନ୍ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ବିକ୍ରି ପାଇଁ ନୂଆ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ଆମେରିକା ପ୍ରତିରକ୍ଷା ବିଭାଗର କର୍ମକର୍ତ୍ତା କଂଗ୍ରେସକୁ ଜଣାଇଛନ୍ତି।
- ନେପାଳର ପ୍ରମୁଖ ବିରୋଧୀଦଳ ନେପାଳୀ କଂଗ୍ରେସ ପକ୍ଷରୁ ଆଗତ ହୋଇଥିବା ଅନାସ୍ଥା ସୂଚକ ଭୋଟରେ ହାରିଯାଇ ପ୍ରଧାନମନ୍ତ୍ରୀ ମନମୋହନ ଅଧିକାରୀଙ୍କ ନେତୃତ୍ୱାଧୀନ କମ୍ୟୁନିଷ୍ଟ ସରକାରର ପତନ।
- ଗୋଦାବରୀ ନଦୀ ଗର୍ଭରେ ଏକ ଯାତ୍ରୀବାହୀ ବସ୍ ଖସିପଡ଼ି ୧୩ଜଣଙ୍କ ମୃତ୍ୟୁ ଘଟିଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | D | | | B | | | 2 | | | A | | | 4 |
| | | | | | 6 | | 1 | | | | | A | D | 7 |
| | | | | | 3 | B | C | | | | 8 | | 2 | |
| | | | | | | | | | 5 | B | | | 1 | |
| | 2 | 1 | | | | 3 | 7 | 6 | | | 5 | | | |
| | | | | 4 | 0 | | | 7 | | | | | | 5 |
| 9 | | | | 7 | | | 2 | | 6 | | D | C | 8 | B |
| C | | | 6 | 1 | | 5 | | | | 9 | 2 | | 7 | |
| 3 | | 5 | | | | | | 9 | | 0 | | | E | A |
| 0 | | | | | | E | D | | 7 | C | | | 3 | |
| A | | | | | | | | 1 | 9 | | | | 5 | D |
| | 8 | | | B | | | | | | | E | 1 | | |
| | | | | E | C | | | D | | | | B | | 2 |
| | | 6 | | | | 9 | | | | 7 | | | | 8 |
| | C | | D | | | | 5 | | 8 | 4 | 3 | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 3 | D | B | 6 | 4 | 5 | E | A | 2 | 0 | 9 | 1 | 8 | 7 |
| 9 | 6 | B | 8 | C | 2 | 1 | 0 | 7 | 4 | D | 3 | A | E | 5 |
| 0 | 1 | 7 | A | 5 | D | 9 | 6 | 2 | B | 8 | E | C | 3 | 4 |
| 2 | 8 | 4 | 1 | E | 0 | 3 | B | C | 7 | A | 5 | D | 9 | 6 |
| 5 | E | A | 3 | 9 | 7 | 4 | D | 8 | 6 | 1 | C | B | 0 | 2 |
| B | 5 | 6 | C | 0 | 3 | D | 7 | 9 | 1 | E | 4 | 8 | 2 | A |
| 1 | A | 0 | 5 | 4 | 6 | E | C | 3 | 8 | 9 | 2 | 7 | D | B |
| 4 | 2 | C | 9 | A | E | 0 | 8 | 1 | D | B | 7 | 6 | 5 | 3 |
| 7 | D | E | 2 | 8 | 1 | B | 5 | 6 | C | 3 | A | 9 | 4 | 0 |
| 3 | 9 | 8 | 7 | D | B | 2 | A | 4 | 5 | 6 | 0 | E | 1 | C |
| D | 4 | 1 | 6 | B | A | C | 2 | E | 3 | 5 | 8 | 0 | 7 | 9 |
| 8 | C | 2 | D | 7 | 9 | 6 | 3 | 0 | A | 4 | 1 | 5 | B | E |
| E | B | 5 | 4 | 3 | C | 8 | 9 | D | 0 | 7 | 6 | 2 | A | 1 |
| 6 | 7 | 9 | 0 | 1 | 5 | A | 4 | B | E | 2 | D | 3 | C | 8 |
| A | 0 | 3 | E | 2 | 8 | 7 | 1 | 5 | 9 | C | B | 4 | 6 | D |

ଗତକାଲିର ଉତ୍ତର

# ଭାରତର ଆଧାର ଭାରତ ମହାସାଗର



ଡ. କୀର୍ତ୍ତି ରଞ୍ଜନ ମଲ୍ଲିକ

ମହାସମୁଦ୍ରମାନଙ୍କ ମଧ୍ୟରୁ ତୃତୀୟ ବୃହତ୍ତମ ଭାରତ ମହାସାଗର ଭାରତକୁ ତିନି ପାର୍ଶ୍ୱରୁ ଘେରି ରହିଛି। ପୃଥିବୀ ପୃଷ୍ଠର ମୋଟ ଶତକଡା ୨୦ ଭାଗ ଜଳଧାରଣ କରୁଥିବା ଭାରତ ମହାସାଗର ଉତ୍ତର ଦିଗରେ ଏସିଆ ମହାଦେଶ, ପଶ୍ଚିମ ଦିଗରେ ଆଫ୍ରିକା ମହାଦେଶ ଏବଂ ପୂର୍ବ ଦିଗରେ ଅଷ୍ଟ୍ରେଲିଆ ମହାଦ୍ୱୀପର ଅବସ୍ଥିତି। ୭୦ ଲକ୍ଷ ବର୍ଗକିଲୋମିଟର ଅଞ୍ଚଳରେ ବ୍ୟାପ୍ତ ଏହି ମହାସମୁଦ୍ର ଆମ ରାଷ୍ଟ୍ରର ୯ ଗୋଟି ରାଜ୍ୟ, ୨ଟି କେନ୍ଦ୍ରଶାସିତ ଅଞ୍ଚଳ ଓ ୨ଟି ଦ୍ୱୀପ ସମୂହକୁ ପ୍ରାୟ ୭୫୧୭ କିଲୋମିଟର ଦୀର୍ଘ ଓ ପ୍ରଶସ୍ତ ବେଳାଭୂମି ପ୍ରଦାନ କରିଛି। ସଂଗୃହୀତ ପରିସଂଖ୍ୟାନ ତଥ୍ୟରୁ ଜଣାଯାଏ, ଆମ ମୋଟ ଜନସଂଖ୍ୟାର ୧୪.୨ ପ୍ରତିଶତ ଲୋକ ଏହି ଉପକୂଳବର୍ତ୍ତୀ ରାଜ୍ୟର ୬୬ଟି ଜିଲାମାନଙ୍କରେ ବସବାସ କରନ୍ତି। ଧୀବର ଭାଇମାନଙ୍କର ସୁବିଧା ପାଇଁ ଭାରତ ସରକାର ପ୍ରାୟ ୧୭୦ଟି କ୍ଷୁଦ୍ର ପୋତାଶ୍ରୟ ତିଆରିଛନ୍ତି। ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ନିମନ୍ତେ ଦେଶରେ ୧୩ଟି ବୃହତ୍ ବନ୍ଦର ଅଛି।

ସମୁଦ୍ରକୁ ନିଷ୍କାସିତ ହେଉଥିବା ନଦୀଜଳ ଭାରତୀୟ ବେଳାଭୂମି ଓ ନଦୀମୁହାଣରେ ସୃଷ୍ଟି କରେ ଅନେକ ନିଆରା ପରିବେଶ। ସନ୍ତସନ୍ତିଆ ଅଞ୍ଚଳ, ଲବଣାକ୍ତ ହ୍ରଦ, ତ୍ରିକୋଣଭୂମି ଓ କାଦୁଅ ଲୁଣିପାଣିରେ ଉପରକୁ ଚେର କାଢି ବଢୁଥିବା ଗ୍ରୀଷ୍ମମଣ୍ଡଳୀୟ ଗଛବୁଦା (ହେନ୍ତାଳ ବଣ)ମାନଙ୍କରେ ପ୍ରକୃତି ଏକ ସୁନ୍ଦର ଜୈବବିବିଧତାର ରଚନା କରେ। ଉଦାହରଣ ସ୍ୱରୂପ, କେରଳର ଭେମ୍ବାନାଡ ସନ୍ତସନ୍ତିଆ ଅଞ୍ଚଳ, ଓଡିଶାର ଚିଲିକା ହ୍ରଦ ଓ ଭିତରକନିକା ହେନ୍ତାଳ ବଣ, ପଶ୍ଚିମବଙ୍ଗ ତଥା ବାଂଲାଦେଶରେ ପରିବ୍ୟାପ୍ତ ଗଙ୍ଗା-ବ୍ରହ୍ମପୁତ୍ର ତ୍ରିକୋଣଭୂମି ଓ ସୁନ୍ଦରବନ ଇତ୍ୟାଦି। ଆମ ରାଜ୍ୟର ଋଷିକୁଲ୍ୟା ନଦୀ ମୁହାଣରେ ଅଛି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ। ଏଠାକୁ ସାମୂହିକ ଅଣ୍ଡା ଦେବା ପାଇଁ ପ୍ରତିବର୍ଷ ବିରଳ ଅଲିଭ୍ ରିଡ୍‌ଲେ କଇଁଛ ପ୍ରଶାନ୍ତ ମହାସାଗରରୁ ହଜାର ହଜାର କିଲୋମିଟର ସମୁଦ୍ରପଥ ଅତିକ୍ରମ କରି ଆସନ୍ତି। ବଣ୍ୟ କର୍ମଚାରୀମାନଙ୍କର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ୩ ରୁ ୫ ଲକ୍ଷ କଇଁଛ ଶାବକ ବଙ୍ଗୋପସାଗରକୁ ନିଜର ଜୀବନଯାତ୍ରା ଆରମ୍ଭ କରୁଛନ୍ତି। ଆଣ୍ଡାମାନ ନିକୋବର ଦ୍ୱୀପସମୂହ ଏବଂ ଲାକ୍ଷାଦ୍ୱୀପରେ ଥିବା ପ୍ରବାଳ ପ୍ରାଚୀର ମଧ୍ୟରେ ଭଳିକି ଭଳି ନାନା ରଙ୍ଗର ସାମୁଦ୍ରିକ ଜୈବ ସମାହାର ଦେଖାଯାଏ। କେରଳର ଭରକଲା, କୋଭାଲମ୍, ଗୋଆର ଆଗେଣ୍ଡୋ, ୱାଘା, ଅଉନା, ଆଣ୍ଡାମାନ ନିକୋବର ଦ୍ୱୀପ ସମୂହର ହାଭ୍‌ଲକ୍, ଓଡିଶାର ଗୋପାଳପୁର, ଚନ୍ଦ୍ରଭାଗା, ଚାନ୍ଦିପୁର, ଆନ୍ଧ୍ରପ୍ରଦେଶର ବିଶାଖାପାଟନମ୍ ଆଦି ଅଞ୍ଚଳରେ ଥିବା ବାଲୁକାମୟ ସମୁଦ୍ର ବେଳାଭୂମିକୁ ନିତିଦିନ ହଜାର ହଜାର ପର୍ଯ୍ୟଟକ ନିଜର କ୍ଳାନ୍ତି ଓ ଅବସାଦ ଦୂର କରିବା ପାଇଁ ଆସନ୍ତି। ପର୍ଯ୍ୟଟନ ଶିଳ୍ପ କାଳକ୍ରମେ ଅନେକ ବିକଶିତ ହୋଇଛି।

ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ ଓ ମହାରାଷ୍ଟ୍ରର ସମୁଦ୍ର କୂଳରେ ଥିବା ବେଳାଭୂମି ସ୍ରୋତଜ ନିକ୍ଷେପୟଗୁଡିକରେ ଭାରି ଖଣିଜ ବାଲୁକା ସମାହରଣରୁ ଜିରକୋନିୟମ୍, ଥୋରିୟମ୍, ରୁଟାଇଲ୍, ମୋନାଜାଇଟ୍ ଆଦି ବିରଳ ମୃତ୍ତିକା ଉପାଦାନ ଦେଶର ବିକାଶ କାର୍ଯ୍ୟରେ ନିୟୋଜିତ ହେଉଛି। ଚେନ୍ନାଇର ରାଷ୍ଟ୍ରୀୟ ମହାସାଗର ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ, ଗୋଆର ରାଷ୍ଟ୍ରୀୟ ମହାସାଗର ସମ୍ବନ୍ଧୀୟ ବୈଜ୍ଞାନିକ ଅଧ୍ୟୟନ ଅନୁଷ୍ଠାନ ଓ ଭାରତୀୟ ଭୂ-ତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଭାରତ ମହାସମୁଦ୍ର ଗହ୍ୱର ତଳେ ଥିବା ବହୁ ଧାତୁ ଅର୍ବୁଦ ମୂଳ ଧାତୁ ସହିତ ଆବୃତ୍ତ ହୋଇ ରହୁଥିବା ସୁନା, ରୁପା, ନିକେଲ୍, କୋବାଲ୍ଟ ଆଦି ଖଣିଜ ପଦାର୍ଥର ସନ୍ଧାନ ପାଇଛି ଓ ଖନନ କରି ଗବେଷଣା କରୁଛି। ଆରବସାଗର ଅପତଟର ବମ୍ବେହାଇ ଓ ବଙ୍ଗୋପସାଗର ଅପତଟର କ୍ରିଷ୍ଣା-ଗୋଦାବରୀ ଅବବାହିକାରୁ ଭାରତ, ତୈଳାଶୟଗୁଡିକରୁ ପ୍ରଚୁର ଖଣିଜ ତୈଳ ଉତ୍ତୋଳନ କରୁଛି। ଏହି ସବୁ ଉପାଦେୟ ଖଣିଜ ପଦାର୍ଥ, ଜୈବଇନ୍ଧନ ଓ ବିରଳ ମୃତ୍ତିକା ଭାରତର ବିକାଶ ଅଭିବୃଦ୍ଧି ନିମନ୍ତେ ବେଶ୍ ସହାୟକ।

ମୌସୁମୀ ବାୟୁର ଉତ୍ପତ୍ତିସ୍ଥଳ ହେଉଛି ଆରବସାଗର, ଏହା ଭାରତ ମହାସାଗରର ଏକ ଅଭିନ୍ନ ଅଙ୍ଗ। ଆରବସାଗର ବିଳମ୍ବରେ ଗରମ ହେଲେ ସୁଦ୍ଧା ଅଧିକ ସମୟ ଉତ୍ତାପ ଧରି ରଖେ, ଯଦ୍ୱାରା ବାୟୁ ଚାପର ବୃଦ୍ଧି ଘଟିଥାଏ। ଏତିକି ବେଳକୁ ସମୁଦ୍ର ଜଳର ବାଷ୍ପୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ଅନେକ ମେଘମାଳାର ସୃଷ୍ଟି ଘଟେ। ମେ ମାସର ଶେଷ ସପ୍ତାହରେ ନିମ୍ନ ବାୟୁଚାପଭୁକ୍ତ ଭାରତୀୟ ଭୂଖଣ୍ଡର ସନ୍ତୁଳନ ରକ୍ଷା ପାଇଁ ଦକ୍ଷିଣ ପଶ୍ଚିମ ଦିଗରୁ ମୌସୁମୀ ବାୟୁ ଆରବସାଗର ପଟୁ ମେଘଖଣ୍ଡମାନଙ୍କୁ ବୁହାଇ ଆଣେ। ଜୁନ୍ ମାସର ପ୍ରଥମ ସପ୍ତାହରୁ ସେପ୍ଟେମ୍ବର ମାସର ଶେଷ ପର୍ଯ୍ୟନ୍ତ ଭାରତର କୋଣ ଅନୁକୋଣରେ ମୌସୁମୀ ବର୍ଷାଜନିତ ଖରିଫ୍ ଫସଲ, ପନିପରିବା, ବୃକ୍ଷଲତା, ଫଳ ପୁଷ୍ପ ଆଦିର ସମ୍ଭାର ଦେଖିବାକୁ ମିଳେ। ସମୟାନୁକ୍ରମେ ମୌସୁମୀ ବାୟୁଜନିତ ବୃଷ୍ଟି ଅବପାତରେ ଧୀରେ ଧୀରେ ବଙ୍ଗୋପସାଗର ବଳ ପ୍ରଦାନ କରେ, ଯାହା ଭାରତ ମହାସାଗରର ଆଉ ଏକ ପ୍ରମୁଖ ଅଙ୍ଗ। ଏହା ଯୋଗୁ ଦେଶର କୃଷି ଉତ୍ପାଦନର ଅନେକ ବୃଦ୍ଧି ଘଟେ।

ବେଳେବେଳେ ଭାରତ ମହାସାଗର ନିମିଷକ ମଧ୍ୟରେ ବିଭୀଷିକାର କାୟା ବିସ୍ତାର କରେ ଆଉ ଲକ୍ଷ ଲକ୍ଷ ଧନଜୀବନ ହାନି ଘଟାଏ। ୨୦୦୪ ମସିହା ଡିସେମ୍ବର ୨୬ ତାରିଖରେ ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପ ନିକଟରେ ସାଗର ତଳ ଚଟାଣ ସ୍ତରବିଚ୍ୟୁତି ଯୋଗୁ ସୃଷ୍ଟ ସାମୁଦ୍ରିକ ଭୂକମ୍ପନ ଫଳରେ ସୁନାମୀ ମାଡ଼ିଆସିଲା, ଯାହାର ତୀବ୍ରତା ଥିଲା ରିକ୍ଟର ସ୍କେଲରେ ୯.୧। ଏହି ପ୍ରଳୟଙ୍କରୀ ବିଶାଳ ସୁନାମୀ ୧୪ଟି ଦେଶର ପ୍ରାୟ ୨ ଲକ୍ଷ ୨୮ ହଜାର ଲୋକଙ୍କର ଅକାଳ ମୃତ୍ୟୁର କାରଣ ସାଜିଥିଲା। ଭାରତର ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ଆଣ୍ଡାମାନ ନିକୋବର ଦ୍ୱୀପ ସମୂହରେ ପ୍ରାୟ ୧୫,୦୦୦ ଲୋକ ମୃତ୍ୟୁବରଣ କରିଥିଲେ। ଏହି କେଇ ବର୍ଷ ହେବ ଉତ୍ତର ଭାରତ ମହାସାଗରୀୟ ଘୂର୍ଣ୍ଣିବାତ୍ୟା ଆମ ଉପକୂଳବର୍ତ୍ତୀ ରାଜ୍ୟ ମାନଙ୍କ ପାଇଁ ଦେହସୁହା ପାଲଟି ଗଲାଣି। ତେବେ ବାରମ୍ବାର ପୂର୍ବ ଉପକୂଳିଆ ରାଜ୍ୟର ଜିଲାମାନଙ୍କରେ ଏହି ସାମୁଦ୍ରିକ ଝଡ଼ ଧସେଇ ପଶୁଥିବାରୁ ବଙ୍ଗୋପସାଗରକୁ ବାତ୍ୟାର ଏନ୍ତୁଡିଶାଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ଅନୁସନ୍ଧାନରୁ ଜଣାପଡେ, ପ୍ରତିବର୍ଷ ଏଠାରେ ହାରାହାରି ୪ଟି ବାତ୍ୟାର ରୂପରେଖ ପ୍ରସ୍ତୁତ ହେଲାବେଳେ, ଆରବସାଗରରେ ଏହାର ସଂଖ୍ୟା ମାତ୍ର ୧ରେ ସୀମିତ।

ଭାରତ ଭୂଖଣ୍ଡ ଓ ହିମାଳୟ ପର୍ବତମାଳାରୁ ବାହାରୁଥିବା ନଦୀମାନଙ୍କର ପ୍ରାୟ ୭୭ପ୍ରତିଶତ ନଦୀଜଳ ବଙ୍ଗୋପସାଗରକୁ ପ୍ରବାହିତ ହୋଇଥାଏ। ସୁତରାଂ ସମୁଦ୍ର ଜଳର ଲବଣତା ଅନେକ ମାତ୍ରାରେ ହ୍ରାସ ପାଇଥାଏ, ଯଦ୍ୱାରା ଜଳରାଶି ଘନତ୍ୱ ହରାଏ, ଏଣୁ ଖୁବ୍‌ଶୀଘ୍ର ଉତ୍ତାପ ଆହରଣ କରିବାକୁ ସକ୍ଷମ ହୋଇଯାଏ। ଉତ୍ତର ପୂର୍ବ ଭାରତ ମହାସାଗରରେ ଶିଥିଳ ବାୟୁପ୍ରବାହ ଦ୍ୱାରା ସାଗର ପୃଷ୍ଠର ଉତ୍ତପ୍ତ ଜଳରାଶି ସହ ଗଭୀର ପ୍ରଦେଶରେ ଥିବା ଥଣ୍ଡା ଜଳରାଶିର ଭୁଲମ୍ବୀୟ ମିଶ୍ରଣ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଯାଇଥାଏ। ଏହି କାରଣରୁ ମହାଜଳରାଶିର ତାପମାତ୍ରା ଧୀରେ ଧୀରେ ବୃଦ୍ଧିପାଇ ବାତ୍ୟା ନିମନ୍ତେ ଅତି ଆବଶ୍ୟକ ତାପମାତ୍ରା, ଜଳୀୟ ବାଷ୍ପଜନିତ ମାତ୍ରାଧିକ ଆର୍ଦ୍ରତା ସାଉଁଟିବାରେ ସକ୍ଷମ ହୋଇଯାଏ, ଯାହା ଲଘୁଚାପ ଅବପାତର ରୂପ ନିଏ।

ଅତୀତରେ ଥାନେ, ତିତ୍‌ଲି, ଫାଇଲିନ୍, ହୁଡ୍‌ହୁଡ୍ ଇତ୍ୟାଦି ନାମରେ ନାମିତ ବାତ୍ୟା ସବୁ ଅନେକ କ୍ଷୟକ୍ଷତି ଘଟେଇଛନ୍ତି। ଆମ ରାଜ୍ୟ ଓଡ଼ିଶା ଉପକୂଳରେ ୧୯୯୯ ମହାବାତ୍ୟାର ତାଣ୍ଡବ ଲୀଳାରେ ଲକ୍ଷ ଲକ୍ଷ ଲୋକ, ଗୃହପାଳିତ ପଶୁମାନଙ୍କର ଅକାଳ ମୃତ୍ୟୁ ପରର ଭୟାବହ ଦୃଶ୍ୟ ମନେପଡିଲେ, ଆଜି ବି ଦେହ ଶୀତେଇ ଯାଏ। ବାତ୍ୟା ପରିପ୍ରେକ୍ଷୀରେ ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ଗତ ୧୫ ବର୍ଷ ହେଲା ବାତ୍ୟାଗୁଡିକର ସଂଗଠନ, ବଳ ଓ ପ୍ରକ୍ଷେପ ପଥ ବିଷୟରେ ଠିକ୍ ମୂଲ୍ୟାଙ୍କନ କରିବାରେ ସକ୍ଷମ ହୋଇଛି। ଏହି କାରଣରୁ ଆରବସାଗର ଆଉ ବଙ୍ଗୋପସାଗର ତଟୀୟ ରାଜ୍ୟ ସରକାରଗୁଡିକ ସାମୁଦ୍ରିକ ଝଡର ଆଗମନର ଯଥେଷ୍ଟ ପୂର୍ବରୁ ଆଗୁଆ ପଦକ୍ଷେପ ନେଇ ଜନଜୀବନ କ୍ଷୟକ୍ଷତି ଅଟକାଇବାରେ ଦକ୍ଷତା ହାସଲ କଲେଣି। ଓଡ଼ିଶା ଏକ ବାତ୍ୟାପ୍ରବଣ ରାଜ୍ୟ ହୋଇଥିବାରୁ ରାଜ୍ୟ ସରକାରଙ୍କର ସରକାରୀ କଳର ତତ୍ପରତା ଯୋଗୁ ବାତ୍ୟାଜନିତ ବିପର୍ଯ୍ୟୟ ମୁକାବିଲା, ଉପକୂଳିଆ ଲୋକ ଓ ଗୃହପାଳିତ ପଶୁମାନଙ୍କର ବାତ୍ୟା ଆଶ୍ରୟ ସ୍ଥଳୀକୁ ବିସ୍ଥାପନ, ସାରା ବିଶ୍ୱ ଦରବାରରେ ସଦା ଉଚ୍ଚପ୍ରଶଂସିତ ହେଉଛି।

ଜୀବନ ଜୀବିକା ହେଉ ଅବା ଦେଶର ବିକାଶ ପାଇଁ ଖଣିଜ ତୈଳର ଉପଯୋଗିତା ଓ ଖଣିଜ ପଦାର୍ଥ ଖନନ, ପର୍ଯ୍ୟଟନ ଶିଳ୍ପ ବୃଦ୍ଧି ଆଦି ସବୁ କ୍ଷେତ୍ରରେ ଭାରତ ମହାସାଗରର ଅବଦାନ ଅତୁଳନୀୟ। ଦୈବାତ୍ ଘଟିତ ସୁନାମୀ ଭଳି ପ୍ରାକୃତିକ ଦୁର୍ଦ୍ଦଶାକୁ ଛାଡ଼ିଦେଲେ ସାମୁଦ୍ରିକ ବାତ୍ୟାର ବାରମ୍ବାର ଆଗମନ ଆଉ କେବେକେବେ ଦୁର୍ବଳ ମୌସୁମୀ ବାୟୁଜନିତ ବର୍ଷା ଅଭାବ ଯୋଗୁ ଭାରତ ମହାସାଗର ଆମକୁ ନିରୁପାୟ କରୁଛି ସତ, କିନ୍ତୁ ମନୁଷ୍ୟକୃତ ବିଶ୍ୱତାପନ ଓ ତଦ୍ୱାରା ହେଉଥିବା ଜଳବାୟୁ ପରିବର୍ତ୍ତନ ଏହାର ଏକ ପ୍ରମୁଖ କାରଣ। ଏଠାରେ କହିବା ବାହୁଲ୍ୟ, ଭାରତର ଦଶା ଓ ଦିଶା ନିୟନ୍ତ୍ରଣରେ ଭାରତ ମହାସାଗରର ଏକ ପ୍ରମୁଖ ଭୂମିକା ସମ୍ପାଦନ କରୁଛି। ଅତଏବ ଭାରତର ଆଧାର, ଭାରତ ମହାସାଗର।

ଅଧ୍ୟାପକ, ଭୂତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ମୋ-୭୮୭୩୨୭୬୮୧୮

# କୃପା ବୃକ୍ଷ



ଦ୍ୱିତୀ ଚନ୍ଦ୍ର ସାହୁ

ନୂଆ ଘର ହେଲା। ରଙ୍ଗ କାମ ହେଲା। ପ୍ରତିଷ୍ଠା ବି ସରିଲା। ପୁରୁଣା ଅଟୁଜଟୁ ଜିନିଷ ପାଇଁ ଘର ଶେଷରେ ଗୋଟିଏ ଟିଣଘର ହୋଇଥିଲା। ସେଠିକୁ ସବୁ ଜିନିଷ ଗଲା। ଶେଷରେ ରହିଲା କଳା ରଙ୍ଗର କାଠ ଚୌକି। ହାତ ଭାଙ୍ଗି ଯାଇଛି। ବାଁ ପଟ ଗୋଡ଼ରୁ ଉପରକୁ ଲମ୍ବିଥିବା କାଠଟା ଆଁ କରି ଉପରକୁ ଚାହିଁଛି କିଛି ପାଇବା ଆଶାରେ ଯେମିତି। ତାକୁ ଟେକି ନେଇ ସେଇ ଏକୁଟିଆ ଅନ୍ଧାର ଘର ଭିତରେ ରଖି ଦେବାକୁ ଘରର ଅନ୍ୟମାନେ ପ୍ରସ୍ତାବ ଦେଲେ। ତୁରନ୍ତ ମନା କଲି। କହିଲି ସେଟା ମୋ ରୁମ୍‌ରେ ରହିବ। ପାଠ ପଢୁଆ ପିଲାମାନେ ହସିଲେ ଓ କହିଲେ – 'ଏଇ ପୁରୁଣା ହାତ ଭଙ୍ଗା ଚେୟାରଟା ନୂଆ ଘରେ କି କାମ। ସୁନ୍ଦର ଦିଶିବନି। ସେଠି ଗୋଟେ ନୂଆ ଘୂରୁଥିବା ସ୍ପଞ୍ଜିବାଲା ଚୌକି ଆଣିଦେବା। ଆରାମରେ ବସି ଲେଖାଲେଖି ଓ ପଢାପଢି କରିବ।' ନୂଆରେ ଚାକିରି କରିଥିବା ପୁତୁରାର କଥାରେ ସିଧା ମନା କଲି। ସବୁ ନୂଆ ଜିନିଷ କ'ଣ ପୁରୁଣାର ସ୍ଥାନ ନେଇପାରେ ସତରେ ! ନୂଆରେ ଚମକ ଥାଏ, କିନ୍ତୁ ପୁରୁଣାରେ ଭରି ରହିଥାଏ ମହକ। ସେ ମହକ ମନପ୍ରାଣକୁ ଆହ୍ଲାଦିତ କରେ। ସ୍ମୃତିକୁ ସତେଜ କରେ। ଅନେକ ଅକୁହା କଥା କହିଦିଏ। ନିମିଷକରେ ଫେରାଇ ଦିଏ ପଛକୁ। ଏକଥା ସେମାନଙ୍କୁ କହିପାରିଲି ନାହିଁ। ପଛକୁ ଫେରିଗଲି ଆପେ ଆପେ।

ଦାଣ୍ଡ ଘର ଅଗଣା କାନ୍ଥକୁ ଲାଗି ପଡିଥିଲା କାଠ ଚୌକି। ମୁଣ୍ଡ ଲାଗି ପଛ କାନ୍ଥଟା ତେଲ ଚିକିଟାରେ କଳା ପଡିଯାଉଥିଲା। ଚୂନ ଲଗେଇଲାବେଳେ କାନ୍ଥରେ ଚୂନ ଧରୁ ନ ଥିବାରୁ ମାଆ ବିରକ୍ତ ହେଉଥିଲା ସବୁବେଳେ। ଚୌକିରେ ବସୁଥିଲେ ବାପା। ଆସୁଥିଲେ ଗାଁ ଲୋକ। ଚାଲୁଥିଲା ବିଭିନ୍ନ ଚର୍ଚ୍ଚା। ଚାଷବାସ, ପାଣିପାଗ, ପର୍ବପର୍ବାଣିର ପ୍ରସ୍ତୁତିର ଚିଠା ତିଆରି ହେଉଥିଲା। ଅନେକଥର ତିଆରି ହୋଇଛି ଗାଁର ବିକାଶର ନକ୍ସା ଏହି ଚୌକିରେ ବସି। ଏହା ଖାଲି ଚୌକି ନୁହେଁ, ପିଢି ପିଢିର ଅସ୍ତିତ୍ୱ ଓ ଅସ୍ମିତାର ସ୍ମାରକୀ। ବାପା ଭଳି ସ୍ୱାଭିମାନୀ ମଣିଷକୁ ଯୋଗାଇଛି ପ୍ରେରଣା। ଝୁନ୍ଦାଝୁନ୍ଦି କରି ଯୋଗାଇଛି ବଳ ଲଢିବାକୁ ଓ ସମସ୍ୟାକୁ ସୁଧାରିବାକୁ। ତଳେ ଓ ମସିଣାରେ ବସି ଗପସପ ହେଉଥିବା ଯୁଗରେ କାଠ ଚୌକିର ତିଆରି। ଗୁରୁଜନ ଓ ଲଘୁଜନଙ୍କ ଭିତରେ ଯଥେଷ୍ଟ ସମ୍ମାନ ଓ ଭକ୍ତି ଥିଲା। ଚୌକିରେ ବସି ଆଲୋଚନା କରିବା ଗୋଟେ ସମ୍ମାନ ଓ ଆଭିଜାତ୍ୟର ପ୍ରତୀକ ଥିଲା। ବାସ୍ତବରେ ବାପାମାନେ ସ୍ୱୟଂ ଆଭିଜାତ୍ୟ ଓ ସମ୍ମାନର ମୂର୍ତ୍ତିମନ୍ତ ପ୍ରତିମା ମନେ ହେଉଥିଲେ। କାନ୍ଧରେ ଗାମୁଛା ଧରି ଆତଯାତ ମଣିଷ ପ୍ରତି ପରିବାର ସଦସ୍ୟଙ୍କ ଯେତିକି ଭକ୍ତି ଥିଲା ସେତିକି ଭୟ ଥିଲା। ବାପାମାନଙ୍କ ଅନୁମତି ବିନା ଗଛରେ ଯେମିତି ପତ୍ର ହଲୁ ନ ଥିଲା। ନାଲି ଆଖି ଓ କଡା ଚାହାଣିରୁ ଜାଣିହେଉଥିଲା ସେମାନଙ୍କ ନିଷ୍ପତ୍ତି। କହିବାର ଅବକାଶ ନ ଥିଲା। ତଥାପି କଠିନ ହୃଦୟର ମଣିଷ ବୋଲି ମନେହେଉଥିବା ବାପାମାନେ ବେଳେବେଳେ ପିଲା ହୋଇଯାନ୍ତି। ପିଲାଙ୍କ ମନ ଜାଣି ବାପାମାନେ ବି କେବେ ଝରଣା ଭଳି ଛଳଛଳ ହୋଇ ଯାଉଥିଲେ। ସ୍ନେହରେ ବତୁରି ଯାଉଥିଲେ। କାନ୍ଧରେ ଧରି ମେଳା ଯାତରା ନେଉଥିଲେ। ଗାମୁଛାରେ ଲୁହ ଓ ରକ୍ତ ପୋଛି ଦେଉଥିଲେ। ବାପାମାନେ କାଳେ ଥିଲେ ଦୂରଦର୍ଶୀ। ଭଲମନ୍ଦର ବିଚାର ଥିଲା। ମନ ଚିହ୍ନୁଥିବା ଗୋଟେ ମନ ଥିଲା। ପିଲାଙ୍କ ହୃଦୟକୁ ଜୟ କଲା ଭଳି ଗୋଟେ ବିଶାଳ ହୃଦୟ ଥିଲା। ସେଥିପାଇଁ ଗାମୁଛାରେ ବନ୍ଧା ହୋଇ ଘରକୁ ଆସୁଥିଲା ଭଳିକି ଭଳି ଜିନିଷ। ବାପାଙ୍କ ବଙ୍କୁଲି ବାଡି, ଛତା, କାଠ ଚୌକି, ପଲଙ୍କ, କାଠ କଲମ, ମୋଟା ଫ୍ରେମର ଚଷମା, ପୁରୁଣା ମଡେଲ ସାଇକେଲ, ଘରେ ଥିବା ପୁରାଣ ସର୍ବୋପରି କାନ୍ଧର ଗାମୁଛା ବାପାମାନଙ୍କ ଗରିମାକୁ ବହୁଗୁଣିତ କରୁଥିଲା।

ଏବେ ଅନେକ କିଛି ବଦଳିଛି। ନଡାଛପର ଘର ବଦଳରେ ଠିଆ ହେଉଛି ବହୁତଳ କୋଠା। ସାଇକେଲ ଜାଗାରେ ଆଭିଜାତ୍ୟ ବହନ କରୁଥିବା ଗାଡି ଆସିଛି। ଘର ଭିତରର ପରିପାଟୀ ବି ବଦଳି ଯାଉଛି। ପୁରୁଣା ସ୍ଥାନ ସବୁ ନୂଆ ମାଡ଼ି ବସିଛି। ତା' ସହିତ ବାପାମାନେ ବି ଯେମିତି ବଦଳି ଯାଇଛନ୍ତି ପିଲାମାନଙ୍କ ନଜରରେ। ହୁଏତ ଆଜିକାର ବାପାମାନେ ପିଲାମାନଙ୍କ ପାଇଁ ପୁଳା ପୁଳା ରୋଜଗାର କରୁଥିବା ଅନ୍ୟ ମଣିଷମାନଙ୍କ ପରି ମଣିଷଟିଏ ମାତ୍ର। କିଛି ସ୍ୱାତନ୍ତ୍ର୍ୟ ନାହିଁ କାଳେ। ସବୁ ସୁଖ ଖଞ୍ଜି ପିଲାଙ୍କୁ ସମୟ ଦେଇପାରୁ ନ ଥିବା ମଣିଷଟିଏ। ଅତୀତରେ ସବୁ ଜାଣିଥିବା ବାପାଠାରୁ ଆଜିକା ପିଲାମାନେ ହୁଏତ ଗୁଗଲ ଓ ୟୁଟ୍ୟୁବକୁ ଅଧିକ ପସନ୍ଦ କରୁଛନ୍ତି। କାରଣ ସବୁ ପ୍ରଶ୍ନର ଉତ୍ତର ଦେଇପାରୁଛି ସେ। ସବୁ କିଛି ଦେଖି ଶିଖେଇ ପାରୁଛି। ଯାନ୍ତ୍ରିକ ଓ ବୈଷୟିକ କୌଶଳକୁ ପିଲାମାନେ ବାପାମାନଙ୍କ ପ୍ରତ୍ୟୟଠାରୁ ଅଧିକ ବୋଲି ବିବେଚନା କରୁଥିବାରୁ ବାପାମାନଙ୍କ ଚରିତ୍ରର ମହତ୍ତ୍ୱ ଓ ଗୁରୁତ୍ୱ ବୋଧହୁଏ କମିଯାଇଛି। ଭାବଗତ ସମ୍ପର୍କ କ୍ରମଶଃ କମି ଆସୁଥିବାରୁ ବାପାମାନେ ଯେମିତି ଘର ପାଇଁ ସ୍ଥାୟୀ ଅଲୋଡା ଜିନିଷ ବୋଲି ମନେକରୁଛନ୍ତି ସେମାନେ। ଏଇ ମାନସିକତା ବାପାମାନଙ୍କୁ ଆଜିକା ସାମାଜିକସ୍ତରରେ ଭିନ୍ନ ସ୍ତରକୁ ନେଇଯାଇଛି। ଶେଷ ସମୟରେ ହୁଏତ ପିଲାଙ୍କଠାରୁ ହତାଦର ହେଉଛନ୍ତି ଅବା ଜରା ନିବାସକୁ ପଠାଇବାକୁ କୁଣ୍ଠାବୋଧ କରୁ ନାହାନ୍ତି। କିନ୍ତୁ ଯେତେ ଦୁନିଆ ଆଗେଇଲେ ବି ଜନ୍ମଦାତା ବାପା ଭିତରେ ଗୋଟେ କୋମଳ ହୃଦୟ ଅଛି। ଆବେଗକୁ ବ୍ୟକ୍ତ କରିପାରୁଥିବା ସୁନ୍ଦର ମନଟିଏ ଅଛି। ଆଉ ସନ୍ତାନ ଦେହରେ ସାମାନ୍ୟ ଆଞ୍ଚୁଡା ବସିଲେ ଆହା ବୋଲି କଷ୍ଟ ହେଉଥିବା ଦରଦ ପ୍ରାଣଟିଏ ଅଛି, ଯାହା ପିଲାଟି ଅନ୍ୟ କାହାଠାରୁ ପାଇବା ଅସମ୍ଭବ।

ବାପାମାନେ ସଦାକାଳେ ପିଲାଙ୍କ ପାଇଁ କୃପା ବୃକ୍ଷ। ହାତ ଭଙ୍ଗା ଚୌକି ପରି ବୟସର ଭାରରେ ବାପାମାନେ ନଇଁ ଯାଇଥିବେ ସତ। କିନ୍ତୁ ଅଭିଜ୍ଞତା, ଅନୁଭୂତି, ଅନୁଶୀଳନ, ଅନୁଭବ ତଥା ଅନୁରାଗ ଦୃଷ୍ଟିରୁ ସବୁବେଳେ ସନ୍ତାନ ପାଇଁ ସ୍ୱତନ୍ତ୍ର। ଖସି ଯାଇଥିବା ହାତକୁ କାଠ ଚୌକି ଦେହରେ ସଜେଇ ଦାଣ୍ଡ ରୁମର କାନ୍ଥକୁ ଲଗାଇ ପକାଇଲି। କାନ୍ଧରେ ଗୋଟେ ଗାମୁଛା ପକାଇ ବସିଲି ଚୌକିରେ। ଆଖି ବୁଜି ଅନୁଭବ କଲି ପିତୃତ୍ୱକୁ। କିନ୍ତୁ ଦିଶୁ ନ ଥିଲି ମୁଁ ନିଜେ। ମୁଦି ହୋଇଯାଇଥିବା ଆଖିର ଅନ୍ଧାର ଭିତରେ ଆଲୋକିତ ହୋଇ ଦିଶୁଥିଲେ କେବଳ ଜଣେ। କାଠ ଚୌକି ଉପରେ ବସିଥିବା ବାପା ସିଏ !

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ-୯୫୫୬୨୮୭୭୭୫

## ଏଇ ଭାରତରେ

ଈଶ୍ୱର ସର୍ବବ୍ୟାପକ ବୋଲି ଅନୁଭବ କରନ୍ତି ବିହାର ନାଳନ୍ଦା ଜିଲାର ମାଢି ଗ୍ରାମବାସୀମାନେ। ସେମାନେ ମନ୍ଦିର, ମସ୍‌ଜିଦ, ଗିର୍ଜା, ଗୁରୁଦ୍ୱାର ସବୁଠି ଈଶ୍ୱର ସତ୍ତା ଉପଲବ୍ଧି କରନ୍ତି। ବହୁଦିନ ତଳେ ମାଢ଼ିରେ ହିନ୍ଦୁ ମୁସଲମାନ ଏକାଠି ରହୁଥିଲେ ଓ ମୁସଲମାନମାନେ ସେଠାରେ ଏକ ମସ୍‌ଜିଦ ନିର୍ମାଣ କରିଥିଲେ। କାଳକ୍ରମେ ସବୁ ମୁସଲମାନ ଗାଁ ଛାଡି ଚାଲିଗଲେ। ମୁସଲମାନ୍‌ମାନେ ଚାଲିଗଲା ପରେ ମସ୍‌ଜିଦର ଦାୟିତ୍ୱ ହିନ୍ଦୁମାନେ ନେଇଛନ୍ତି। ମସ୍‌ଜିଦ୍‌ରେ ପ୍ରତିଦିନ ହିନ୍ଦୁମାନେ ୫ଥର ନମାଜ ପଢୁଛନ୍ତି। କୌଣସି ସମସ୍ୟା ଆସିଲେ ସେମାନେ ମସ୍‌ଜିଦରେ ପ୍ରାର୍ଥନା ବି କରନ୍ତି। ହିନ୍ଦୁମାନେ 'ଅଜାନ୍' ଜାଣି ନ ଥିବାରୁ ସେମାନେ 'ଅଜାନ'ର ରେକର୍ଡିଂ ବଜାଉଛନ୍ତି। ଏହି ମସଜିଦକୁ ପ୍ରାୟ ୨୦୦ ବର୍ଷ ହେବ। କିନ୍ତୁ ଈଶ୍ୱର-ଆଲ୍ଲା 'ଏକ' ଭାବନାରେ ସେମାନେ ସକାଳେ ଓ ସନ୍ଧ୍ୟାରେ ମସ୍‌ଜିଦ ସଫା କରୁଛନ୍ତି ଓ ନମାଜ ପଢୁଛନ୍ତି।

## ଚିରନ୍ତନୀ

ଚକିତେ ବଧିର ହିୟା
ଲଭିଲା ଶ୍ରବଣ,
ମଣିଲା ଏ କ୍ଷତରାଶି
ନୁହେ ଅକାରଣ।
(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କପିକରି ପାସ୍ କରୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ କ'ଣ

ମହାଶୟ,

ଆମ ରାଜ୍ୟରେ ଚଳିତବର୍ଷ ଯୁକ୍ତ ଦୁଇ କଳା, ବାଣିଜ୍ୟ ଏବଂ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇସାରିଛି। କଳା, ବାଣିଜ୍ୟ ଏବଂ ବିଜ୍ଞାନରେ ଶତକଡା ପାସ୍ ହାର ଯଥାକ୍ରମେ ୬୭.୫୬, ୭୪.୯୫ ଓ ୭୨.୩୩ ରହିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ ସତରେ କ'ଣ ଏତେ ସଂଖ୍ୟକ ଛାତ୍ରୀଛାତ୍ର ସେମାନଙ୍କ ଯୋଗ୍ୟତା ବଳରେ ପାସ୍ କରିଛନ୍ତି ? ଏହାର ଉତ୍ତର ହେଉଛି ନାହିଁ। ବର୍ତ୍ତମାନ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଅନେକ ଯୁକ୍ତ ଦୁଇ ଛାତ୍ରୀଛାତ୍ର ୫ମ ଶ୍ରେଣୀର ପିଲାମାନଙ୍କୁ ମଧ୍ୟ ନିର୍ଭୁଲ ଭାବରେ ପଢ଼ାଇ ପାରୁନାହାନ୍ତି କିମ୍ବା ଓଡ଼ିଆ ଏବଂ ଇଂଲିଶ ଭାଷାରେ କୌଣସି ପ୍ରସଙ୍ଗକୁ ନେଇ ଦରଖାସ୍ତଟିଏ ମଧ୍ୟ ଲେଖି ପାରୁନାହାନ୍ତି। ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏସବୁ ଅଧିକ ହୋଇଥାଏ। ପିଲାମାନେ ଅଧ୍ୟବସାୟୀ କି ଜିଜ୍ଞାସୁ ହେଉନାହାନ୍ତି ଏବଂ ସେମାନଙ୍କ ଭବିଷ୍ୟତ ନଷ୍ଟ ହୋଇଯାଉଛି। ସାର୍ଟିଫିକେଟ ଥାଇ ମଧ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରୁନାହାନ୍ତି। ରାଜ୍ୟରେ ପ୍ରତିବର୍ଷ ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ସୁତରାଂ ସମସ୍ତ ପ୍ରକାରର ପରୀକ୍ଷାକୁ କଡାକଡି ଭାବରେ ପରିଚାଳନା କରାଯିବା ଉଚିତ, ଯାହା ଫଳରେ କେବଳ ପାଠ ପଢିଥିବା ଛାତ୍ରୀଛାତ୍ରମାନେ ହିଁ ପାସ୍ କରିପାରିବେ।

ରାଇଚରଣ ବିଶ୍ୱାଳ
ସାମନ୍ତରାୟପୁର, ତିହିଡି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କୃଷି କ୍ଷେତ୍ରକୁ ନାବାର୍ଡ ଦେବ ୧.୨୦ଲକ୍ଷ କୋଟି ଋଣ**

ନୂଆଦିଲ୍ଲୀ: ବର୍ତ୍ତମାନ ଦେଶରେ ଜାରି ରହିଥିବା ମାନ୍ଦାବସ୍ଥା ଓ କୋଭିଡ୍-୧୯ ସଂକ୍ରମଣ ବିଭିନ୍ନ ସମସ୍ୟା ସୃଷ୍ଟି କରିଛି। ମହାମାରୀ ସମୟରେ ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ(ନାବାର୍ଡ) କୃଷି କ୍ଷେତ୍ରକୁ ପ୍ରାୟ ୧.୨୦ ଲକ୍ଷ କୋଟି ଟଙ୍କାର କୃଷି ଋଣ ପ୍ରଦାନ କରିବ । ଏ ସମ୍ପର୍କରେ ନାବାର୍ଡ ଗୁରୁବାର ସୂଚନା ଦେଇ କହିଛି ଯେ, ଚଳିତ ଆର୍ଥିକ ବର୍ଷ ମଧ୍ୟରେ ବ୍ୟାଙ୍କ କୃଷି କ୍ଷେତ୍ରର ବିଭିନ୍ନ ବର୍ଗକୁ ଏହି ସହାୟତା ରାଶି ପ୍ରଦାନ କରାଯିବ।

# ଅଧିକ ଋଣ କରିପାରନ୍ତି ସରକାର

ନୂଆଦିଲ୍ଲୀ, ୧୦।୯




କରୋନା ମହାମାରୀ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଛି। ଅପରପକ୍ଷରେ ଟିକସ ସଂଗ୍ରହ କମୁଥିବାରୁ ରାଜକୋଷ ଉପରେ ଏବେ ଚାପ ପଡୁଛି। ଏଭଳି ବିଭିନ୍ନ କାରଣ ଲାଗି ସରକାର ଅଧିକ ଋଣ କରିବାକୁ ବାଧ୍ୟ ହୋଇ ପାରନ୍ତି। କହିବାକୁ ଗଲେ ନିଅଣ୍ଟିଆ ସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ସରକାର ମନେଟାଇଜେଶନ ଉପରେ ବିଚାର କରିପାରନ୍ତି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ରୟଟର୍ସଙ୍କୁ ସୂଚନା ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ଭାଗ ଲାଗି ଋଣ ଯୋଜନା ମାର୍ଚ୍ଚ ୩୧ରେ ଶେଷ ହେଉଛି। ଏ ସଂକ୍ରାନ୍ତ ବିଭିନ୍ନ ଦିଗ ଉପରେ ରିଜର୍ଭ ବ୍ୟାଙ୍କ ଏବଂ ସରକାର ଚଳିତ ମାସ ଶେଷ ଆଡକୁ ବିଚାର କରିବେ ବୋଲି ଶୁଣାଯାଉଛି।

ଋଣର ମନେଟାଇଜେଶନ ଉପରେ ରହିଥିବା ସାମ୍ଭାବ୍ୟ ସ୍ଥିତି ଉପରେ ବର୍ତ୍ତମାନ ସୁଦ୍ଧା ଆଲୋଚନା କରାଯାଇଛି। ଏହା ଏଭଳି ଏକ କାର୍ଯ୍ୟ ଯେଉଁଥିରେ ବିତ୍ତୀୟ ନିଅଣ୍ଟ (ସରକାରଙ୍କ ଆୟ ବ୍ୟୟ ମଧ୍ୟରେ ପାର୍ଥକ୍ୟ)କୁ ପୂରଣ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ଟଙ୍କା ଛାପିଥାଏ। ଅର୍ଥାତ ନିଅଣ୍ଟକୁ ଭରଣା ଲାଗି ରିଜର୍ଭ ବ୍ୟାଙ୍କ କିଛି ପରିମାଣର ଟଙ୍କା ଛାପି ସ୍ଥିତିକୁ ନିୟନ୍ତ୍ରଣ କରିଥାଏ। ୧୯୯୭ରେ ଏଭଳି ପୂର୍ବରୁ ହୋଇସାରିଛି। ଏହାକୁ ସାଧାରଣତଃ ଠିକ୍ କାର୍ଯ୍ୟ ବୋଲି ଅନେକଙ୍କ ଦ୍ୱାରା ବିବେଚନା କରାଯାଇ ନ ଥାଏ। ହେଲେ ତବବରିଆ ଭାବେ ଏଭଳି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ନାହିଁ ବୋଲି ଅଧିକାରୀ କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ନିଶ୍ଚିତ ପକ୍ଷେ ସରକାରଙ୍କୁ ଅଧିକ ଋଣ କରିବାକୁ ପଡିବ। ଟଙ୍କା ଛପାଇବା ନେଇ ବର୍ତ୍ତମାନ ସୁଦ୍ଧା କୌଣସି ଚୂଡାନ୍ତ ନିଷ୍ପତ୍ତି ହୋଇନାହିଁ। ସ୍ଥିତି ଉପରେ ଏବେ ନଜର ରଖାଯାଇଛି। ଧର୍ଯ୍ୟ ଧରି ଆଗକୁ କିଭଳି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ସେ ଦିଗରେ ବିଚାର କରାଯାଉଥିବା ଅଧିକାରୀ କହିଛନ୍ତି।

ଅନ୍ୟ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଡେଟ୍ ମନେଟାଇଜେଶନ ଏକ ଯଥାର୍ଥ ବିକଳ୍ପ ନୁହେଁ। ମାତ୍ର କେତେକ ଦେଶ ଏଭଳି କରୁଥିବା ଦେଖାଯାଉଛି। ମାତ୍ର ଏହା ସରକାରଙ୍କ ଲାଗି ଶେଷ ପନ୍ଥା ହୋଇପାରେ। ଏହା କ୍ରେଡିଟ ରେଟିଂକୁ ପ୍ରଭାବିତ କରିବ। ଏହାବାଦ ମୁଦ୍ରାସ୍ଫୀତି ଉପରେ ମଧ୍ୟ ବିଶେଷ ପ୍ରଭାବ ପକାଇବ। ଖାଦ୍ୟ ସାମଗ୍ରୀ ଦରଦାମ ବଢିଲେ ଏହା ଲୋକଙ୍କର ଚିନ୍ତା ବଢାଇବ। ସରକାରଙ୍କ ଲାଗି ଏହା ମଧ୍ୟ ଚିନ୍ତାର କାରଣ ପାଲଟିପାରେ। ରିଜର୍ଭ ବ୍ୟାଙ୍କ ଓପନ୍ ମାର୍କେଟ ଅପରେଶନ ଦ୍ୱାରା ନଗଦ ସୁବିଧାକୁ ତ୍ୱରାନ୍ୱିତ କରିପାରେ ବୋଲି ଅନ୍ୟ ଜଣେ ଅଧିକାରୀ ମତ ରଖିଛନ୍ତି। ଏହା ଦ୍ୱାରା ଅଧିକ ପରିମାଣର ଋଣ କରାଯାଇପାରେ। ସୂଚନା ଯୋଗ୍ୟ, ୧୨ ଲକ୍ଷ କୋଟି ଟଙ୍କା ଋଣ କରିବା ଲାଗି ସରକାର ପୂର୍ବରୁ ଲକ୍ଷ୍ୟ ରଖିଥିଲେ। ହେଲେ ସ୍ଥିତି ଯାହା ଉପୁଜିଛି ସରକାରଙ୍କୁ ଅଧିକ ଅର୍ଥ ଆବଶ୍ୟକ ପଡୁଛି।

ରିଜର୍ଭ ବ୍ୟାଙ୍କ ବଜାରରେ ୧୧ ଲକ୍ଷ କୋଟି ଟଙ୍କାର ନଗଦ ଉପଲବ୍ଧ କରାଇଛି। ଏଭଳି ସ୍ଥିତିରେ

## ଶେଷ ପନ୍ଥା ଟଙ୍କା ଛାପିବା

ସରକାର ଗତ ବର୍ଷ ତୁଳନାରେ ୭୦% ଅଧିକ ଋଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। କରୋନା ମହାମାରୀ ପାଇଁ ସରକାରଙ୍କୁ ବାଧ୍ୟ ହୋଇ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ୪ ମାସରୁ ଅଧିକ ସମୟ ଲାଗି ଦେଶକୁ ଲକ୍‌ଡାଉନ କରି ରଖାଯାଇଥିଲେ ମଧ୍ୟ କରୋନା ସଂକ୍ରମଣରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ ଦେଶ। ଲକ୍‌ଡାଉନ ପାଇଁ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) -୨୩.୯% ଖସିଛି। ଚଳିତ ଆର୍ଥିକ ବର୍ଷରେ ଦେଶର ରିୟଲ ଜିଡିପି ପ୍ରାୟ ୧୪% ଖସିବା ନେଇ ପ୍ରମୁଖ ଏଜେନ୍ସିଗୁଡିକ ଆକଳନ କରିଛନ୍ତି। ସରକାରଙ୍କ ରାଜସ୍ୱ ଲଗାତର ଖସୁଛି। ଯାହା ଅତ୍ୟନ୍ତ ଚିନ୍ତାଜନକ। ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକରୁ ଅଂଶଧନ କ୍ରୟ ଦ୍ୱାରା ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ହାସଲ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହା ହୋଇପାରେ ବୋଲି ସରକାରଙ୍କ କିଛିଟା ଆଶା ରହିଛି। ଏହି ପରିପ୍ରେକ୍ଷୀରେ ଡିବିଏସ୍‌ର ଅର୍ଥନୀତିଜ୍ଞ ରାଧିକା ରାଓ କହିଛନ୍ତି , ଡେଫିସିଟ ମନେଟାଇଜେଶନ ଦ୍ୱନ୍ଦ୍ୱ ଭାରତ ପାଇଁ କିଛି ସ୍ୱତନ୍ତ୍ର ନୁହେଁ। ଗୋଟିଏ କଥା ସରକାରଙ୍କୁ ସ୍ପଷ୍ଟ ଭାବେ ବିଚାର କରିବାକୁ ହେବ ମହାମାରୀ ଲାଗି ଏଭଳି ବ୍ୟବସ୍ଥା ଗ୍ରହଣଯୋଗ୍ୟ। ଏହାକୁ ବାରମ୍ବାର କରିବା ଗ୍ରହଣଯୋଗ୍ୟ ହୋଇ ନ ପାରେ।

# ସେପ୍ଟେମ୍ବର ୨୮ ଯାଏ ବଢ଼ିଲା ମୋରାଟୋରିୟମ

ନୂଆଦିଲ୍ଲୀ, ୧୦।୯



ସୁପ୍ରିମକୋର୍ଟ ଋଣ କିସ୍ତି ପ୍ରଦାନ କ୍ଷେତ୍ରରେ ମୋରାଟୋରିୟମ ବା ଆଶ୍ୱସ୍ତି ସୁବିଧାକୁ ଚଳିତ ମାସ ୨୮ ଯାଏ ବୃଦ୍ଧି କରିଛନ୍ତି। ମୋରାଟୋରିୟମ ଅବଧି ମଧ୍ୟରେ ଯଦି କୌଣସି ବ୍ୟକ୍ତି ଋଣ କିସ୍ତି ପଇଠ କରିବାକୁ ସକ୍ଷମ ହୋଇ ନ ଥାନ୍ତି ତେବେ ତାଙ୍କ ଖାତାକୁ ବ୍ୟାଙ୍କ ଅନାଦାୟ ଋଣ(ଏନ୍‌ପିଏ) ଘୋଷଣା କରିପାରିବେ ନାହିଁ ବୋଲି ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ମଧ୍ୟ ବର୍ତ୍ତମାନ କାଏମ ରହିଛି। କୋଭିଡ୍-୧୯ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି ରିଜର୍ଭ ବ୍ୟାଙ୍କ ମୋରାଟୋରିୟମ ସୁବିଧା ଘୋଷଣା କରିଥିଲା। ଏହା ମଧ୍ୟରେ ଲୋକମାନେ ଋଣ କିସ୍ତିକୁ ପ୍ରତି ମାସ ନ ଦେଲେ ମଧ୍ୟ କଟକଣା ଲାଗିବ ନାହିଁ ବୋଲି କୁହାଯାଇଥିଲା। ହେଲେ ଏହି ସମୟ ଅବଧିରେ ବ୍ୟାଙ୍କ ସୁଧ ଉପରେ ସୁଧ ଲଗାଇବା ଘଟଣା ସାମ୍ନାକୁ ଆସିଥିଲା। ଏହି ପ୍ରସଙ୍ଗ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ଏହା ଉପରେ ନ୍ୟାୟାଳୟ ବର୍ତ୍ତମାନ ଶୁଣାଣି କରୁଛନ୍ତି। ସରକାର ଘୋଷଣା କରିଥିବା ମୋରାଟୋରିୟମ ଅବଧି ଅଗଷ୍ଟ ୩୧ରେ ଶେଷ ହୋଇଛି।

ମୋରାଟୋରିୟମ ଅବଧିରେ ଋଣ କିସ୍ତି ଉପରେ ସୁଧ ଲାଗୁ ନ କରିବା ପ୍ରସଙ୍ଗରେ ବିଚାର କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଋଣଗ୍ରହୀତାଙ୍କ କ୍ରେଡିଟ୍ ରେଟିଂ ଉପରେ ଯେଭଳି କୌଣସି ପ୍ରଭାବ ନ ପଡେ ତାହା ଦେଖିବାକୁ କୁହାଯାଇଛି। ବର୍ତ୍ତମାନ ବଜାର କ୍ଷତିଗ୍ରସ୍ତ ହୋଇ ରହିଥିବାରୁ ଋଣ ମୋରାଟୋରିୟମ ଅବଧିକୁ ୨ ବର୍ଷ ପର୍ଯ୍ୟନ୍ତ ବଢାଯାଇପାରିବ ବୋଲି ସରକାର ସୁପ୍ରିମକୋର୍ଟଙ୍କୁ ନିକଟରେ କହିଥିଲେ। ଏହି ମାମଲାର ବିଭିନ୍ନ ଦିଗ ଉପରେ ବିଚାର କରିବା ଲାଗି ରିଜର୍ଭ ବ୍ୟାଙ୍କ ସହ ଆଲୋଚନା କରିବା ଲାଗି ସୁପ୍ରିମକୋର୍ଟ ସରକାରଙ୍କୁ କହିଛନ୍ତି।

ଜଣେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଜୀବ ଦତ୍ତ ପକ୍ଷ ରଖି କହିଛନ୍ତି, ବ୍ୟାଙ୍କଗୁଡିକ ସୁଧ ଉପରେ ସୁଧ ଲାଗୁ କରିବା ଭଳି ଘଟଣା ସାମ୍ନାକୁ ଆସୁଛି। ମୋରାଟୋରିୟମ ଦ୍ୱାରା କେଉଁଠାରେ ଆଶ୍ୱସ୍ତି ମିଳିଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଋଣ ପୁନର୍ଗଠନ ସୁବିଧା ପୂର୍ବରୁ ଦେବାର ଆବଶ୍ୟକତା ଥିଲା। ବର୍ତ୍ତମାନ ଲୋକମାନେ ରୋଜଗାର ହରାଇଥିବା ବେଳେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସାମ୍ନା କରୁଛନ୍ତି। ମୋରାଟୋରିୟମ ସୁବିଧାରେ ଲୋକଙ୍କୁ ସୁଧ ଛାଡ଼ , ବ୍ୟାଙ୍କଗୁଡିକ ଲାଗୁ କରୁଥିବା ସୁଧ ଉପରେ ସୁଧ ପ୍ରଦାନରୁ ଲୋକଙ୍କୁ ଆଶ୍ୱସ୍ତି ମିଳିବ କି ନାହିଁ ସେ ପ୍ରସଙ୍ଗରେ କେନ୍ଦ୍ର ସରକାର ପକ୍ଷ ସ୍ପଷ୍ଟ କରନ୍ତୁ ବୋଲି ସେ ଯୁକ୍ତିରେ କହିଛନ୍ତି।

## ୮୦ ସ୍ପେଶାଲ ଟ୍ରେନ୍ ପାଇଁ ବୁକିଂ ଆରମ୍ଭ

ନୂଆଦିଲ୍ଲୀ, ୧୦।୯

ସେପ୍ଟେମ୍ବର ୧୨ରୁ ଯାତ୍ରା ଆରମ୍ଭ କରୁଥିବା ନୂଆ ୮୦ ସ୍ପେଶାଲ ଟ୍ରେନ୍ ପାଇଁ ଟିକେଟ ବୁକିଂ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହାଦ୍ୱାରା ଭାରତୀୟ ରେଳ ବିଭାଗର ସ୍ପେଶାଲ ଟ୍ରେନ୍ ସଂଖ୍ୟା ୩୧୦ ହୋଇଛି ବୋଲି ରେଲୱେ ବୋର୍ଡ ପକ୍ଷରୁ କୁହାଯାଇଛି। ସ୍ପେଶାଲ ଟ୍ରେନ୍ ପାଇଁ ବୁକିଂ ଆରମ୍ଭ ହେବା ନେଇ ପୂର୍ବରୁ ବୋର୍ଡ ଅଧକ୍ଷ ବି.କେ. ଯାଦବ ସୂଚନା ଦେଇଥିଲେ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସୁଦ୍ଧା ୨୩୦ ସ୍ପେଶାଲ ଟ୍ରେନ୍ ଚଳାଚଳ କରୁଛି। ଯାତ୍ରା ପାଇଁ ଯାତ୍ରୀଙ୍କ ଲାଗି ରେଲୱେ ବୋର୍ଡ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଯାତ୍ରୀମାନେ ମାସ୍କ ଅବା ଫେସ୍ କଭର ପିନ୍ଧିବା ବାଧ୍ୟତାମୂଳକ। ସମସ୍ତଙ୍କର ଥର୍ମାଲ୍ ସ୍କ୍ରିନିଂ କରାଯାଉଥିବାରୁ ଅତି କମ୍‌ରେ ୯୦ ମିନିଟ୍ ପୂର୍ବରୁ ଷ୍ଟେଶନରେ ଯାତ୍ରୀମାନଙ୍କୁ ପହଞ୍ଚିବାକୁ ହେବ। କରୋନା ଲକ୍ଷଣ ନ ଥିବା ଯାତ୍ରୀଙ୍କୁ ଯାତ୍ରା ଲାଗି ଅନୁମତି ଦିଆଯିବ। ବଗିରେ ସାମାଜିକ ଦୂରତା ଉପରେ ଗୁରୁତ୍ୱାରୋପ କରାଯିବ ବୋଲି ରେଲୱେ ବୋର୍ଡ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି। ଆଇଆର୍‌ସିଟିସି ୱେବ୍‌ସାଇଟ୍ ସହାୟତାରେ ଯାତ୍ରୀ ବୁକିଂ କରିପାରିବେ। ସେହିପରି ରିଜର୍ଭେଶନ୍ କାଉଣ୍ଟରରେ ମଧ୍ୟ ବୁକିଂ କରିହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

## ୨.୨୦ ଲକ୍ଷ କୋଟି ଟଙ୍କା ବଢ଼ିଲା ନିବେଶକଙ୍କ ସମ୍ପତ୍ତି

ମୁମ୍ବାଇ, ୧୦।୯

ଗୁରୁବାର ଦେଶର ପୁଞ୍ଜି ବଜାର କାରବାର ଉନ୍ନତ ହେବାରୁ ନିବେଶକଙ୍କ ସମ୍ପତ୍ତି ୨.୨୦ ଲକ୍ଷ କୋଟି ଟଙ୍କା ବଢିଛି। ୨ ଦିନ ନିମ୍ନରେ ରହିବା ପରେ ପୁଞ୍ଜି ବଜାର କାରବାର ପୁଣି ଥରେ ଟ୍ରାକକୁ ଫେରିବାରୁ ଏଭଳି ସ୍ଥିତି ଦେଖାଯାଇଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ୬୪୬.୪୦ ପଏଣ୍ଟ(୧.୬୯%) ବଢି ୩୮,୮୪୦.୩୨ ପଏଣ୍ଟରେ ବନ୍ଦ ହୋଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର କାରବାର ବେଶ ଉନ୍ନତ ରହିଥିବା ନଜରକୁ ଆସିଛି। ବିଶ୍ୱ ବଜାରର ସ୍ଥିତି ଉନ୍ନତ ରହିବା କାରଣରୁ ଏହା ଭାରତୀୟ ବଜାର ଉପରେ ଭଲ ପ୍ରଭାବ ପକାଇଥିବା ଜିଓଜିତ ଫାଇନାନ୍ସିଆଲ ସର୍ଭିସର ରିସର୍ଚ୍ଚ ମୁଖ୍ୟ ବିନୋଦ ନାୟାର ସୂଚନା ଦେଇଛନ୍ତି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ମିଡକ୍ୟାପ ଏବଂ ସ୍ମଲ କ୍ୟାପ୍ ସୂଚୀ ୧.୨୭% ଉର୍ଦ୍ଧ୍ୱରେ ରହିଥିବା ଜଣାପଡିଛି।

## ଜେନ ଫ୍ରେଜର ସିଟି ବ୍ୟାଙ୍କ ସିଇଓ

ନ୍ୟୁୟର୍କ, ୧୦।୯

ବିଶ୍ୱର ଅଗ୍ରଣୀ ବ୍ୟାଙ୍କ ଭାବେ ପରିଚିତ ସିଟି ବ୍ୟାଙ୍କର ନୂତନ ସିଇଓ ଭାବରେ ଜେନ ଫ୍ରେଜର ନିଯୁକ୍ତ ହୋଇଛନ୍ତି। ପ୍ରଥମ ମହିଳା ଭାବରେ ଫ୍ରେଜର ସିଟି ଗ୍ରୁପ ଦ୍ୱାରା ପରିଚାଳିତ ସିଟି ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଭାବରେ ଅବସ୍ଥାପିତ ହୋଇଛନ୍ତି। ବ୍ୟାଙ୍କିଙ୍ଗ କ୍ଷେତ୍ରରେ ତାଙ୍କର ଦୀର୍ଘ ୩୭ ବର୍ଷର ଅଭିଜ୍ଞତା ରହିଛି। ସାରା ବିଶ୍ୱରେ କାୟା ବିସ୍ତାର କରିଥିବା କରୋନା ମହାମାରୀ କାରଣରୁ ବ୍ୟାଙ୍କିଙ୍ଗ ଶିଳ୍ପରେ ମାନ୍ଦାବସ୍ଥା ଜାରି ରହିଛି। ଏପରି ଏକ ଜଟିଳ ପରିସ୍ଥିତିରେ ତାଙ୍କ ନିଯୁକ୍ତି ସିଟି ବ୍ୟାଙ୍କର



ଜେନ ଫ୍ରେଜର

ବାଣିଜ୍ୟ କାରବାରକୁ ନୂଆ ଦିଗନ୍ତ ପ୍ରଦାନ କରିବାରେ ବେଶ ଗୁରୁତ୍ୱ ବହନ କରିବ ବୋଲି ଆଶା କରାଯାଉଛି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ସହ ଦାୟିତ୍ୱବୋଧତାର ସହ ସମସ୍ତଙ୍କୁ ନେଇ କାର୍ଯ୍ୟ କରିବେ ବୋଲି ଫ୍ରେଜର ସୂଚନା ଦେଇଛନ୍ତି।

## ବଜାର ପୁଞ୍ଜୀକରଣରେ ରିଲାଏନ୍ସର ରେକର୍ଡ

ମୁମ୍ବାଇ, ୧୦।୯

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଆର୍‌ଆଇଏଲ୍) ବଜାର ମୂଲ୍ୟାୟନରେ ନୂଆ ରେକର୍ଡ ସୃଷ୍ଟି କରିଛି। ପ୍ରଥମ ଭାରତୀୟ ସୂଚୀଭୁକ୍ତ କମ୍ପାନୀ ଭାବେ ରିଲାଏନ୍ସ ୨୦୦ ବିଲିୟନ ଡଲାର (ପ୍ରାୟ ୧୫ ଲକ୍ଷ କୋଟି) ବଜାର ପୁଞ୍ଜୀକରଣ ସ୍ତର ଟପିବାକୁ ସକ୍ଷମ ହୋଇଛି। ଗୁରୁବାର ଦିନ ମଧ୍ୟରେ କମ୍ପାନୀର ଶେୟାର କାରବାର ୬.୨% ବଢିବା ଯୋଗୁ ଏହା ନୂଆ ରେକର୍ଡ କରିଛି। ରିଲାଏନ୍ସ ରିଟେଲର ପ୍ରାୟ ୨୦ ବିଲିୟନ ଡଲାର ଅଂଶଧନ ଆମାଜନ ଡଟ୍ କମ୍‌କୁ ବିକ୍ରି ନେଇ ଆଲୋଚନା ଜାରୀ ରହିଥିବା ଏକ ରିପୋର୍ଟ ବ୍ଲୁମବର୍ଗରେ ପ୍ରକାଶ ପାଇଥିଲା। ତେବେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଗୁରୁବାର ଏ ନେଇ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଛି ଯେ, ନିବେଶକ ମାନେ କୌଣସି ମନଗଢା ରିପୋର୍ଟ ଉପରେ ବିଶ୍ୱାସ ନ କରିବା ଆବଶ୍ୟକ। କମ୍ପାନୀ ପକ୍ଷରୁ ଯାହା କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି ତାହା ଷ୍ଟକ ବଜାରକୁ ଫାଇଲିଂ ଦ୍ୱାରା ଅବଗତ କରାଯାଉଛି।

## ୯% ଖସିବ ଜିଡିପି: କ୍ରିସିଲ

ମୁମ୍ବାଇ, ୧୦।୯




ଆର୍ଥିକ ବର୍ଷ ୨୦୨୦-୨୧ରେ ଭାରତୀୟ ଅର୍ଥ ବ୍ୟବସ୍ଥାର ମୋଟ ଘରୋଇ ଉତ୍ପାଦ(ଜିଡିପି) ୯% ହ୍ରାସ ଘଟିବ। କରୋନା ସଂକ୍ରମଣ ବର୍ତ୍ତମାନ ବଢିଚାଲିଛି। ଏଭଳି ସ୍ଥିତିରେ ସରକାର ପ୍ରତ୍ୟକ୍ଷ ଭାବେ ବିତ୍ତୀୟ ସହାୟତା ପ୍ରଦାନ କରିବାର ଆବଶ୍ୟକତା ରହିଛି ବୋଲି ରେଟିଂ ଏଜେନ୍ସି କ୍ରିସିଲ ଗୁରୁବାର ପରାମର୍ଶ ଦେଇଛି। ଚଳିତ ବର୍ଷ ମେ ମାସରେ କ୍ରିସିଲ ପକ୍ଷରୁ କରାଯାଇଥିବା ଅନୁମାନରେ କୁହାଯାଇଥିଲା, ଭାରତୀୟ ଅର୍ଥ ବ୍ୟବସ୍ଥା ୫% ଖସିଯିବ। ଏପ୍ରିଲ ଜୁନ ତ୍ରୈମାସରେ ଦେଶର ଜିଡିପି -୨୩.୯% ଖସିଯାଇଛି। ୯% ବିକାଶ ହାର ଖସିବା ୧୯୫୦ ଠାରୁ ସବୁଠୁ ଖରାପ ଅବସ୍ଥା ବୋଲି କ୍ରିସିଲ ଏହାର ରିପୋର୍ଟରେ କହିଛି।

ଭାରତ ସରକାର ଆତ୍ମ ନିର୍ଭର ପ୍ୟାକେଜ ଭାବେ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କା ସମ୍ପର୍କରେ ଘୋଷଣା କରିଥିଲେ। ଏହା ଜିଡିପିର ପ୍ରାୟ ୧୦% ବୋଲି କୁହାଯାଇଥିଲେ ମଧ୍ୟ ପ୍ରକୃତ ପକ୍ଷେ ବିତ୍ତୀୟ ସହାୟତା ଭାବେ ସରକାର ୨%ରୁ କମ୍ ଖର୍ଚ୍ଚ କରିଛନ୍ତି। ପୂର୍ବରୁ ହୋଇଥିବା ଆକଳନ ଅନୁସାରେ ଚଳିତ ଆର୍ଥିକ ବର୍ଷରେ ଜିଡିପି ବେଶି କ୍ଷତିଗ୍ରସ୍ତ ହେବାର ଆଶଙ୍କା କରାଯାଉଛି। ମାତ୍ର ସରକାର ପ୍ରକୃତ ବିତ୍ତୀୟ ପଦକ୍ଷେପ ଏ ଯାଏ ନେଇ ନ ଥିବା ଏଜେନ୍ସି ଏହାର ରିପୋର୍ଟରେ ପ୍ରକାଶ କରିଛି। ଅର୍ଥ ବ୍ୟବସ୍ଥାକୁ ସହାୟତା କରିବା ଲାଗି ସରକାର ଅଧିକ ଖର୍ଚ୍ଚ କରିବାର ଆବଶ୍ୟକତା ରହିଛି।

ମଧ୍ୟବର୍ତ୍ତୀକାଳୀନ ସମୟ ଲାଗି ଭାରତର ଅର୍ଥ ବ୍ୟବସ୍ଥା ୧୩% କ୍ଷତି ସହିପାରେ। ମୋଟ ଭାଲ୍ୟୁ ଦେଖିଲେ ଏହା ପ୍ରାୟ ୩୦ ଲକ୍ଷ କୋଟି ଟଙ୍କା ହେବ। କୋଭିଡ ପୂର୍ବବର୍ତ୍ତୀ ସ୍ଥିତିକୁ ବଜାର ଫେରିବାକୁ ହେଲେ ଆଗାମୀ ୩ ଆର୍ଥିକ ବର୍ଷରେ ବାର୍ଷିକ ୧୩ ରିୟଲ ଜିଡିପି ଅଭିବୃଦ୍ଧି ଲୋଡା ରହିଛି। କ୍ରିସିଲ ପକ୍ଷରୁ କୁହାଯାଇଛି ଯେ, ଦେଶର କୃଷି ଜିଡିପି ଚଳିତ ଆର୍ଥିକ ବର୍ଷରେ ୨.୫% ବଢିବ। ଏହାବାଦ ୨୦୨୧-୨୨ରେ ଜିଡିପି ଉନ୍ନତ ହୋଇ ୧୦% ଛୁଇଁବା ନେଇ ଏହା ଆଶାପ୍ରକଟ କରିଛି। ଅର୍ଥ ବ୍ୟବସ୍ଥାର ପ୍ରକୃତ ସମସ୍ୟାକୁ ବୁଝି ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି। କରୋନା ମହାମାରୀ ଦ୍ୱାରା ପ୍ରଭାବିତ ହେଉଥିବା ବ୍ୟକ୍ତି ବିଶେଷ ଏବଂ ବାଣିଜ୍ୟକୁ ସହାୟତା ପ୍ରଦାନ ନେଇ ଏହା ସରକାରଙ୍କୁ ପରାମର୍ଶ ଦେଇଛି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OPTCL Lifeline of Odisha
OFFICE OF THE DEPUTY GENERAL MANAGER (ELECT.)
E.H.T.(O&M) DIVISION, JODA
P.O.-Boneikala, Dist.: Keonjhar, PIN: 758038 (ODISHA)
Phone No.: 7328829375, E-mail: ehtm.div.jod@optcl.co.in
CIN-U40102OR2004SGC007553
Leter No.487 Date: 9.9.20
TENDER CALL NOTICE NO.-03/2020-2021
Sealed tenders are invited from Isolator manufacturer / Reputed service providers having valid Electrical HT licence and experience in Installation, repair & maintenance of 220KV isolators for the work of "Retrofitting of ABB make 220 KV maintenance free Beam mounted isolator in Bypass isolator of 220 KV TTPS CKT-I & Auto Transformer-I of (BUS-2 side) at Grid ss Joda under HT (O&M) Division Joda." Cost of tender paper Rs.2240/-, EMD-Rs.3800/-. Sale of tender documents from Dt.15.09.2020 to 29.09.2020. Last date of submission of tender: 30.09.2020 upto 1.00 P.M. Date of opening of tender : 30.09.2020 at 3.00 P.M. For details visit our website: www.optcl.co.in.
Corrigendum if any will be published in the OPTCL website only.
Sd./- Dy. General Manager (Elect.)
EHT (O&M) Division, Joda

ତହସିଲ କାର୍ଯ୍ୟାଳୟ, ଜୟପୁର, ଜିଲ୍ଲା- କୋରାପୁଟ
ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ
ତହସିଲ କାର୍ଯ୍ୟାଳୟ, ଜୟପୁର ବିଜ୍ଞପ୍ତି ସଂଖ୍ୟା 3579 ତା10.09.2020
ଜୟପୁର ଅନ୍ତର୍ଗତ 6 ଗୋଟି ଲଘୁ ଖଣିଜ ଦ୍ରବ୍ୟଗୁଡିକ ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ଲିଜ୍ ଇସ୍ତାହାର ପ୍ରକାଶିତ ହୋଇଅଛି। ଏହି ଇସ୍ତାହାର ସମ୍ବନ୍ଧୀୟ ସମସ୍ତ ତଥ୍ୟ କୋରାପୁଟ ଜିଲ୍ଲା website:http://koraput.nic.inରେ ଉପଲବ୍ଧ ଅଛି । ନିଲାମରେ ଭାଗନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ୱେବ୍‌ସାଇଟରୁ ସମସ୍ତ ତଥ୍ୟ ହାସଲ କରି ଆବେଦନ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ, ଜୟପୁରଠାରେ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ହାସଲ କରିପାରିବେ ।
ବନ୍ଦ ଲଫାପାରେ ଦରଖାସ୍ତ ଗ୍ରହଣର ଶେଷ ତାରିଖ 24.09.2020 ସନ୍ଧ୍ୟା 5.00 ପର୍ଯ୍ୟନ୍ତ ଏବଂ ତା25.09.2020ରିଖ 11.00 ଘଟିକାରେ ପ୍ରଥମ ପର୍ଯ୍ୟାୟ ଲିଜ୍ ପ୍ରକ୍ରିୟା ଚୂଡାନ୍ତ ହେବ ଏବଂ ଯେଉଁ ଉତ୍ସଗୁଡିକର ଲିଜ୍ ପ୍ରକ୍ରିୟା ଚୂଡାନ୍ତ ହୋଇ ନ ପାରିଲେ ସେହି ଉତ୍ସଗୁଡିକ ଦ୍ୱିତୀୟ ଥର ପାଇଁ 06.10.2020 ଓ ତୃତୀୟଥର ପାଇଁ ତା13.10.2020, 11.00 ଘଟିକାକୁ ଧାର୍ଯ୍ୟ ହୋଇଅଛି। ଗୃହୀତ ଦରଖାସ୍ତଗୁଡିକ ସେହି ଦିନମାନଙ୍କରେ ବିଜ୍ଞାପନରେ ଦର୍ଶାଯାଇଥିବା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାହେବ ଏବଂ ଲିଜ୍ ପ୍ରକ୍ରିୟା ଚୂଡାନ୍ତ ହେବ ।
ସ୍ୱା./-ତହସିଲଦାର, ଜୟପୁର

FAKIR MOHAN AUTONOMOUS COLLEGE
BALASORE
ADMISSION NOTIFICATION-2020-21
FOR FOUR YEAR INTEGRATED B.A./B.Sc. B.Ed.
Applications are invited from the candidates desirous of taking admission into Four years Integrated B.A./B. Sc. B.Ed. for the Session 2020-21. Application form and details of fees & eligibility criteria are available in the college website- www.fmcollege.nic.in. Candidates are required to submit the application form and other documents by 23.9.2020 positively through e-mail- fmcollegebeddepartment2015@gmail.com
DR S.D. ADHIKARY
Principal
F.M. Auto. College, Balasore

GANGADHAR MEHER UNIVERSITY
AMRUTA VIHAR, SAMBALPUR
No. 4539/GMU Date: 10.09.2020
UG ADMISSION NOTIFICATION 2020-21
Applications are invited for admission to different UG Programms (Including the Integrated B.Ed. Programme) of Gangadhar Meher University, Sambalpur for the session 2020-21.
Interested candidates are required to visit the university website www.gmuniversity.ac.in for eligibility, application form, information brochure & other details.
Online application form will be available on the university website from 12.09.2020 and the last date of submission of Online application form is 27.09.2020 (Mid Night). For any clarification one may contact the following helpline numbers.
Admission Helpline Number (Time: 10 A.M. to P.M.)
OIC Admission : Dr. Partha Sarathi Mallik - 7001716990
Dr. Namita Sarangi - 9238580182
Arts : Dr. Prasanta Kumar Sethi - 9040212331
Dr. Rupasree Brahma Kumari - 9438179616
Science : Dr. Gangadhar Behera - 8765192334
Dr. Atul Kumar Pradhan - 9754875987
Commerce : Dr. Ranjan Sethi - 9861972410
Dr. Rashmi - 8789209835
B.Ed. : Dr. Rajashree Baral - 8895510985
Sd./- Registrar
G.M. University, Amruta Vihar, Sambalpur

ବିଜ୍ଞାପନ
ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, କେନ୍ଦୁଝର
ସଂଖ୍ୟା: ୨୨୧ ତାରିଖ: ୧୦।୦୯।୨୦୨୦
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉଦ୍ଧାର କରାଯାଇଥିବା ନିମ୍ନଲିଖିତ ଶିଶୁମାନଙ୍କୁ କେନ୍ଦୁଝର ଜିଲ୍ଲା ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶନାମା ବଳରେ ଯତ୍ନ ଅନୁଷ୍ଠାନ 'ଆର୍.ଭି.ଡି.ଓ., ତେଲକୋଇ', କେନ୍ଦୁଝରଠାରେ ରଖାଯାଇଅଛି । ଏହି ଶିଶୁମାନଙ୍କର ଯଦି କେହି ପିତାମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ଫୋନ୍ ନଂ.-୦୬୭୬୬-୨୫୫୦୫୨ କିମ୍ବା ଜିଲ୍ଲା ଶିଶୁ ମଙ୍ଗଳ ସମିତି, କେନ୍ଦୁଝର, ଫୋନ୍ ନଂ.-୦୬୭୬୬-୨୫୫୨୧୩ ସହ ଯୋଗାଯୋଗ କରିବାକୁ ଅନୁରୋଧ। ଉପରୋକ୍ତ ସମୟ ସୀମା ପରେ କୌଣସି ଦାବି ପତ୍ର ଗ୍ରହଣ କରାଯିବନାହିଁ । ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ ଆଇନ୍-୨୦୧୫ ଅନ୍ତର୍ଗତ ଧାରା ୩୮(୧) ଅନୁଯାୟୀ ଶିଶୁମାନଙ୍କୁ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ କରାଯିବ ।

| କ୍ର.ନଂ. | ନାମ | ଫଟୋ |
|---|---|---|
| ୧ | ନାମ- ରଶ୍ମି ପିଙ୍ଗୁଆ<br>ଲିଙ୍ଗ-ସ୍ତ୍ରୀ<br>ଜନ୍ମ ତାରିଖ- ୨୯।୦୧।୨୦୦୪<br>ଉଦ୍ଧାର ତାରିଖ- ୦୭।୦୮।୨୦୨୦<br>ଉଦ୍ଧାର କରାଯାଇଥିବା ସ୍ଥାନ: ବଲାଣି, ବଡ଼ବିଲ |  |
| ୨ | ନାମ- ରାମ ପିଙ୍ଗୁଆ<br>ଲିଙ୍ଗ- ପୁରୁଷ<br>ଜନ୍ମ ତାରିଖ- ୦୬।୦୭।୨୦୧୦<br>ଉଦ୍ଧାର ତାରିଖ- ୦୭।୦୮।୨୦୨୦<br>ଉଦ୍ଧାର କରାଯାଇଥିବା ସ୍ଥାନ: ବଲାଣି, ବଡ଼ବିଲ |  |
| ୩ | ନାମ- ଯାତ୍ରୀ ପିଙ୍ଗୁଆ<br>ଲିଙ୍ଗ- ସ୍ତ୍ରୀ<br>ଜନ୍ମ ତାରିଖ- ୦୫।୦୭।୨୦୦୯<br>ଉଦ୍ଧାର ତାରିଖ- ୦୭।୦୮।୨୦୨୦<br>ଉଦ୍ଧାର କରାଯାଇଥିବା ସ୍ଥାନ: ବଲାଣି, ବଡ଼ବିଲ |  |
| ୪ | ନାମ- ପଲ୍ଲବୀ ପିଙ୍ଗୁଆ<br>ଲିଙ୍ଗ- ସ୍ତ୍ରୀ<br>ଜନ୍ମ ତାରିଖ- ୨୩।୦୫।୨୦୦୭<br>ଉଦ୍ଧାର ତାରିଖ- ୦୭।୦୮।୨୦୨୦<br>ଉଦ୍ଧାର କରାଯାଇଥିବା ସ୍ଥାନ: ବଲାଣି, ବଡ଼ବିଲ |  |
| ୫ | ନାମ- ଲକ୍ଷ୍ମୀ ପିଙ୍ଗୁଆ<br>ଲିଙ୍ଗ- ସ୍ତ୍ରୀ<br>ଜନ୍ମ ତାରିଖ- ୨୯।୦୧।୨୦୦୪<br>ଉଦ୍ଧାର ତାରିଖ- ୦୭।୦୮।୨୦୨୦<br>ଉଦ୍ଧାର କରାଯାଇଥିବା ସ୍ଥାନ: ବଲାଣି, ବଡ଼ବିଲ |  |

ସ୍ୱା./- ଜିଲ୍ଲାପାଳ, କେନ୍ଦୁଝର

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BANSAL TOWER
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
20yrs Court Agreement
Bansal Tower B Wing, Bangalore , Karnataka-400021.
7055041635
7599929291

VINAYAK Finance
ମାର୍କସିଟ ବ୍ୟବସାୟ ବ୍ୟକ୍ତିଗତ ଆଧାରକାର୍ଡ ସମ୍ପତି ଋଣ ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
8595662905

Hindustan Tower Group
(ପଞ୍ଜୀକୃତ) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଟାୱାର୍ ଲଗାନ୍ତୁ। 90 ଲକ୍ଷ ଆଡଭାନ୍ସ, 60,000ର ଭଡ଼ା + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
9473618663

MUDRA FINANCE
(Govt. Registered.)
ମାର୍କସିଟ, ପର୍ସନାଲ, ସମ୍ପତି, BPL, ଭଡା, କୁକୁଡା ପାଳନ, ଇତ୍ୟାଦି ସମସ୍ତ ଋଣ ଓ CBIL କମ ଥିବା ଲୋକ ସ୍କିମରେ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
0% ସୁଧ ଏବଂ 50% ଛାଡ
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7428959168
9311834637

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫ୍ରୀ ସେବା ୩ ଘଣ୍ଟାରେ ଘରେବସି ୧୦୦% ସମାଧାନ
ଯେପରୀ- ମନଚାହାଁ ପ୍ରେମ, ଲଭ୍ ମ୍ୟାରେଜ୍, ବ୍ୟବସାୟ, ବିଦେଶ ଯାତ୍ରା, ଗୃହକ୍ଳେଶ, ବିବାହରେ ବାଧା, ସଉତୁଣୀ, ଶତ୍ରୁମୁକ୍ତି, କର୍ଜମୁକ୍ତି, ଚାକିରୀ, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ଘରେବସି ତୁରନ୍ତ ସମାଧାନ ।
ବାବା ମୁସ୍ତାନ ଆଲମ
ସ୍ପେ- ବଶୀକରଣ, ମହାମୁଠକରଣୀ ଏବଂ ବ୍ୟବସାୟ
9654196674
9667700474

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ସେପ୍ଟେମ୍ବର ୧୧, ୨୦୨୦



# କୋରାପୁଟରେ ଆକ୍ରାନ୍ତଙ୍କ ସଂଖ୍ୟା ୪୪୪୪

କୋରାପୁଟ,୧୦।୯(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଗୁରବାର ୧୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୪୪୪କୁ ବୃଦ୍ଧି ପାଇଛି। ଗୁରୁବାର ଜିଲାରୁ ଚିହ୍ନଟ ୧୨୪ ଜଣଙ୍କ ମଧ୍ୟରେ ୮୪ ପୁରୁଷ ଓ ୪୦ ମହିଳା ରହିଛନ୍ତି। ଚିହ୍ନଟ ପଜିଟିଭଙ୍କ ମଧ୍ୟରେ ଟିଏମ୍‌ସିରୁ ୪ ଜଣ, ପୂର୍ବରୁ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୫୩ ଓ ୬୭ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ ଜଣ ଛତିଶଗଡ, ୨ ଜଣ ମାଲକାନାଗିରି ଫେରନ୍ତା ରହିଥିବା ସୂଚନା ମିଳିଛି।

# ଶିକ୍ଷକଙ୍କ ପଦୋନ୍ନତି ତ୍ରୁଟି ସଂଶୋଧନ ଦାବି



ଚନ୍ଦାହାଣ୍ଡି ଶିକ୍ଷକ ସଂଘ ବିଇଓଙ୍କୁ ଦାବିପତ୍ର ଦେଉଛନ୍ତି।

ଚନ୍ଦାହାଣ୍ଡି, ୧୦।୯(ଡି.ଏନ୍.ଏ.)

ଶିକ୍ଷକଙ୍କ ପଦୋନ୍ନତି ତାଲିକାରେ ତ୍ରୁଟି ରହିଛି। ଏହାକୁ ତୁରନ୍ତ ସଂଶୋଧନ କରିବାକୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଶିକ୍ଷକ ସଂଘ ଦାବି କରିଛି। ଜିଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଏକ ଦାବିପତ୍ର ବିଇଓ ଭଜନଲାଲ ମାଝିଙ୍କୁ ପ୍ରଦାନ କରାଯାଇଛି। ଗତ ୨ତାରିଖରେ ନବରଙ୍ଗପୁର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରକାଶିତ ପତ୍ର ସଂଖ୍ୟା–୩୨୧୩ରେ ଶିକ୍ଷକଙ୍କ ପଦୋନ୍ନତି ତାଲିକା ପ୍ରକାଶ ପାଇଥିଲା। ଏହି ପଦୋନ୍ନତି ତାଲିକା କିନ୍ତୁ ନିଯୁକ୍ତି ବରିଷ୍ଠତା ଭିତିରେ ପ୍ରସ୍ତୁତ କରାଯାଇନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏଣୁ ବିଭାଗୀୟ ନିର୍ଦ୍ଦେଶନାମା ଅନୁଯାୟୀ ମାଟ୍ରିକ ସିଟି , +୨ ସିଟି , ଆଇଏ ସିଟିକୁ ଗୋଟିଏ ତାଲିକା ଏବଂ ବିଏ ସିଟି ଓ ବିଏ ବିଇଡିକୁ ଆଉ ଗୋଟିଏ ତାଲିକା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

# ଡାବୁଗାଁର ୨ ଅଞ୍ଚଳ କଣ୍ଟେନ୍‌ମେଣ୍ଟ ଜୋନ୍

ଡାବୁଗାଁ, ୧୦।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ଓ କୋଇଲାରୀ ପଞ୍ଚାୟତରେ ୨ ଦିନରେ ଗତ ୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ପରେ ଭଗତୁ ଗୌଡଙ୍କ ଘରଠାରୁ ଲକ୍ଷ୍ମୀ ବିଶୋୟୀଙ୍କ ଘର ପର୍ଯ୍ୟନ୍ତ, ଡାବୁଗାଁ ଗ୍ରାମର ବାଲାଜୀ ଟ୍ରେଡିଙ୍ଗ କୋ ଛକରୁ ଭୈରବ ମନ୍ଦିର ଛକ ପର୍ଯ୍ୟନ୍ତ ଏବଂ ଡାବୁଗାଁ ଅଗ୍ନିଶମ କେନ୍ଦ୍ରରୁ ଜୟନ୍ତୀନଗର ମିଟୁ ସାନ୍ତା ଘର ପର୍ଯ୍ୟନ୍ତ ଓ ସାନକୋଇଲାରୀ ଗ୍ରାମର ବ୍ରଜ ଭତ୍ରାଙ୍କ ଘରରୁ କମଲୁ ପନକାଙ୍କ ଘର ପର୍ଯ୍ୟନ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଓ ବଫର ଜୋନ ଘୋଷଣା କରାଯାଇଛି। ଆସନ୍ତା ୨୦ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିବ। ଏହା ସହ ସଂପୂର୍ଣ୍ଣ କଣ୍ଟେନମେଣ୍ଟ ଜୋନକୁ ମଧ୍ୟ ବଫର ଜୋନ ଭାବେ ଘୋଷଣା କରାଯାଇଛି। ଆଗାମୀ ଦିନରେ ଡାବୁଗାଁବାସୀଙ୍କୁ ଆହୁରି ସତର୍କ ରହିବାକୁ ପଡିବ। ସ୍ଥାନୀୟ ପ୍ରଶାସନ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡା କଡ଼ି କରିଛି। ଉକ୍ତ ଗ୍ରାମଗୁଡିକ ସିଲ୍ କରାଯାଇଛି।

# ତୁରନ୍ତ ହିତାଧିକାରୀଙ୍କୁ ଚାଉଳ ବାଣ୍ଟିବାକୁ ପିଇଓଙ୍କୁ ନିର୍ଦ୍ଦେଶ

ଜୟପୁର,୧୦।୯(ଡି.ଏନ୍.ଏ. )

କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତା ପଞ୍ଚାୟତରେ ଚାଉଳ ଚୋରି ହୋଇଥିବାରୁ ସେପ୍ଟେମ୍ବର ମାସରେ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଏବଂ ଅନ୍ୟ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ ଆରମ୍ଭ ହୋଇନି। ତେଣୁ ତୁରନ୍ତ ଉକ୍ତ ମାସର ଚାଉଳ ବଣ୍ଟନ କରିବାକୁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ପିଇଓ)ଙ୍କୁ ଯୋଗାଣ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଅଯୋଇଛି। ଅନ୍ୟପକ୍ଷେ ପିଇଓ ପ୍ରଳୟ ତ୍ରିପାଠୀଙ୍କ ଅଭିଯୋଗକ୍ରମେ ଜୟପୁର ସଦରଥାନାଧିକାରୀ ରଘୁନାଥ ମାଝି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ଗତ ସୋମବାର ପଞ୍ଚାୟତ ଗୋଦାମରୁ ଚାଉଳ ଚୋରି ହୋଇଥିଲା। ପରେ ପଞ୍ଚାୟତ ପାଇଁ ଆଉ ଚାଉଳ ଦିଆଯାଇଛି। କିନ୍ତୁ ଚଳିତ ମାସ ପାଇଁ ଚାଉଳ ପଞ୍ଚାତ ଗୋଦାମରେ ରଖା ନ ଯାଇ ଅନ୍ୟତ୍ର ରଖିବା ବ୍ୟବସ୍ଥା ହୋଇଛି। ମାସର ୧ରୁ ୨୫ ତାରିଖ ମଧ୍ୟରେ ଚାଉଳ ବଣ୍ଟନ ନିର୍ଦ୍ଦେଶ ରହିଛି। ତେଣୁ ତୁରନ୍ତ ଚାଉଳ ବଣ୍ଟନ ଆରମ୍ଭ କରିବାକୁ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଜୟପୁର ବ୍ଲକର ୨୨ ପଞ୍ଚାୟତରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ୧୫୯୬ କାର୍ଡଧାରୀ ରହିଛନ୍ତି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷାରେ ୮୭ କାର୍ଡଧାରୀ, ଅନ୍ତୋଦୟ ଯୋଜନାରେ ୩୭୬ଜଣ କାର୍ଡଧାରୀ ରହିଛନ୍ତି।

# ୨ଟା ଯାଏ ବୋରିଗୁମ୍ମାରେ ଖୋଲିବ ଦୋକାନ ବଜାର

ବୋରିଗୁମ୍ମା, ୧୦।୯(ଡି.ଏନ୍.ଏ.)

ବୋରିଗୁମ୍ମାରେ ବଢୁଥିବା କରୋନା ସଂକ୍ରମଣକୁ ଆଖିଆଗରେ ରଖି ଶୁକ୍ରବାରରୁ ୩୦ ତାରିଖ ପର୍ଯ୍ୟନ୍ତ ଅଞ୍ଚଳର ସମସ୍ତ ଦୋକାନ ବଜାର ସକାଳ ୭ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ସୂଚନା ମିଳିଛି। ଔଷଧ ଦୋକାନକୁ ଏଥିରୁ ବାଦ ଦିଆଯାଇଛି। ବୋରିଗୁମ୍ମା ସହରବାସୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବୋରିଗୁମ୍ମା ନାଗରିକ ମଞ୍ଚ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବୋରିଗୁମ୍ମା ପ୍ରେସ୍ କ୍ଲବ, ଆଇନଜୀବୀ, ବଣିକ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ।

# ନବରଙ୍ଗପୁରରୁ ୧୨୫ ପଜିଟିଭ

ନବରଙ୍ଗପୁର,୧୦।୯(ବି.ପ୍ର.)

ନବରଙ୍ଗପୁର ଜିଲାରୁ ଗୁରୁବାର ୧୨୫ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୯୧୨ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୧୫୯ଜଣ ସୁସ୍ଥ ହୋଇଛନ୍ତି। ୭୧୨ଜଣଙ୍କ ଚିକିତ୍ସା ଚାଲିଛି। ୫୨୦ଜଣ ହୋମ ଆଇସୋଲେଶନରେ ଅଛନ୍ତି। ଜିଲାରେ ବର୍ତ୍ତମାନ ସୁଦ୍ଧା ୫୩ହଜାର ୧୩୫ ନମୂନା ପରୀକ୍ଷା କରାଯାଇଛି।

## ODISHA SUB-ORDINATE STAFF SELECTION COMMISSION

Block No. 3 & 5, Unit - 1, Bhubaneswar - 751009
Telephone: 0674-2597149, 2597152 (Office),
Fax: 0674-2597155, Website: www.osssc.gov.in

No. IIE-23/2019-75(C)/OSSSC Date: 08.09.2020

### NOTICE

**Practical Skill Test, Item No.-1, Essay & Letter writing in Odia for Recruitment to the Posts of Junior Assistant under General and Special Drive for ST/SC-2018**

No. T-44: In pursuance of the Advertisement No. IIE-11/2018-1100(C)/OSSSC Dt.28.12.2018 and in supercession of Notification No. IIE-23/2019-43(C)/OSSSC Dt.18.03.2020 the **Practical Skill Test, Item No.-1-Essay & Letter Writing in Odia** for the qualified candidates as per notification No. IIE-20/2020-61(C)/OSSSC Dt.06.07.2020 will be held in the approved examination centres on **18.10.2020 (Sunday)** from **11.30 A.M. to 12.00 Noon** (30 minutes duration). The admission letters will be available online from 01.10.2020 onwards in the OSSSC website: **www.osssc.gov.in** which may be downloaded by the candidates using their user ID and Password to appear in the examination. The Practical Skill Test, Item No.-2, Basic Computer Skills which is of qualifying nature only will be held later to be notified by the Commission in due course. **No hard-copy of Admission Letter will be sent to any candidate by Post**.

By order of the Commission
**Sd./- Secretary**
OIPR-09007/11/0002/2021

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୂଆପଡ଼ା

ବିଜ୍ଞାପନ ସଂଖ୍ୟା: ୪୦୪୧ ତାରିଖ: ୧୦।୦୯।୨୦୨୦

### ବିଜ୍ଞାପନ

ପଞ୍ଚାୟତ ସମିତି, ନୂଆପଡ଼ା ଅନ୍ତର୍ଗତ ସମସ୍ତ ରାଜସ୍ୱ/ପଡ଼ା ଗ୍ରାମର ଜନସାଧାରଣ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ରାଜ୍ୟ ସରକାରଙ୍କର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପତ୍ରସଂଖ୍ୟା ୧୩୩୪୧ ତା୨୫।୦୮।୨୦୨୦ରିଖ ଏବଂ ପତ୍ର ସଂଖ୍ୟା ୧୩୦୬୫ ତା୧୯।୦୮।୨୦୨୦ରିଖ ଅନୁଯାୟୀ ମହାତ୍ମା ଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା ନିମନ୍ତେ ଉଦ୍ଦିଷ୍ଟ ନିୟମାବଳୀ ମୁତାବକ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ମନରେଗା କାର୍ଯ୍ୟ ତଦାରଖ ନିମନ୍ତେ ୦୨ (ଦୁଇ) ଜଣ ଅତିରିକ୍ତ ମହିଳା ମେଟକୁ ମନୋନୀତ କରାଯିବା ପାଇଁ ନିର୍ଦ୍ଦେଶ ହୋଇଅଛି। ଏଣୁ ଉକ୍ତ ମହିଳା ମେଟ ନିଯୁକ୍ତି ନିମନ୍ତେ ଇଚ୍ଛୁକ ସଭ୍ୟାମାନେ ଉକ୍ତ ବିଜ୍ଞାପନ ସଂଲଗ୍ନ ଫର୍ମରେ ନିଜ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରିବାକୁ ଅନୁରୋଧ। ଆବେଦନ କରିବାର ଶେଷ ତାରିଖ ୧୭।୧୦।୨୦୨୦।

**ଆବେଦନ ନିମନ୍ତେ ଆବଶ୍ୟକ ଯୋଗ୍ୟତା:**

୧. ପ୍ରାର୍ଥିନୀ ସମ୍ପୃକ୍ତ ରାଜସ୍ୱ ଗ୍ରାମର ସ୍ଥାୟୀ ବାସିନ୍ଦା ହୋଇଥିବେ।
୨. ବୟସ ସୀମା – ୦୧ ଅପ୍ରେଲ ୨୦୨୦ ସୁଦ୍ଧା ୧୮ରୁ ୩୫ବର୍ଷ ବୟସ ହୋଇଥିବ।
୩. ଶିକ୍ଷାଗତ ଯୋଗ୍ୟତା – ସର୍ବନିମ୍ନ ପଞ୍ଚମ ଶ୍ରେଣୀ ପାସ୍ ହୋଇଥିବେ।
୪. ଆବେଦନକାରୀଙ୍କ କୌଣସି ପରିବାର ସଦସ୍ୟ ବା ସଦସ୍ୟା ପୂର୍ବରୁ ମେଟ୍ ଭାବରେ ନିଯୁକ୍ତି ପାଇ ନ ଥିବେ ଏବଂ ଅନ୍ୟ କୌଣସି ସରକାରୀ ବା ବେସରକାରୀ ସଂସ୍ଥାର ପଦ ପଦବୀରେ ନିଯୁକ୍ତି ପାଇ ନଥିବେ।

**ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡ଼ା**

## OFFICE OF THE PURI MUNICIPALITY, PURI

Phone-06752-222122, e-mail: purim.hud@nic.in
No.6480 Dt.10.9.20

### QUOTATION CALL NOTICE

Sealed quotations are invited from the intending suppliers /firms for selection of an agency for supply of equipments & Medicines for Animal Birth Control Programme at Puri Municipality. The details of quotations available in the website of Puri Municipality www.puri.nic.in & www.purimunicipality.nic.in from 11 A.M. of 11.09.2020 to 05 P.M. of 28.09.2020. The quotation paper shall be submitted to the Office of the Executive Officer, Puri Municipality, Puri on or before dtd. 28.09.2020 at 5.30 P.M. through Regd. Post/Speed Post/Courier. The quotation will be opened at 11 A.M. on dtd. 29.09.2020 in presence of supplier or their authorized representative who may be present at the time of opening of the quotation. Puri Municipality, Puri will in no way be responsible for any delay in respect of the quotation document. The details terms & conditions along with tender documents may be downloaded from the website www.puri.nic.in & www.purimunicipality.nic.in

The authority reserves the right to reject any or all the quotation without assigning any reason thereof.

**Sd./- Executive Officer**
**Puri Municipality, Puri**

## ତହସିଲ କାର୍ଯ୍ୟାଳୟ, ଭୁବନ, ଜିଲ୍ଲା: ଢେଙ୍କାନାଳ

ସଂଖ୍ୟା: ୨୫୧୪ ତାରିଖ: ୧୦।୦୯।୨୦୨୦

### ଲଘୁ ଖଣିଜ ସକାଶେ ଦୀର୍ଘମିଆଦୀ ଲିଜ୍ ଇସ୍ତାହାର

No. F-36: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଭୁବନ ତହସିଲ ଜିଲ୍ଲା: ଢେଙ୍କାନାଳ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡ଼ିକର ଆସନ୍ତା ୫(ପାଞ୍ଚ) ବର୍ଷ ଅର୍ଥାତ୍ (From the year 2020-21 to 2024-25) ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ପାଇଁ ତହସିଲାଦାର ଭୁବନ ଦ୍ୱାରା ତା୦୭।୧୦।୨୦୨୦, ୧୪।୧୦।୨୦୨୦, ୨୧।୧୦।୨୦୨୦ରିଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ନିଲାମ କରାଯିବ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତବାଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ **www.dhenkanal.nic.in**ରେ ଉପଲବ୍ଧ ହେବ।

ଲିଜ୍ ଗ୍ରହଣ କରିବାପାଇଁ ଦରଖାସ୍ତଗୁଡ଼ିକରେ ତହସିଲ କାର୍ଯ୍ୟାଳୟରେ ଥିବା ନିଲାମ ବାକ୍ସ, ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିଲାମ ତାରିଖର ପୂର୍ବଦିନ ଯଥା ତା୦୬।୧୦।୨୦୨୦, ୧୩।୧୦।୨୦୨୦, ୨୦।୧୦।୨୦୨୦ରିଖ ଅପରାହ୍ନ ୫ଘଣ୍ଟା ୩୦ମିନିଟ୍ ପର୍ଯ୍ୟନ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତଗୁଡ଼ିକ ଗ୍ରହଣଯୋଗ୍ୟ ହେବ ନାହିଁ।

ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି।

**ସ୍ୱା./– ତହସିଲଦାର, ଭୁବନ**
OIPR-24065/11/0005/2021

## DETAILED TENDER CALL NOTICE

GOVERNMENT OF ODISHA

## DEPARTMENT OF PANCHAYATI RAJ INVITATION FOR BIDS (IFB)

**IDENTIFICATION No.- TAL-01/2020-21 / Dt.07.09.2020**
**E-mail Address: ori-talcher@nic.in**

The Block Development Officer, Talcher on behlaf of the Governor of Odisha invites Percentage Rate bid in the Double Cover System for the works as detailed in the table below, from the class of eligible contractors as mentioned in Col.-5 (Five), registered with the State Government and contractors of equivalent Grade/Class registered with Central Government/MES/Railway, to be eventually drawn up in PWD P-I from, for execution of Building (Civil Work). The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following works.

| Sl. No. | Name of the G.P. | Name of the Works | Approx. Value of Work (Rs. in Lakhs) | Class of Contractor | Bid Security (Rs.) | Cost of Documents (Non-refundable) | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Danara | Const. of Community Center, Children Park & Boundary Wall at Ambedkar Nagarsahi | 11.34 | D & C | 11340.00 | 6000 | 6 (Six Calendar Months) |
| 2 | Dera | Const. of CC Road from Gopalpur Sahi to Hensmul Road | 14.09 | D & C | 14090.00 | 6000 | 3 (Three Calendar Months) |
| 3 | Karnapur | Const. of AWC Building at Karnapur - IV | 11.87 | D & C | 11870.00 | 6000 | 6 (Six Calendar Months) |
| 4 | Badajorada | Const. of AWC Building at Badajorada - 2 | 11.87 | D & C | 11870.00 | 6000 | 6 (Six Calendar Months) |
| 5 | Badajorada | Const. of AWC Building at Badasingada - 1 | 11.87 | D & C | 11870.00 | 6000 | 6 (Six Calendar Months) |
| 6 | Badajorada | Const. of AWC Building at Badasingada - 2 | 11.87 | D & C | 11870.00 | 6000 | 6 (Six Calendar Months) |
| 7 | Badajorada | Const. of AWC Building at Badasingada - 3 | 11.87 | D & C | 11870.00 | 6000 | 6 (Six Calendar Months) |
| 8 | Kalamchuin | Const. of AWC Building at Majhika | 11.87 | D & C | 11870.00 | 6000 | 6 (Six Calendar Months) |
| 9 | Kalamchuin | Const. of AWC Building at Kalamchuin - 6 | 11.87 | D & C | 11870.00 | 6000 | 6 (Six Calendar Months) |
| 10 | Hensmul | Const. of AWC Building at Naraharipur - 1 | 11.87 | D & C | 11870.00 | 6000 | 6 (Six Calendar Months) |
| 11 | Hensmul | Const. of AWC Building at Naraharipur - 2 | 11.87 | D & C | 11870.00 | 6000 | 6 (Six Calendar Months) |
| 12 | Tentulei | Const. of AWC Building at Tentulei - 2 | 11.87 | D & C | 11870.00 | 6000 | 6 (Six Calendar Months) |
| 13 | Santhapada | Const. of AWC Building at Jhadiamba | 11.87 | D & C | 11870.00 | 6000 | 6 (Six Calendar Months) |
| 14 | Santhapada | Const. of AWC Building at Nuapada | 11.87 | D & C | 11870.00 | 6000 | 6 (Six Calendar Months) |
| 15 | Gurujaqnguli | Const. of AWC Building at Nuagaon | 11.87 | D & C | 11870.00 | 6000 | 6 (Six Calendar Months) |
| 16 | Gobara | Const. of AWC Building at Meenabazar | 11.87 | D & C | 11870.00 | 6000 | 6 (Six Calendar Months) |
| 17 | Ghantapada | Const. of AWC Building at Railway Station | 11.87 | D & C | 11870.00 | 6000 | 6 (Six Calendar Months) |
| 18 | Gobara | Const. of AWC Building at Gobara - 1 | 11.87 | D & C | 11870.00 | 6000 | 6 (Six Calendar Months) |
| 19 | Gobara | Const. of AWC Building at Gobara - 2 | 11.87 | D & C | 11870.00 | 6000 | 6 (Six Calendar Months) |
| 20 | Gobara | Const. of AWC Building at Gobara - 3 | 11.87 | D & C | 11870.00 | 6000 | 6 (Six Calendar Months) |
| 21 | Gobara | Const. of AWC Building at Gobara - 6 | 11.87 | D & C | 11870.00 | 6000 | 6 (Six Calendar Months) |
| 22 | Gobara | Const. of AWC Building at Gobara - 7 | 11.87 | D & C | 11870.00 | 6000 | 6 (Six Calendar Months) |
| 23 | Gobara | Const. of AWC Building at Gurudwar - 1 | 11.87 | D & C | 11870.00 | 6000 | 6 (Six Calendar Months) |
| 24 | Gobara | Const. of AWC Building at Gurudwar - 2 | 11.87 | D & C | 11870.00 | 6000 | 6 (Six Calendar Months) |
| 25 | Ghantapada | Const. of AWC Building at Ghantapada - II | 11.87 | D & C | 11870.00 | 6000 | 6 (Six Calendar Months) |
| 26 | Ghantapada | Const. of AWC Building at Ghantapada - III | 11.87 | D & C | 11870.00 | 6000 | 6 (Six Calendar Months) |
| 27 | Ghantapada | Const. of AWC Building at Ghantapada - 7 | 11.87 | D & C | 11870.00 | 6000 | 6 (Six Calendar Months) |
| 28 | Ghantapada | Const. of AWC Building at Jilinda | 11.87 | D & C | 11870.00 | 6000 | 6 (Six Calendar Months) |
| 29 | Kankili | Const. of AWC Building at Kankili - 7 | 11.87 | D & C | 11870.00 | 6000 | 6 (Six Calendar Months) |
| 30 | Santhapada | Const. of AWC Building at Santhapada UP School | 11.87 | D & C | 11870.00 | 6000 | 6 (Six Calendar Months) |
| 31 | Dharampur | Const. of AWC Building at Kishoripal | 11.87 | D & C | 11870.00 | 6000 | 6 (Six Calendar Months) |
| 32 | Gobara | Const. of 2 Nos. of Class Room at Peripherial Public School, Gobara | 10.28 | D & C | 10280.00 | 6000 | 6 (Six Calendar Months) |

1. The sale of bid document will be started from 14.09.2020 to 30.09.2020 upto 5.00 P.M.
2. The bid documents will be received on Dt.05.10.2020 upto 5.00 P.M.
3. The bid documents will be opened on 06.10.2020 at 10.30 A.M.
4. For other details you can visit the website **www.angul.nic.in** or in the office of the BDO, Talcher during office hours.

**Sd./- Block Development Officer, Talcher**

## OFFICE OF THE CHAIRMAN, DLSA, DHENKANAL

### ADVERTISEMENT

**Dated 10th the day of September 2020**

No.02-W:-Applications in the prescribed format are invited from the desirous candidates for recruitment to the 3 Nos. of Posts of Jr. Clerk in District Legal Services Authority (DLSA)/ Jr. Clerk-cum-Typist in Taluk Legal Services Committee (TLSC) functioning under the territorial jurisdiction of DLSA, Dhenkanal. Such appointment shall be governed by the provisions of Odisha Group-C and Group-D Posts (Contractual Appointment) Rules, 2013 read with Odisha Group-'C' and Group-'D' Posts (Contractual Appointment) Amendment Rules 2017.

CATEGORY WISE VACANCY POSITION:-

| Name of the Post | UR | S.E.B.C. | SC | ST | Total | Scale of pay |
|---|---|---|---|---|---|---|
| Jr. Clerk, DLSA/ Jr. Clerk-cum-Typist, TLSC | 02 | 01 | 0 | 0 | 03 | Rs.8880/- |

**NOTE:**

1. The number of posts as indicated above may increase or decrease.
2. Reservation in respect of different categories of candidates shall be as per applicable rules/policies/guidelines.

**LAST DATE FOR RECEIPT OF APPLICATIONS:**

The application along with the required documents and self-attached copies of certificates must reach the Office of the Chairman, District Legal Services Authority, Dhenkanal, At-ADR Building, Near Old S.P. Office, P.O./Dist.- Dhenkanal, PIN-759001 on or before 09.10.2020 either by Post or may be dropped in the box provided for the purpose on each working day. Applications received in the office after the last date by any means shall not be taken into consideration.

**N.B.:** For format of Application, Eligibilities of the candidates, Fees for examination, Scheme of examination, Details of syllabus for each subject, List of documents to be submitted along with the application. Kindly visit the below web Links. https://districts.ecourts.gov.in/dhenkanal and www.dhenkanal.nic.in

**Sd./- Chairman**
**District Legal Services**
**Recruitment Committee**
OIPR-18021/11/0001/2021

## OFFICE OF THE PANCHAYAT SAMITI, KORAPUT, DIST.- KORAPUT

**No. 1908/2020 Dt.07.09.2020**

### CORRIGENDUM TENDER CALL NOTICE

A partial correction has been made to this office Tender Call Notice No. 1864/2020, Dated 31.08.2020. The eligibility criteria for the class of contractor to apply for the tender should be read as "C" & "B" rather than "C" & "D" for Sl. No. 04 of the projects mentioned there.

The detail information of which are made available in Koraput Dist. website i.e. **http//www.koraput.nic.in** & in DRDA website **http//www.drdakoraput.org**.

**Sd./- Block Development Officer, Koraput**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, SOUTHERN (R&B) CIRCLE, BERHAMPUR

Phone : 0680-2281582, FAX : 0680-2281582, e-mail : sescpwd@yahoo.co.in

**INVITATIONS FOR BIDS (IFB) [e-Procurement]**

**Bid Identification No. S.E, S.C (R&B)-BAM-04/2020-21 No. 1973 // Dated : 28.08.2020**

No.B-:245:- 1) The Superintending Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Bridge and Building Works as detailed in the table below.

2) Nature of work : Bridge & Building Works
3) No. of work : 06 Nos.
4) Tender Cost : Rs.10,000/- (Online)
5) Class of Contractor : "B", "A", Special & Super Class
6) Availability of Bid document in the website : From 15.09.2020, 10.00 A.M. to 30.09.2020. 4.00 P.M.
7) Date of Opening of Bid : 01.10.2020 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any addendum / corrigendum / cancellation of tender can also be seen in the said website only.

**Sd./- Superintending Engineer,**
**Southern (R&B) Circle, Berhampur**
OIPR-34103/11/0004/2021

## ସଂକ୍ଷେପରେ

### ରମାଦେବୀ ବିଶ୍ୱବିଦ୍ୟାଳୟ: ୟୁଜି, ପିଜି, ବିଏଡ୍ ପରୀକ୍ଷା ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୧୦।୯(ବୁରୋ) : ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ୟୁଜି, ପିଜି ଓ ବିଏଡ୍ ପରୀକ୍ଷା ପାଇଁ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରିଛି। ୟୁଜି ଶେଷ ସେମିଷ୍ଟର ପାଇଁ ୨୧ରେ ପ୍ରାକ୍ଟିକାଲ ଏବଂ ୨୩ ଓ ୨୪ ତାରିଖରେ ଥିଓରୀ ପରୀକ୍ଷା ହେବ। ସେହିପରି ପିଜି ଶେଷ ସେମିଷ୍ଟର ପାଇଁ ୨୧ରେ ପ୍ରାକ୍ଟିକାଲ ଓ ୨୮ ତାରିଖରେ ଥିଓରୀ ପରୀକ୍ଷା ହେବ। ଉଭୟ ପରୀକ୍ଷା ଦୁଇଟି ସିଟିଂରେ ଅନୁଷ୍ଠିତ ହେବ। ପ୍ରଥମ ସିଟିଂ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧୨ଟା ଓ ଦ୍ୱିତୀୟ ସିଟିଂ ଅପରାହ୍ନ ୨ଟାରୁ ୩ଟା ପର୍ଯ୍ୟନ୍ତ ଚାଲିବ। ଅନ୍ୟପକ୍ଷରେ ବିଏଡ୍ ପରୀକ୍ଷା ପାଇଁ ମଧ ସମୟସୂଚୀ ପ୍ରକାଶ ପାଇଛି। ଆସନ୍ତା ୨୧ ଓ ୨୪ ତାରିଖରେ ଥିଓରୀ ପରୀକ୍ଷା ଦୁଇଟି ସିଟିଂରେ ଅନୁଷ୍ଠିତ ହେବ। ତେବେ ସମସ୍ତ ୟୁଜି, ପିଜି ଓ ବିଏଡ୍ ପରୀକ୍ଷା ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମୋଡ୍‌ରେ ହେବ। ଛାତ୍ରୀଛାତ୍ରମାନେ କେଉଁ ଆଧାରରେ ପରୀକ୍ଷା ଦେବାକୁ ଚାହୁଁଛନ୍ତି ସେସମ୍ପର୍କରେ ପୂର୍ବରୁ ବିଶ୍ୱବିଦ୍ୟାଳୟକୁ ଜଣାଇବେ। ତେବେ ୯୦% ଛାତ୍ରୀଛାତ୍ର ଅନ୍‌ଲାଇନ୍ ମୋଡ୍‌ରେ ପରୀକ୍ଷା ଦେବେ ବୋଲି ଆଶା କରାଯାଉଛି।

### ମା’ ପୁଅଙ୍କୁ ଜାଳିଦେଲେ ଦୁର୍ବୃତ୍ତ

କେନ୍ଦୁଝର/ହାଟଡିହୀ, ୧୦।୯ (ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅନ୍ତର୍ଗତ କଳିଗାଁ ଗ୍ରାମରେ ବୁଧବାର ରାତିରେ ଏକ ଲୋମହର୍ଷଣକାରୀ ଘଟଣା ଘଟିଛି। ମା’ ଓ ପୁଅ ଅଙ୍ଗନୱାଡ଼ି କେନ୍ଦ୍ରରେ ଶୋଇଥିବାବେଳେ କେହି ଦୁର୍ବୃତ୍ତ ଉଭୟଙ୍କୁ ଜିଅନ୍ତା ଜାଳିଦେଇଛନ୍ତି। ମୃତକ ହେଲେ ଜଞ୍ଜାଳି ଜେନା (୭୦) ଓ ତାଙ୍କ ପୁଅ ବନମାଳୀ ଜେନା। ଜଞ୍ଜାଳି ଜଣେ ଦିବ୍ୟାଙ୍ଗ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଦୋଷୀଙ୍କୁ ଗିରଫ ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଶାଳନିଆ-ଓରାଳି ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଲୋକଙ୍କ ସହ ଆଲୋଚନା କରି ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ବନମାଳୀଙ୍କ ଘର ନ ଥିବାରୁ ତାଙ୍କ ପରିବାର ଦୀର୍ଘଦିନ ହେଲା ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ ଆଶ୍ରୟ ନେଇ ରହୁଥିଲେ। ଘଟଣା ରାତିରେ ବନମାଳୀଙ୍କ ସ୍ତ୍ରୀ ଓ ତାଙ୍କ ବୋହୂ ଘରେ ନ ଥିଲେ। ବୁଧବାର ରାତିରେ ମା’, ପୁଅ ଖାଇ ପିଇ ଶୋଇଥିଲେ। ଗୁରୁବାର ସକାଳୁ ସେମାନଙ୍କ ପୋଡା ମୃତଦେହ ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ଥିବା ଏକ ଗ୍ରସେରି ଦୋକାନରୁ ଦୁର୍ବୃତ୍ତମାନେ ଚୋରି କରିବା ପରେ ଧରାପଡ଼ିବା ଭୟରେ ସେମାନଙ୍କୁ ପୋଡି ଦେଇଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ଏନେଇ ଡିଏସ୍‌ପି କ୍ରାଇମ ସୁରେଶ ପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ। ପୋଲିସ ଓ ଫରେନ୍‌ସିକ ଟିମ୍ ଗୁରୁବାର ୨ ମୃତଦେହକୁ ଉଦ୍ଧାର କରିବା ସହ ତହସିଲଦାରଙ୍କ ଉପସ୍ଥିତିରେ ତଦନ୍ତ ଆରମ୍ଭ କରିଛି।

# ବିଏମ୍‌ସି ଆପଣାଇବ ଗଞ୍ଜାମ ରଣନୀତି

ଭୁବନେଶ୍ୱର, ୧୦।୯ (ବ୍ୟୁରୋ)

**ବଢ଼ିଲା କରୋନା ମୁକାବିଲା ଚିନ୍ତା**
- ବ୍ୟାପକ ହେବ ହେଲ୍‌ଥ ସ୍କ୍ରିନିଂ, ହସ୍ପିଟାଲରେ ବଢ଼ିବ ଶଯ୍ୟା
- ୫୬୫ ରାପିଡ୍ ରେସପନ୍ସ ଟିମ୍ ଗଠନ
- ଗୃହ ଏକାନ୍ତବାସ ଆକ୍ରାନ୍ତଙ୍କ ଉପରେ କଡ଼ା ନଜର

ଭୁବନେଶ୍ୱରରେ ଏବେ ସଂକ୍ରମଣ ହୁହୁ ମାଡ଼ି ଚାଲିଛି। ଏପରି କି ଦୈନିକ ସଂକ୍ରମଣ ୨୯ ଜିଲାଠାରୁ ଅଧିକ ରହୁଥିବାରୁ ଚିନ୍ତା ବଢ଼ିଛି। ତେଣୁ ସଂକ୍ରମଣ ରୋକିବା ପାଇଁ ଗଞ୍ଜାମ ରଣକୌଶଳ ଆପଣାଇବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପ୍ରସ୍ତୁତି ଚଳାଇଛି। ଏନେଇ ବିଏମ୍‌ସି ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଥିବାବେଳେ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ରଣନୀତି ଚାଲିଛି ବୋଲି ଭୁବନେଶ୍ୱର କୋଭିଡ୍ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଅତିରିକ୍ତ କମିଶନର ପାରୁଲ ପଟ୍ଟୱାରୀ କହିଛନ୍ତି।

ଏ ସମ୍ପର୍କରେ ସୂଚନା ଦେଇ ପଟ୍ଟୱାରୀ କହିଛନ୍ତି, ଭୁବନେଶ୍ୱରରେ ଏବେ ହେଲ୍‌ଥ ସ୍କ୍ରିନିଂକୁ ବ୍ୟାପକ କରାଯିବ। ବସ୍ତି ହେଉ କି ଅଣବସ୍ତି ସବୁ ଅଞ୍ଚଳକୁ ପ୍ରାଥମିକତା ଦିଆଯିବ। ଅଧିକାଂଶ ଆକ୍ରାନ୍ତ ଲକ୍ଷଣବିହୀନ ହୋଇଥିବାରୁ ବ୍ୟାପକ ଟେଷ୍ଟ କରାଯିବା ସହ ଲୋକଙ୍କ ଶରୀରର ତାପମାତ୍ରା କେତେ ରହୁଛି ତାହା ଉପରେ ନିୟମିତ ନଜର ରଖାଯିବ। ଏନେଇ ସମସ୍ତ ଜୋନ୍ ଅଧିକାରୀଙ୍କ ସହ ବୈଠକ ସରିଥିବାବେଳେ ଏହା କିପରି ଭାବେ ସହଜ ଉପାୟରେ ହୋଇପାରିବ ସେନେଇ ବ୍ୟବସ୍ଥା ହେଉଛି। ଏଥିପାଇଁ ୫୬୫ଟି ରେସ୍‌ପନ୍ସ ଟିମ୍ କାର୍ଯ୍ୟ କରିବ। ପୂର୍ବରୁ ୩୦ରୁ ଊର୍ଦ୍ଧ୍ୱ ଟିମ୍ ଗୃହ ଏକାନ୍ତବାସରେ ରହୁଥିବା ଆକ୍ରାନ୍ତଙ୍କ ପାଇଁ କାର୍ଯ୍ୟ କରୁଛି। ଏଥିସହ ଏହି ଟିମ୍ ସଂକ୍ରମିତଙ୍କ ଉପରେ କଡ଼ା ନଜର ରଖିବ। ନିୟମ ଖିଲାପ କରୁଥିବା ନଜରକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ସଂକ୍ରମିତଙ୍କ ଘରୁ ବିଏମ୍‌ସି ସିଧାସଳଖ ବର୍ଜ୍ୟବସ୍ତୁ ସଂଗ୍ରହ ଆରମ୍ଭ କରିଥିବାବେଳେ ସଂକ୍ରମିତଙ୍କ ଚିକିତ୍ସା ଭିଡ଼ିଓ ଜରିଆରେ ହେବ। ଭୁବନେଶ୍ୱରରେ ଥିବା ବିଭିନ୍ନ କୋଭିଡ୍ ହସ୍ପିଟାଲର ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ। ଆଉକିଛି ନୂଆ ହସ୍ପିଟାଲରେ କୋଭିଡ୍ କେୟାର ହୋମ୍ କିମ୍ବା କୋଭିଡ୍ କେୟାର ସେଣ୍ଟର ସ୍ଥାପନ କରାଯିବ। ଅନ୍ୟପକ୍ଷରେ ବିଏମ୍‌ସି ଦ୍ୱାରା ୨୪ ଘଣ୍ଟା କାର୍ଯ୍ୟ କରୁଥିବା ଟୋଲ୍ ଫ୍ରି ନଂ.୧୯୨୯ ସେବାକୁ ଆହୁରି ବ୍ୟାପକ କରାଯିବ। ଜନସାଧାରଣ କରୋନା ଜନିତ ଛୋଟ ବଡ଼ ଯେକୌଣସି ସମସ୍ୟାର ସମ୍ମୁଖୀନ ହେଉଥିଲେ ଏହି ନମ୍ବରକୁ ଜଣାଇପାରିବେ ବୋଲି ସେ କହିଛନ୍ତି।

## ୧୩ରେ ଏନ୍‌ଇଇଟି, ବ୍ୟାପକ ପ୍ରସ୍ତୁତି

ଭୁବନେଶ୍ୱର, ୧୦।୯ (ବ୍ୟୁରୋ)

- ରାଜଧାନୀରେ ୩୧ କେନ୍ଦ୍ରରେ ପରୀକ୍ଷା
- ୫ କଲେଜ ହଷ୍ଟେଲ୍‌ରେ ରହିବେ ପଞ୍ଜୀକୃତ ପରୀକ୍ଷାର୍ଥୀ

ଆସନ୍ତା ୧୩ ତାରିଖରେ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ଅନୁଷ୍ଠିତ ହେବ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ଗୁରୁବାର ଭୁବନେଶ୍ୱରରେ ଏକ ବୈଠକ ବସିଥିଲା। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଅଧ୍ୟକ୍ଷତା କରି କହିଲେ, ଭୁବନେଶ୍ୱରର ୩୧ଟି କେନ୍ଦ୍ରରେ ୧୫ହଜାରରୁ ଅଧିକ ଛାତ୍ରୀଛାତ୍ର ଏନ୍‌ଇଇଟି ପରୀକ୍ଷା ଦେବେ। ବର୍ତ୍ତମାନ କରୋନା ପରିସ୍ଥିତିରେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ଜିଲା ବାହାରର ଛାତ୍ରୀଛାତ୍ରଙ୍କ ମାଗଣା ଯିବାଆସିବା, ରହଣି ସହ ଅନ୍ୟ ସମସ୍ତ ଆନୁସଙ୍ଗିକ ସୁବିଧା କରାଯାଇଛି। ସହରରେ ଥିବା ୫ଟି ଇଞ୍ଜିନିୟରିଂ କଲେଜର ହଷ୍ଟେଲରେ ରହଣିର ବ୍ୟବସ୍ଥା ହୋଇଛି। ସେଗୁଡ଼ିକ ହେଲା ମଦନପୁରସ୍ଥିତ ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଡ୍‌ଭାନ୍ସମେଣ୍ଟ, ଇନ୍‌ଫୋସିଟିସ୍ଥିତ ସିଲିକନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ପିତାପଲ୍ଲୀସ୍ଥିତ ମହାବୀର ଇଞ୍ଜିନିୟରିଂ କଲେଜ, ମଞ୍ଚେଶ୍ୱରସ୍ଥିତ ସିପେଟ ଓ ଝାଁଳାସ୍ଥିତ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି। ପଞ୍ଜୀକୃତ ଛାତ୍ରୀଛାତ୍ରମାନେ ସେମାନଙ୍କ ମାତାପିତାଙ୍କ ସହ ସେଠାରେ ନିରାପଦରେ ରହିବେ। କୋଭିଡ୍ ନିର୍ଦ୍ଦେଶାବଳୀକୁ ପାଳନ କରାଯାଇ ସେମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ନେବାଆଣିବା ପାଇଁ ସ୍ୱତନ୍ତ୍ର ଗାଡ଼ିର ବ୍ୟବସ୍ଥା କରାଯାଇଥିବା ଚୌଧାରୀ କହିଛନ୍ତି। ତେବେ କୋଭିଡ୍ ପାଇଁ ସ୍ୱତନ୍ତ୍ର ଏସ୍‌ଓପି ଜାରି ହୋଇଛି। ହଷ୍ଟେଲ ଓ ପରୀକ୍ଷା କେନ୍ଦ୍ରରେ କୋଭିଡ୍ ସମ୍ବନ୍ଧୀୟ ସୂଚନା ପ୍ରଦର୍ଶିତ/ପ୍ରସାରିତ ହେବ। ଏସବୁ ସ୍ଥାନରେ ଭିଡ଼ ନ ଜମାଇବା ପାଇଁ ଜନସାଧାରଣଙ୍କୁ ବିଏମ୍‌ସି ଅନୁରୋଧ କରିଛି। ପ୍ରତ୍ୟେକ ହଷ୍ଟେଲରେ ପର୍ଯ୍ୟାପ୍ତ ପରିମଳ ସୁବିଧା ରହିବ। ସେହିଭଳି ସେଠାରେ ଏକ ଡାକ୍ତରୀ ଟିମ୍ ଓ ସ୍ୱତନ୍ତ୍ର କୋଭିଡ୍ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିବେ। ଅତିରିକ୍ତ ଜିଲା ସହର ଜନସ୍ୱାସ୍ଥ୍ୟ ଅଧିକାରୀ (ଏଡିୟୁପିଏଚ୍‌ଓ) ଡା.ସି.ଭି.ଏସ୍.ଏନ୍ ରାଓ ପରୀକ୍ଷାର୍ଥୀଙ୍କ କୌଣସି ଅସୁସ୍ଥତା ଓ ସାମଗ୍ରିକ କୋଭିଡ୍ ସମ୍ବନ୍ଧୀୟ ସୁବିଧାଗୁଡ଼ିକ ପ୍ରଦାନ କ୍ଷେତ୍ରରେ ଯତ୍ନବାନ ରହିବେ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ଶହୀଦ ଯବାନଙ୍କୁ ଗାର୍ଡ ଅଫ୍ ଅନର

ଭବାନୀପାଟଣା,,୧୦।୯(ଡି.ଏନ.ଏ.)


ଭବାନୀପାଟଣାସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଦୁଇ ଶହୀଦ ଯବାନଙ୍କ ପାର୍ଥିବ ଶରୀର।

କଳାହାଣ୍ଡି-କନ୍ଧମାଳ ସୀମାନ୍ତ ସିର୍କି ରିଜର୍ଭ ଜଙ୍ଗଲରେ ବୁଧବାର ସୁରକ୍ଷାକର୍ମୀ ଓ ମାଓବାଦୀ ଗୁଳି ବିନିମୟରେ ଟଳି ପଡ଼ିବା ସହ ୨ ଏସଓଜି ଯବାନ ଶହୀଦ ହୋଇଛନ୍ତି। ଗୁରୁବାର ଡିଜିପି ଅଭୟଙ୍କ ସମେତ ଅନ୍ୟାନ୍ୟ ପୋଲିସ ଅଧିକାରୀମାନେ ଭବାନୀପାଟଣାସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ପହଞ୍ଚି ଶହୀଦ ଯବାନ ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ବାଘଡା ପଞ୍ଚାୟତ ଅନ୍ତର୍ଗତ ସାନ ଭଦୁଶୋଳ ଗ୍ରାମର ସୁଧୀର କୁମାର ଟୁଡୁ ଓ ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଙ୍ଗପଡ଼ା ଗ୍ରାମର ଦେବାଶିଷ ସେଠୀଙ୍କୁ ଗାଡ୍ ଅଫ୍ ଅନର୍ ଦେଇଥିଲେ। ଏଥିରେ କଳାହାଣ୍ଡି ଜିଲାପାଳ ଡ. ଗାଭିଲ ପରାଗ ହର୍ଷଦ ଏବଂ ଏସ୍‌ପି ବାତୁଲା ଗଙ୍ଗାଧର ପ୍ରମୁଖ ଶେଷ ସମ୍ମାନ ଜଣାଇଥିଲେ। ପୂର୍ବରୁ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଓ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଦୁଇ ଶହୀଦ୍ ଯବାନଙ୍କୁ ସମ୍ମାନ ଜଣାଇଥିଲେ। ଶଦୀଦ ୨ ଯବାନଙ୍କ ପରିବାରକୁ ସରକାରଙ୍କ ସମସ୍ତ ସହାୟତା ସହିତ ୧୬ ଲକ୍ଷ ଟଙ୍କା, ଚାକିରି ଯେତେ ଦିନ ଥିଲା ସେତିକି ଦିନ ପର୍ଯ୍ୟନ୍ତ ପୁରା ଦରମା, ସେମାନଙ୍କ ପରିବାର ଜଣଙ୍କୁ ଚାକିରି ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯିବ ବୋଲି ଡିଜିପି ଅଭୟ ପ୍ରକାଶ କରିଥିଲେ।

## ହିମାଚଳ ପ୍ରଦେଶରେ ଓଡ଼ିଆ ପ୍ରଫେସରଙ୍କ ମୃତ୍ୟୁ

ବ୍ରହ୍ମଗିରି,୧୦।୯(ଡି.ଏନ୍.ଏ): ହିମାଚଳ ପ୍ରଦେଶର ହମିରପୁରସ୍ଥିତ ଏନ୍‌ଆଇଟିରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଜଣେ ଓଡ଼ିଆ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଅଞ୍ଚଳର ପ୍ରିୟଦର୍ଶୀ ବିପ୍ଳବ କୁମାର ୨୦୧୯ ନଭେମ୍ବରରୁ ହମିରପୁରସ୍ଥିତ ଏନ୍‌ଆଇଟିରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରୁଥାନ୍ତି। କିଛି ଦିନ ତଳେ ସେ ଗାଁକୁ ଆସିଥିଲେ। ପୁଣି ସେ ନିଜର କର୍ମକ୍ଷେତ୍ରକୁ ଫେରି ସେଠାରେ ଅଗଷ୍ଟ ୨୩ରେ ପହଞ୍ଚିଥିଲେ। କୋଭିଡ୍ ନିୟମ ଅନୁଯାୟୀ ସେଠାରେ ତାଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ୧୪ଦିନ ରହିବାକୁ ପଡ଼ିଲା। ୧୪ ଦିନ ପରେ ଅର୍ଥାତ ସେପ୍ଟେମ୍ବର ୬ ତାରିଖରେ ସେ କର୍ମକ୍ଷେତ୍ରରେ ଯୋଗ ଦେଇଥିଲେ। ସବୁଦିନ ପରି ପ୍ରିୟଦର୍ଶୀ ରୁମରେ ଦିନରେ ଖାଇ ସାରି ତାଙ୍କ ମା’ଙ୍କ ସହ କଥା ହୋଇଛନ୍ତି। ପରେ ୭ଟା ସମୟରେ ଘରୁ ନ ବାହାରିବାରୁ ସାଙ୍ଗମାନେ ରୁମରେ ପ୍ରିୟଦର୍ଶୀ ଗୁରୁତର ଅବସ୍ଥାରେ ପଡ଼ିଥିବାର ଦେଖିଥିଲେ। ସେତବେଳକୁ ତାଙ୍କ ନାକପାଟିରୁ ରକ୍ତ ବାହାରୁଥିବାରୁ ମୁମୂର୍ଷୁ ଅବସ୍ଥାରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସହ ପରିବାର ଲୋକଙ୍କୁ କହିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପ୍ରିୟଦର୍ଶୀଙ୍କ ଏଭଳି ମୃତ୍ୟୁକୁ ତାଙ୍କ ପରିବାର ଲୋକେ ସହଜେ ଗ୍ରହଣ କରିପାରୁ ନାହାନ୍ତି। ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରୁଛନ୍ତି।

## ଶିଶୁ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ

ସାଲେପୁର,୧୦।୯(ଡି.ଏନ୍.ଏ.)

ସାଲେପୁର ଥାନା ଅଧୀନ ଏକ ଘରୋଇ ନର୍ସିଂହୋମ୍‌ରେ ବୁଧବାର ଚିକିତ୍ସା ଅଭାବରୁ ଜଣେ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ସାଲେପୁର ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ସାଲେପୁରସ୍ଥିତ ସପନପୁର ଗ୍ରାମରେ ଥିବା ନର୍ସିଂହୋମ୍‌ରେ ଚିକିତ୍ସା ଅଭାବରୁ ଶିଶୁର ମୃତ୍ୟୁ ଘଟିଥିବା ଶିଶୁର ପିତା ମାହାଙ୍ଗା ଥାନା ମଲ୍ଲିକପୁର ଗ୍ରାମର ସେଖ୍ ସାହେଜ ଉଦ୍ଦିନ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା (ନଂ-୨୯୩/୨୦) ରୁଜୁ କରିଥିଲା।

## ୨ ଭଉଣୀଙ୍କୁ ବେହୋସ କରି ଲୁଟ

- ଝରକା ତାଡ଼ି ପଶିଥିଲେ ୪ ଦୁର୍ବୃତ୍ତ
- ନେଇଗଲେ ୧୦ ଲକ୍ଷ, ସୁନାଗହଣା

ବଅଁରପାଳ, ୧୦।୯(ଡି.ଏନ.ଏ.)



ଦୁର୍ବୃତ୍ତମାନେ ଝରକା ତାଡ଼ି ଦେଇଛନ୍ତି। ଲୁଟ୍ ପରେ ଏପଟସେପଟ ହୋଇ ପଡ଼ିଥିବା ସାମଗ୍ରୀ।

ଅନୁଗୋଳ ଜିଲା ନାଲ୍‌କୋ ଥାନା ଗିରାଙ୍ଗ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ବଡ ଧରଣର ଲୁଟ୍ ହୋଇଛି। ପ୍ରାୟ ୪ ଜଣ ଦୁର୍ବୃତ୍ତ ବିକ୍ରମ କେଶରୀ ସାହୁଙ୍କ ଘରେ ପଶି କଳାକନା ବୁଲାଇଛନ୍ତି। ଅଭିଯୁକ୍ତମାନେ ଘରେ ଥିବା ଦୁଇ ଭଉଣୀଙ୍କ ମୁହଁରେ କୌଣସି ନିଶାଯୁକ୍ତ ସ୍ପ୍ରେ ମାରି ଲୁଟ୍‌ପାଟ କରିଥିବା ଜଣାପଡିଛି। ମୋଟ ୧୦ ଲକ୍ଷ ନଗଦ ଟଙ୍କା ସହ ସୁନାଗହଣା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡିଛି, ବିକ୍ରମ ନାଲ୍‌କୋ ପ୍ଲାଣ୍ଟରେ ଠିକା ଶ୍ରମିକ ଭାବେ କାମ କରନ୍ତି। ସେ ବୁଧବାର ରାତିରେ ଡ୍ୟୁଟିରେ ଥିବାବେଳେ ତାଙ୍କ ଦୁଇ ଭଉଣୀ ପଦ୍ମାବତୀ ସାହୁ ଓ ଇନ୍ଦୁବତୀ ସାହୁ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ମୁଖା ପିନ୍ଧା ୪ ଜଣ ଦୁର୍ବୃତ୍ତ ଘର ପଛପଟ ଝରକା ତାଡ଼ି ଭିତରେ ପଶିଥିଲେ। କୌଣସି ସ୍ପ୍ରେ ମାରି ପ୍ରଥମେ ଦୁଇ ଭଉଣୀଙ୍କୁ ଚେତାଶୂନ୍ୟ କରିଦେଇଥିଲେ। ପରେ ଆଲମିରା ଭାଙ୍ଗି ସେଥିରେ ଥିବା ନଗଦ ୧୦ ଲକ୍ଷ ଟଙ୍କା ସହ ସୁନାଗହଣା ଚୋରି କରିଥିଲେ। ଏପରିକି ସେଠାରେ ଥିବା ଖୁଚୁରା ଟଙ୍କାକୁ ଦୁର୍ବୃତ୍ତମାନେ ଛାଡି ନ ଥିଲେ। ଚୋରି ହୋଇଥିବା ମୋଟ ସମ୍ପତ୍ତିର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ରାତି ପ୍ରାୟ ୩ଟା ବେଳେ ହଠାତ୍ ଚେତା ଫେରିବା ପରେ ଘରେ ଚୋର ପଶିଥିବା ଦୁଇ ଭଉଣୀ ଜାଣିବାକୁ ପାଇଥିଲେ। ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ ହେଁ ଝରକା ପଟେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ଜଣାପଡିଛି। ଏ ନେଇ ପଦ୍ମାବତୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୨୮/୨୦ରେ ମାମଲା ରୁଜୁ କରିଛି। ପୋଲିସ ପାଟ୍ରୋଲିଂ କଡାକଡି ହେଉ ନ ଥିବାରୁ ଅଞ୍ଚଳରେ ଏଭଳି ଲୁଟ୍‌ପାଟ ବଢିଚାଲିଥିବା ଅଭିଯୋଗ ହୋଇଛି। ନାଲ୍‌କୋ ଥାନା ଅଧିକାରୀ ବିନ୍ଦୁବାସିନୀ ବିଶ୍ୱାଳ କହିଛନ୍ତି, ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍, ପୋଲିସ କର୍ମଚାରୀ ପହଞ୍ଚି ତଦନ୍ତ କରିଛନ୍ତି। ସମୁଦାୟ କେତେ ଟଙ୍କା ଲୁଟ୍‌ପାଟ ହୋଇଛି ତାହାର ଅନୁଧ୍ୟାନ ଚାଲିଛି।

## ମହାଲକ୍ଷ୍ମୀ ପାଳିଲେ ଦ୍ୱିତୀୟା ଓଷା

ପୁରୀ ଅଫିସ,୧୦।୯: ଶ୍ରୀମନ୍ଦିରରେ ଗୁରୁବାର ମହାଲକ୍ଷ୍ମୀ ପାଳିଛନ୍ତି ଦ୍ୱିତୀୟା ଓଷା। ସକାଳ ଧୂପ ସରିବା ପରେ ଆଜ୍ଞାମାଳ ପାଇ ମହାଲକ୍ଷ୍ମୀ ଠାକୁରାଣୀ ସାହତ ପାହଚ ତଳେ ଥିବା ପାଲିଙ୍କିରେ ବସି ଲକ୍ଷ୍ମୀ ମନ୍ଦିର ଖଟ ଉପରେ ବିଜେ କରିଥିଲେ। ଏଠାରେ ପାରମ୍ପରିକ ବିଧି ଅନୁଯାୟୀ ବ୍ରତ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ସେଠାରେ ବ୍ରତ ପାଠ କରାଯିବା ସହ ଭୋଗ ବନ୍ଦାପନା ହୋଇଥିଲା। ଭିତରେ ମଧ୍ୟାହ୍ନ ଧୂପ ଉଠିବା ପରେ ମହାଲକ୍ଷ୍ମୀ ଠାକୁରାଣୀ ରତ୍ନସିଂହାସନକୁ ବିଜେ କରିଥିଲେ।

## ଟ୍ରକ୍ ଧକ୍କାରେ ମାମୁ, ଭଣଜା ମୃତ

ରସୁଲପୁର, ୧୦।୯ (ଡି.ଏନ୍.ଏ.)

**ଜାତୀୟ ରାଜପଥ ୫ଘଣ୍ଟା ବନ୍ଦ**

ଯାଜପୁର ଜିଲା କୁଆଖିଆ ଥାନା ଅଧୀନ ୬ ନଂ. ଜାତୀୟ ରାଜପଥର ଖଣ୍ଡିତର ନିକଟସ୍ଥ ଖରସ୍ରୋତା ପୋଲ ଉପରେ ଗୁରୁବାର ଅପରାହ୍ନ ୨ଟା ସମୟରେ ଟ୍ରକ ଧକ୍କାରେ ମାମୁ ଭଣଜାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକେ ରାଜପଥକୁ ୫ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅବରୋଧ କରିବାରୁ ଗୋଟିଏ ପାର୍ଶ୍ୱ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଏପରିକି ରାସ୍ତାରେ ବହୁ ଆମ୍ବୁଲାନ୍ସ ଫସି ରହିଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ, ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ସମେତ ପୋଲିସ ବାହିନୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ରିପୋର୍ଟ ଲେଖାଯିବା ବେଳକୁ ଯାଜପୁର ଜିଲାପାଳ ଓ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚିବା ଦାବିରେ ରାସ୍ତାରୋକୋ ଜାରି ରହିଥିବା ଜଣାଯାଇଛି।

ପ୍ରକାଶ ଯେ, ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତର ନଗୁଆଁ ଗ୍ରାମର ରାଜକିଶୋର ମହାନ୍ତି(୪୪) ତାଙ୍କ ଭଣଜା ହିମାଂଶୁ ଲେଙ୍କାଙ୍କ ସହ ଭଉଣୀ ଘର ଅଫସରପୁର ଗାଁକୁ ଦୁତିଆ ଓଷା ଭାର ଦେବା ପାଇଁ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ଖରସ୍ରୋତା ନଦୀ ପୋଲ ଉପରେ ତାଙ୍କ ବାଇକ୍‌କୁ ଏକ ଟ୍ରକ୍ ପଛରୁ ଧକ୍କା ଦେଇଥିଲା। ଧକ୍କା ଦେଇଥିବା ଟ୍ରକ୍ ଫେରାର ହୋଇଯାଇଥିବା ବେଳେ ରାଜକିଶୋର ଓ ହିମାଂଶୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଖବର ପାଇ କୁଆଖିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ସଦର ଡାକ୍ତରଖାନାକୁ ପଠାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ପୋଲିସ ଉପରକୁ ଆକ୍ରମଣ କରିଥିଲେ। ଏଥିରେ ପୋଲିସ କର୍ମଚାରୀ ମଧ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ଏହାଛଡା ସେଠାରେ ଉପସ୍ଥିତ ଜଣେ ଦଖବରଦାତାଙ୍କୁ ମଧ ମାଡ଼ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଛି।

## ଲାଞ୍ଚ ନେଇ ସହକାରୀ ଅଗ୍ନିଶମ ଅଧିକାରୀ ଗିରଫ

ବରଗଡ଼ ଅଫିସ୍,୧୦।୯

ବରଗଡ଼ ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର ଗୁରୁବାର ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭେଡ଼େନ ବ୍ଲକ ପପଙ୍ଗା ଗ୍ରାମର ହୃଷୀକେଶ ପ୍ରଧାନଙ୍କ ଅଗ୍ନି ନିରାପତ୍ତା ପ୍ରମାଣପତ୍ର(ଫାୟାର ସେଫ୍ଟି ସାର୍ଟିଫିକେଟ୍) ଇସ୍ୟୁ କରିବା ପାଇଁ ୧୨ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ କର୍ମଚାରୀମାନେ ମହାପାତ୍ରଙ୍କୁ ଧରିଥିଲେ । ଏହା ସହିତ ତାଙ୍କ ପାଖରୁ ରାସାୟନିକ ପ୍ରଲେପଦିଆ ୧୨ହଜାର ଟଙ୍କା ଜବତ ହୋଇଛି। ଏ ନେଇ ଭିଜିଲାନ୍ସ ଏକ ମାମଲା (ନଂ.୨୫/୨୦)ରୁଜୁ କରିବା ସହିତ ସହକାରୀ ଅଗ୍ନିଶମ ଅଧିକାରୀ ମହାପାତ୍ରଙ୍କୁ ଗିରଫ କରି ସମ୍ବଲପୁର ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଛି। ସୂଚନା ଅନୁଯାୟୀ, ହୃଷୀକେଶଙ୍କ କଦଳିପାଲି ଗ୍ରାମରେ ଏକ ପେଟ୍ରୋଲ ପମ୍ପ ରହିଛି। ସେ ଏହି ପେଟ୍ରୋଲ ପମ୍ପ ପାଇଁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଯୋଗାଇବାକୁ ଗତ ୩ ତାରିଖରେ ସହକାରୀ ଅଗ୍ନିଶମ ଅଧିକାରୀ ମହାପାତ୍ରଙ୍କଠାରେ ଆବେଦନ କରିଥିଲେ। ଏହାପରେ ଗତ ୫ତାରିଖରେ ମହାପାତ୍ର ପେଟ୍ରୋଲପମ୍ପ ପରିଦର୍ଶନରେ ଯାଇଥିଲେ। ତେବେ ଗତ ୯ତାରିଖ ହୃଷୀକେଶ ସେହି ପ୍ରମାଣପତ୍ର ପାଇଁ ସହକାରୀ ଅଗ୍ନିଶମ ଅଧିକାରୀଙ୍କ ପାଖକୁ ଆସିଥିବାବେଳେ ସେ ୧୫ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପରେ ତାହା ୧୨ ହଜାର ଟଙ୍କାରେ ମୂଲଚାଲ୍ ହୋଇଥିଲା। ଏ ନେଇ ହୃଷୀକେଶ ଭିଜିଲାନ୍ସଠାରେ ଅଭିଯୋଗ କରିଥିଲେ।


ପ୍ରଶାନ୍ତ କୁମାର ମହାପାତ୍ର

ଅଭିଯୋଗ ପାଇବା ପରେ ଭିଜିଲାନ୍ସ ସହକାରୀ ଅଗ୍ନିଶମ ଅଧିକାରୀଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଯୋଜନା ଅନୁଯାୟୀ, ଗୁରୁବାର ହୃଷୀକେଶ ସହକାରୀ ଅଗ୍ନିଶମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ରାସାୟନିକ ପ୍ରଲେପ ଦିଆହୋଇଥିବା ୧୨ହଜାର ଟଙ୍କା ଦେଇଥିଲେ। ଏହାପରେ ବାହାରେ ଛପି ରହିଥିବା ଭିଜିଲାନ୍ସ ସେଠାରେ ଅତର୍କିତ ଚଢ଼ାଉ କରି ରାସାୟନିକ ପ୍ରଲେପ ଦିଆହୋଇଥିବା ଟଙ୍କା ଜବତ କରିବା ସହିତ ସହକାରୀ ଅଗ୍ନିଶମ ଅଧିକାରୀଙ୍କୁ କାବୁ କରିଥିଲେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**


✓ସୁରେଶ ଚନ୍ଦ୍ର ଦଳବେହେରା
ପୂର୍ବତନ ସରପଞ୍ଚ, ବିଶିଷ୍ଟ ପରିବହନ ବ୍ୟବସାୟୀ (ରସିକା ଟ୍ରାଭେଲ୍ସ) ଏବଂ ହୋଟେଲ ବିଶ୍ରାମର ପ୍ରତିଷ୍ଠାତା
କାଜିପାଟଣା, କଟକ
ଆବିର୍ଭାବ : ୦୧.୦୬.୧୯୪୨
ତିରୋଧାନ : ୦୧.୦୯.୨୦୨୦
ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଆମ ପାଇଁ ଚିର ପାଥେୟ ହେଉ। ଏକାଦଶାହ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ :
ପତ୍ନୀ - ମିନତୀ, ପୁତ୍ର - ନନ୍ଦନ, ପୁତ୍ରବଧୂ - ଚନ୍ଦ୍ରକଳା, ଝିଅ-ସ୍ମିତିପ୍ରଜ୍ଞା, ଜ୍ୱାଇଁ-ରଞ୍ଜନ, ଶଳା-ବିଶ୍ୱଭୂଷଣ ହରିଚନ୍ଦନ (ଆନ୍ଧ୍ର ରାଜ୍ୟପାଳ) ବିଭୂତି ଭୂଷଣ ହରିଚନ୍ଦନ (ପୂର୍ବତନ ବିଧାୟକ, ଚିଲିକା)
ଭିଣୋଇ : ଅଶୋକ ସାମଲ
ଏବଂ ଦଳବେହେରା ପରିବାରବର୍ଗ
ଧ-୧୮୨୦୬

**ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ଆଶିଷ କୁମାର ବେହେରା (ପିଣ୍ଟୁ)
ଲଣ୍ଡେଇଜୁ, ଫୁଲବାଣୀ
ତୁ ଆମକୁ ଛାଡ଼ି ଚାଲିଯିବା ୧ବର୍ଷ ହୋଇଗଲା। ଆମମାନଙ୍କ ମନରେ ତୁ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟିକରି ଯାଇଛୁ ତାହା କେବେବି ପୂରଣ ହୋଇପାରିବ ନାହିଁ। ତୁ ଆମମାନଙ୍କ ଭିତରେ ଅଛୁ ଓ ରହିବୁ। ତୁ ଯେଉଁଠି ଅଛୁ ଭଲରେ ଥାଅ। ଭଗବାନଙ୍କ ପାଖରେ ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ମମି, ବାପା, ଅଜା, ଆଈ, ବର୍ଣ୍ଣିଭାଇ, ପିଙ୍କି, ଦାଦା, ନାନା, ମାମୁ, ମାଇଁ, ଜ୍ୟୋତି, ଇତି, ଗୁଲି, ମାଉସୀ, ମଉସା।
ଧ-୧୮୨୦୩

**ନବମ ଶ୍ରାଦ୍ଧବାର୍ଷିକୀ**


ସ୍ୱର୍ଗତ ବିରଞ୍ଚି ନାରାୟଣ ଦାସ
ବୋମିଖାଲ, ଭୁବନେଶ୍ୱର
ତିରୋଧାନ: ୨୨।୦୯।୨୦୧୧
ସାଥୀ ତୁମ କଥା ଆଜି ପଡ଼େ କାହିଁ ମନେ, ପଡ଼ିଗଲେ ମନେ ଲୁହ ଆସେ ମୋ’ ନୟନେ। ତୁମ ସ୍ମୃତି ପାଖେ ମୋର ରଖିଛି ସାଇତି, ଲୁଚି ଲୁଚି ତୁମ ସ୍ମୃତି ଦେଖେ ନିତି ନିତି।
-:ତୁମର ହତଭାଗିନୀ:-
ପତ୍ନୀ, ପରିବାରବର୍ଗ ଓ ବନ୍ଧୁପରିଜନ।
ଧ-୭୯୫୩୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ଉଦୟନାଥ ପୁଷ୍ଟି
(ଓଡ଼ିଶାର ପ୍ରତିଭାବାନ କ୍ରୀଡ଼ାବିତ୍ ଏବଂ ଶ୍ରୀସତ୍ୟସାଇଙ୍କ ଆଶ୍ରିତ)
ମିଶନ ରୋଡ୍, କଟକ
ଆବିର୍ଭାବ: ୦୩।୧୧।୧୯୨୬
ତିରୋଧାନ: ୦୧।୦୯।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ୱାଭିମାନ ଆମର ଚିର ସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ ପରିବାର:-
ପୁତ୍ର, ପୁତ୍ରବଧୂ, ନାତି, ଝିଅ ଏବଂ ଜାମାତାମାନେ।
ଧ-୧୮୨୦୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**


✓ କାର୍ତ୍ତିକ ଚନ୍ଦ୍ର ଜେନା
ଆବିର୍ଭାବ: ୦୨.୦୯.୧୯୪୪
ତିରୋଧାନ: ୦୧.୦୯.୨୦୨୦
ତୁମେ ଗତ ୧ ତାରିଖ ମଙ୍ଗଳବାରରେ ସଂସାରରୁ ବିଦାୟ ନେଲ। ତୁମର ଦୁଃଖଦ ବିୟୋଗରେ ଆମେ ସମସ୍ତେ ମର୍ମାହତ। ତୁମର ତ୍ୟାଗ, ଆଦର୍ଶ, କର୍ତ୍ତବ୍ୟ ପରାୟଣତା ଓ ଭଲପାଇବା ପ୍ରତି ମୁହୂର୍ତ୍ତରେ ଆମକୁ ଆନ୍ଦୋଳିତ କରୁଛି। ତୁମର ଆଶୀର୍ବାଦ, ଶୁଭଦୃଷ୍ଟି ଚିରଦିନ ଆମ୍ଭମାନଙ୍କ ଉପରେ ରହୁ। ଈଶ୍ୱରଙ୍କ ନିକଟରେ ତୁମେ ଶାନ୍ତିରେ ଥାଅ।
-: ଶୋକ ସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ
ଧ-୧୮୧୯୪

**ପର୍ତ୍ତୁଗାଲ ତରଫରୁ ୧୦୧ ଗୋଲ ସ୍କୋର କରିବା ପରେ ଫୁଟ୍‌ବଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଏବେ ସେ ସର୍ବକାଳୀନ ସର୍ବାଧିକ ଗୋଲ ସ୍କୋରର ହେବା ଲକ୍ଷ୍ୟରେ ରହିଛନ୍ତି। ଆହୁରି ୯ ଗୋଲ ସ୍କୋର କରି ସେ ଖୁବ୍‌ଶୀଘ୍ର ଏହି ଲକ୍ଷ୍ୟ ପୂରଣ କରିବାକୁ ଚାହାନ୍ତି...**

# ନୂଆ ଲକ୍ଷ୍ୟ



ଫୁଟବଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ପର୍ତ୍ତୁଗାଲ ପାଇଁ ୧୦୦ତମ ଗୋଲ ସ୍କୋର କରି ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ୟୁଇଏଫ୍ଏ ନେସନ୍ସ ଲିଗ୍‌ରେ ପର୍ତ୍ତୁଗାଲ ୨-୦ ଗୋଲରେ ସ୍ୱୀଡେନକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ୨ଟି ଯାକ ଗୋଲ ସ୍କୋର କରି ରୋନାଲ୍ଡୋ ନିଜ ଦେଶ ପାଇଁ ମୋଟ୍ ଉପରେ ୧୦୧ଟି ଗୋଲ ସ୍କୋର କରିଛନ୍ତି। ପର୍ତ୍ତୁଗାଲ ତରଫରୁ ୧୬୫ଟି ମ୍ୟାଚ ଖେଳି ସେ ଏହି ସଂଖ୍ୟକ ଗୋଲ ସ୍କୋର କରିଛନ୍ତି। ଦେଶ ପାଇଁ ଏହି ମାଇଲଖୁଣ୍ଟ ଅତିକ୍ରମ କରିବା ପରେ ସେ ଏବେ ନୂଆ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପୁରୁଷ ଅନ୍ତର୍ଜାତୀୟ ଫୁଟବଲ୍‌ରେ ସେ ସର୍ବକାଳୀନ ସର୍ବାଧିକ ଗୋଲ ସ୍କୋରର ହେବା ଲକ୍ଷ୍ୟରେ ରହିଛନ୍ତି। ଜୁଭେଣ୍ଟସ ଏହି ତାରକା ଫରୱାର୍ଡ ୩୫ ବର୍ଷରେ ପଦାର୍ପଣ କରିଛନ୍ତି। ଆଉ ୮ଟି ଗୋଲ ସ୍କୋର କଲେ ସେ ଅଲି ଦାଏଇଙ୍କ ରେକର୍ଡ (୧୦୯ ଗୋଲ)ର ସମକକ୍ଷ ହେବେ। ଦାଏଇ ୧୯୯୩ରୁ ୨୦୦୭ ପର୍ଯ୍ୟନ୍ତ ଇରାନ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ତେବେ କାନାଡ଼ା ମହିଳା ଫୁଟବଲର ଖ୍ରିଷ୍ଟାଇନ୍ ସିନ୍‌କ୍ଲେୟାର ପୁରୁଷ ଓ ମହିଳା ଫୁଟବଲ ଦୃଷ୍ଟିକୋଣରୁ ସର୍ବାଧିକ ୧୮୬ ଗୋଲ କରି ସର୍ବକାଳୀନ ରେକର୍ଡ ସ୍ଥାପନ କରିଛନ୍ତି।

୧୦୦ତମ ଗୋଲ ସ୍କୋର କରିବାକୁ ଚାହୁଁଥିଲି। ଏଥିରେ ସଫଳ ହୋଇଛି। ଏବେ ଆଉ ୮ଟି ଗୋଲ ସ୍କୋର କରି ପୁରୁଷ ଫୁଟବଲର ହିସାବରେ ସର୍ବକାଳୀନ ଗୋଲ ସ୍କୋରର ହେବାକୁ ଚାହୁଁଛି ବୋଲି ରୋନାଲ୍ଡୋ କହିଛନ୍ତି। ରେକର୍ଡ ଜଣକର କ୍ଷମତା, ପ୍ରତିଭା ଓ ପ୍ରଦର୍ଶନକୁ ସୂଚାଇ ଥାଏ। ତେଣୁ ରେକର୍ଡର ମୂଲ୍ୟ ନିଶ୍ଚିତ ଭାବେ ରହିଛି। ମୋର ଖେଳ ଓ ପ୍ରଦର୍ଶନ ମୋର ସଫଳତାକୁ ସୂଚାଉଛି। ତେବେ ଭବିଷ୍ୟତରେ କ'ଣ ହେବ ତାହା ଭଗବାନ ହିଁ ଜାଣନ୍ତି ବୋଲି ମାଇଲଖୁଣ୍ଟ ଅତିକ୍ରମ କରିବା ପରେ ରୋନାଲ୍ଡୋ କହିଛନ୍ତି।

୧୦୧ଟି ଗୋଲରୁ ୪୯ଟି ଗୋଲ ରୋନାଲ୍ଡୋ ୩୦ ବର୍ଷ ଅତିକ୍ରମ କରିବା ପରେ ହିଁ ସ୍କୋର କରିଛନ୍ତି। ଏବେ ୩୫ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ସେ ଆହୁରି ସଫଳତା ହାସଲ କରିବାକୁ ବେଶ୍ ଆଶାବାଦୀ ଅଛନ୍ତି। ଗତ ଶନିବାର ନେସନ୍ସ କପ୍‌ରେ ଅନ୍ୟଏକ ମ୍ୟାଚ୍‌ରେ ପର୍ତ୍ତୁଗାଲ ୪-୧ ଗୋଲରେ କ୍ରୋଏସିଆକୁ ହରାଇଥିଲା। ଏହି ମ୍ୟାଚ୍‌ରେ ପାଦର ଆଙ୍ଗୁଠିରେ ସଂକ୍ରମଣ କାରଣରୁ ରୋନାଲ୍ଡୋ ଖେଳିପାରି ନ ଥିଲେ। ତେବେ ଯଦି ରୋନାଲ୍ଡୋ ଖେଳିଥାନ୍ତେ ତାହେଲେ ଆହୁରି କେତୋଟି ଗୋଲ ସ୍କୋର କରିଥାନ୍ତେ। ଜବରଦସ୍ତ ଫର୍ମରେ ଥିବାରୁ ରୋନାଲ୍ଡୋ ଖୁବ୍‌ଶୀଘ୍ର ସର୍ବାଧିକ ଗୋଲ ସ୍କୋର କରି ନୂଆ ରେକର୍ଡ ସ୍ଥାପନ କରିବେ। ସର୍ବାଧିକ ଗୋଲ ସ୍କୋରର ତାଲିକାରେ ରୋନାଲ୍ଡୋଙ୍କ ତଳକୁ ରହିଛନ୍ତି ହଙ୍ଗେରୀର ଫେରେଙ୍କ୍ ପୁକାସ। ସେ ୮୫ଟି ମ୍ୟାଚ୍ ଖେଳି ୮୪ ଗୋଲ ସ୍କୋର କରିଛନ୍ତି। ସେହିପରି ବ୍ରାଜିଲ କିମ୍ବଦନ୍ତୀ ଖେଳାଳି ପେଲେ ୯୨ଟି ମ୍ୟାଚ୍ ଖେଳି ୭୭ଟି ଗୋଲ ସ୍କୋର କରି ଷଷ୍ଠ ସ୍ଥାନରେ ରହିଛନ୍ତି। ଭାରତୀୟ ପୂର୍ବତନ ଅଧିନାୟକ ସୁନୀଲ ଛେତ୍ରୀ ୧୧୫ଟି ମ୍ୟାଚ୍ ଖେଳି ୭୨ଟି ଗୋଲ ସ୍କୋର କରି ତାଲିକାର ଦଶମ ସ୍ଥାନରେ ରହିଛନ୍ତି।

# ଆଇପିଏଲ୍ ପ୍ରସ୍ତୁତି

**ସାରା ବିଶ୍ୱରେ କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ବିଭିନ୍ନ ସମସ୍ୟା ସତ୍ତ୍ୱେ ଆଇପିଏଲ୍ ସବୁଥର ଭଳି ଏଥର ମଧ୍ୟ ସଫଳ ହେବ ବୋଲି ଆଶା କରାଯାଉଛି...**



ନିର୍ମଳ କୁମାର ମିଶ୍ର

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୩ତମ ସଂସ୍କରଣ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆରମ୍ଭ ହେବାକୁ ଆଉ ଅଳ୍ପଦିନ ରହିଲା। ସମୟ ପାଖେଇ ଆସୁଥିବାରୁ କ୍ରିକେଟ ପ୍ରେମୀଙ୍କ ଉତ୍ସାହ ଏବଂ ଉତ୍କଣ୍ଠା ବୃଦ୍ଧି ପାଇବାରେ ଲାଗିଛି। କୋଭିଡ-୧୯ର ପ୍ରକୋପ ଯୋଗୁ ଚଳିତ ଆଇପିଏଲ୍ ତା'ର ଗ୍ଲାମର ହରାଇବାକୁ ଯାଉଥିବାବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସାହସିକ ପଦକ୍ଷେପ ଦର୍ଶକମାନଙ୍କୁ ନିଶ୍ଚିତ ଆନନ୍ଦ ଯୋଗାଇବ। ଏଥି ମଧ୍ୟରେ ଆଇପିଏଲ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ମାତ୍ର ଗୋଟିଏ ପରେ ଗୋଟିଏ ବଡ ଖବର ଆସିବାରେ ଲାଗିଛି, ଯାହା କି କ୍ରିକେଟ ପ୍ରେମୀମାନଙ୍କୁ ନିରାଶ କରିଛି। ଅନେକ ସମସ୍ୟା ଚଳିତବର୍ଷ ଆଇପିଏଲ୍‌ର ଲୋକପ୍ରିୟତାକୁ ପଛରେ ପକାଇବାର ଆଶଙ୍କା ରହିଛି। ସମସ୍ତ ଖେଳାଳି, ସପୋର୍ଟ ଷ୍ଟାଫମାନଙ୍କ କ୍ୱାରାଣ୍ଟାଇନରେ ରହିବା, ମୁଖ୍ୟ ପ୍ରାୟୋଜକ ଭିଗୋକୁ ହଟାଯିବା, ବିଦେଶୀ ଅମ୍ପାୟର ଏବଂ ବିଭିନ୍ନ ଦଳର ମୁଖ୍ୟ ଖେଳାଳିମାନେ ଶେଷ ମୁହୂର୍ତ୍ତରେ ଓହରିଯିବା ଆଇପିଏଲ୍ ପାଇଁ ସମସ୍ୟା ଆଣି ଦେଇଛି। ବିଦେଶୀ ଅମ୍ପାୟରମାନଙ୍କ ମଧ୍ୟରେ କୁମାର ଧର୍ମସେନା, ପଲ୍ ରାଇଫଲ୍, କ୍ରିସ୍ ଗ୍ରାଫାନି, ରିଚାର୍ଡ ଇଲିଙ୍ଗୱର୍ଥ ଏବଂ ମାଇକେଲ ଗଫ୍ ରହିଛନ୍ତି। ସେହିପରି ଖେଳାଳିମାନଙ୍କ ମଧ୍ୟରୁ ସିନିୟର ଅଫସ୍ପିନର ହରଭଜନ ସିଂ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରି ଯାଇଥିବା ବେଳେ ବାମହାତୀ ତାରକା ବ୍ୟାଟ୍ସମ୍ୟାନ ସୁରେସ ରାଇନା ମଧ୍ୟ ନ ଖେଳିବାର ନିଷ୍ପତ୍ତି ଚେନ୍ନାଇ ସୁପର କିଙ୍ଗ୍ସ (ସିକେଏସ)ର ପ୍ରଶଂସକମାନଙ୍କୁ ନିରୁତ୍ସାହିତ କରିଛି। ମାତ୍ର ପରବର୍ତ୍ତୀ ସୂଚନା ଅନୁସାରେ ସୁରେଶ ରାଇନା ପୁନର୍ବାର ଦଳରେ ସାମିଲ ହେବା ଜଣାପଡିବା ପରେ ସିଏସ୍‌କେର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ବନ୍ଦ ଷ୍ଟାଡିୟମ ମଧ୍ୟରେ ଜୈବ ବିବିଧତାକୁ ଗୁରୁତ୍ୱ ଦେଇ ମ୍ୟାଚଗୁଡିକ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ମୋଟ ୪୬ଦିନରେ ୫୬ଟି ମ୍ୟାଚ ୩ଟି ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ୟୁଏଇର ଏହି ସମସ୍ତ ଷ୍ଟାଡିୟମଗୁଡିକର ପିଚ୍‌ଗୁଡିକରେ ସ୍ପିନରମାନଙ୍କ ପ୍ରଭାବ ରହିବାର ସମ୍ଭାବନା ରହିଛି। ଆବୁଧାବିରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ ଉଦ୍‌ଘାଟନୀ ଲଢେଇ ହେବ। ୟୁଏଇରେ ପ୍ରବଳ ଖରାକୁ ଆଖି ଆଗରେ ରଖି ମାତ୍ର ୧୦ଟି ଡବଲ ହେଡର ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀରେ ପ୍ରକାଶିତ ହୋଇଛି। ପ୍ରଥମ ଡବଲ ହେଡର ମ୍ୟାଚ ଅକ୍ଟୋବର ୩ ତାରିଖରେ ବାଙ୍ଗାଲୋର ଏବଂ ରାଜସ୍ଥାନ ମଧ୍ୟରେ ଖେଳାଯିବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚଟି ଦିଲ୍ଲୀ ଏବଂ କୋଲକାତା ମଧ୍ୟରେ ଖେଳାଯିବ। ସମସ୍ତ ଡବଲ ହେଡର ମ୍ୟାଚଗୁଡିକ କେବଳ ଲିଗ୍ ପର୍ଯ୍ୟାୟରେ ଖେଳାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାତିରେ ଖେଳାଯିବାକୁ ଥିବା ସମସ୍ତ ମ୍ୟାଚଗୁଡିକ ସନ୍ଧ୍ୟା ୭.୩୦ରୁ ଆରମ୍ଭ ହେବ। ଏହି ମ୍ୟାଚଗୁଡିକ ପୂର୍ବ ସଂସ୍କରଣ ଗୁଡିକରେ ରାତି ୮ଟାରୁ ଆରମ୍ଭ ହେଉଥିଲା। କାକର ସମସ୍ୟା ଯୋଗୁଁ ଏପରି ନିଷ୍ପତ୍ତି ଗ୍ରହଣ କରାଯାଇଛି। ମୋଟ ଖେଳାଯିବାକୁ ଥିବା ୫୬ଟି ମ୍ୟାଚ ମଧ୍ୟରୁ ଦୁବାଇରେ ୨୪ଟି ମ୍ୟାଚ, ଆବୁଧାବିରେ ୨୦ଟି ମ୍ୟାଚ ଏବଂ ସାରଜା ଷ୍ଟାଡିୟମରେ ୧୨ଟି ମ୍ୟାଚ ଖେଳାଯିବ।

ଦ୍ୱିତୀୟରେ ବ୍ୟାଟିଂ କରିବାକୁ ଥିବା ଦଳଗୁଡିକ ପାଇଁ କାକର ଅଧିକ ସମସ୍ୟା ସୃଷ୍ଟି କରିପାରେ। କାରଣ ବଲ ବୋଲରମାନଙ୍କ ହାତରୁ ସ୍ଲିପ୍ କରିବ। ଖେଳାଯିବାକୁ ଥିବା ଏହି ସମସ୍ତ ୩ଟି ଷ୍ଟାଡିୟମର ନିର୍ମାଣ, ପିଚ୍, ଆଉଟ ଫିଲ୍ଡ, ଗ୍ୟାଲେରିରେ ସମସ୍ତ ପ୍ରକାର ବୈଷୟିକ ଜ୍ଞାନ କୌଶଳରେ ପରିପୂର୍ଣ୍ଣ। ଏହି ୩ଟି ଷ୍ଟାଡିୟମରେ ଅନେକ ଅନ୍ତର୍ଜାତୀୟ ମ୍ୟାଚ ଅନୁଷ୍ଠିତ କରାଇବାରେ ଯଥେଷ୍ଟ ଅଭିଜ୍ଞତା ରହିଛି। ଦର୍ଶକମାନେ ମଧ୍ୟ ବେଶ୍ ଶୃଙ୍ଖଳିତ। ଏହି ୩ଟି ଷ୍ଟାଡିୟମ ମଧ୍ୟରୁ ସାରଜା କ୍ରିକେଟ ଷ୍ଟାଡିୟମ ସର୍ବ ପୁରାତନ ହୋଇଥିବା ବେଳେ ଏହି ଷ୍ଟାଡିୟମ ଏପର୍ଯ୍ୟନ୍ତ ରେକର୍ଡ ସଂଖ୍ୟକ ଦିନିକିଆ ମ୍ୟାଚ ଅନୁଷ୍ଠିତ କରାଇବାର ସଫଳତା ପାଇଛି। ଦୁବାଇ ଷ୍ଟାଡିୟମ ଏକ ମଲ୍ଟି ଗେମ୍ସ ଷ୍ଟାଡିୟମ ହୋଇଥିବା ବେଳେ ଆବୁଧାବି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଷ୍ଟାଡିୟମ ରୂପେ ମାନ୍ୟତା ପାଇଛି। ସମସ୍ତ ଷ୍ଟାଡିୟମଗୁଡିକର କାର୍ଯ୍ୟ ପ୍ରାୟ ସମାପ୍ତ ହୋଇଛି।



ମୁମ୍ବାଇ ଇଣ୍ଡିଆନ୍ସ ସର୍ବାଧିକ ୪ଥର ଚାମ୍ପିୟନ ହୋଇଥିବା ବେଳେ ଏପର୍ଯ୍ୟନ୍ତ ୧୦୭ଟି ଆଇପିଏଲ୍ ମ୍ୟାଚ ଜିତିଛି। ସେହିପରି ଦିଲ୍ଲୀ ଡେୟାର ଡେଭିଲସ୍ ସର୍ବାଧିକ ୯୭ଟି ମ୍ୟାଚ ହାରିଛି। ଚେନ୍ନାଇ ସର୍ବାଧିକ ୬ଥର ଫେୟାର ପ୍ଲେ ଆୱାର୍ଡ ଜିତିଥିବା ବେଳେ କୋଲକତା ନାଇଟ ରାଇଡର୍ସ କ୍ରମାଗତ ଭାବେ ୯ଟି ମ୍ୟାଚରେ ଅପରାଜିତ ରହିବାର ରେକର୍ଡ କରିଛି। କ୍ରମାଗତ ରୂପେ ଦିଲ୍ଲୀ ମଧ୍ୟ ୯ଟି ମ୍ୟାଚ ହାରି ରେକର୍ଡ କରିଛି। ସର୍ବାଧିକ ସେଞ୍ଚୁରୀ ୬ଟି ଧୂଆଁଧାର ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍‌ଙ୍କ ନାମରେ ରହିଥିବା ବେଳେ ଅଷ୍ଟ୍ରେଲିଆର ଆଗ୍ରେସିଭ୍ ଓପନର ଡେଭିଡ୍ ୱାର୍ନରଙ୍କ ନାମରେ ସର୍ବାଧିକ ୪୪ଟି ଅର୍ଦ୍ଧଶତକ ରହିଛି। ସର୍ବାଧିକ ପାର୍ଟନରସିପ୍ ବିରାଟ କୋହଲି ଏବଂ ଡିଭିଲିୟର୍ସଙ୍କ ନାମରେ ରହିଛି। ଏହି ଦୁଇ ବ୍ୟାଟ୍ସମ୍ୟାନ ୨୦୧୬ ଆଇପିଏଲ୍ ମ୍ୟାଚରେ ୨୨୯ ରନ୍ ସଂଗ୍ରହ କରି ରେକର୍ଡ କରିଥିଲେ। ସର୍ବାଧିକ ଥର ଶୂନରେ ଆଉଟ୍ ହେବାର ରେକର୍ଡ ୧୩ଥର ହରଭଜନ ସିଂଙ୍କ ନାମରେ ରହିଛି। ମହେନ୍ଦ୍ର ସିଂ ଧୋନୀ କ୍ୟାପଟେନ୍ ରୂପେ ସର୍ବାଧିକ ୧୭୪ ମ୍ୟାଚ ଖେଳିଥିବା ବେଳେ ୧୦୪ଟି ମ୍ୟାଚ ଜିତି ରେକର୍ଡ କରିଛନ୍ତି। ସେହିପରି ସୁରେଶ ରାଇନା ସର୍ବାଧିକ ୧୯୩ଟି ମ୍ୟାଚ ଖେଳିଥିବା ବେଳେ ସର୍ବାଧିକ ମ୍ୟାନ ଅଫ ଦି ମ୍ୟାଚର ରେକର୍ଡ କ୍ରିସ୍ ଗେଲଙ୍କ ନାମରେ ରହିଛି।

ଆଇପିଏଲ୍‌ର ସର୍ବାଧିକ ଦଳୀୟ ସ୍କୋର ୨୬୩ ରହିଥିବା ବେଳେ ଏହି ମ୍ୟାଚଟି ରୟାଲ ଚ୍ୟାଲେର ବାଙ୍ଗାଲୋର ଏବଂ ପୁଣେ ୱାରିୟର୍ସ ମଧ୍ୟରେ ଖେଳାଯାଇଥିଲା। ସେହିପରି ସର୍ବନିମ୍ନ ଦଳୀୟ ସ୍କୋର ଆଇପିଏଲ୍‌ରେ ରହିଛି ୪୯ ରନ୍। ରାଜସ୍ଥାନ ଏବଂ ଡେକାନ ଚାର୍ଜର୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ୨୧୫ ରନ୍ ଚେଜ୍ କରି ରାଜସ୍ଥାନ ବିଜୟୀ ହେବା ମଧ୍ୟ ରେକର୍ଡ ଚେଜ୍ ଅଟେ। ମୁମ୍ବାଇ ଏବଂ ଦିଲ୍ଲୀ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ମୁମ୍ବାଇ ୧୪୬ ରନ୍‌ରେ ବିଜୟୀ ହେବା ମଧ୍ୟ ଏକ ରେକର୍ଡ । ସମସ୍ତ ସଂସ୍କରଣରେ ବିରାଟ କୋହଲି ସର୍ବାଧିକ ୫,୪୧୨ରନ୍ ସଂଗ୍ରହ କରି ଆଗରେ ରହିଥିବା ବେଳେ ଶ୍ରୀଲଙ୍କାର ତାରକା ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗା ସର୍ବାଧିକ ୧୧୭ଟି ଉଇକେଟ ନେଇ ଆଗରେ ଅଛନ୍ତି। ସର୍ବାଧିକ ବ୍ୟକ୍ତିଗତ ସ୍କୋର କ୍ରିସ୍ ଗେଲ୍‌ଙ୍କ ନାମରେ ୧୭୫ରନ୍ (୬୬ ବଲ୍) ରହିଥିବା ବେଳେ ସର୍ବାଧିକ ସଂଖ୍ୟାର ୩୨୬ଟି ଛକା ମାରିବାର ରେକର୍ଡ ମଧ୍ୟ ରହିଛି। ବେଷ୍ଟ ବୋଲିଂ ଫିଗର ଅଲଜାରୀ ଜୋସେଫଙ୍କ ନାମରେ ରହିଛି। ସେ ୧୨ରନ୍ ଦେଇ ୬ଟି ଉଇକେଟ ଅକ୍ତିଆର କରିଛନ୍ତି। ଚଳିତ ସଂସ୍କରଣ ମଧ୍ୟ ବେଶ୍ ରୋମାଞ୍ଚପୂର୍ଣ୍ଣ ରହିବ। ଅନେକ ରେକର୍ଡ ପ୍ରତିଷ୍ଠା ହେବାର ସମ୍ଭାବନା ରହିଛି। ଯୁବ କ୍ରିକେଟର ମାନେ ଏହାର ଭରପୂର ଆନନ୍ଦ ଉଠାଇବେ। ଅନେକ ସମସ୍ୟା ମଧ୍ୟରେ ଆଇପିଏଲ୍ ଆୟୋଜନ ହେବା ସବୁଠାରୁ ବଡ କଥା।

| ଆଇପିଏଲ୍ ୨୦୨୦ |
|---|
| ସଂସ୍କରଣ: ୧୩ |
| ତାରିଖ: ୧୯ ସେପ୍ଟେମ୍ବରରୁ ୧୦ ନଭେମ୍ବର |
| ଆୟୋଜକ: ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) |
| ଅଂଶଗ୍ରହଣକାରୀ ଦଳ: ୮ |
| ଭେନ୍ୟୁ: ଦୁବାଇ, ଶାରଜା ଓ ଆବୁଧାବି |
| ଗତଥରର ଚାମ୍ପିୟନ: ମୁମ୍ବାଇ ଇଣ୍ଡିଆନ୍ସ |
| ସଫଳତମ ଦଳ: ମୁମ୍ବାଇ ଇଣ୍ଡିଆନ୍ (୪ଥର ଚାମ୍ପିୟନ) |
| ସର୍ବାଧିକ ରନ: ବିରାଟ କୋହଲି (୫୪୧୨) |
| ସର୍ବାଧିକ ଉଇକେଟ: ଲସିଥ ମାଲିଙ୍ଗା (୧୭୦) |

# ନିଆରା ଢଙ୍ଗରେ ରାଜସ୍ଥାନ ରୟାଲ୍ସ ଜର୍ସି ଉନ୍ମୋଚିତ

ଦୁବାଇ, ୧୦।୯

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ସ୍କାଏ-ଡାଇଭିଂ ଷ୍ଟଣ୍ଟ୍ ଜରିଆରେ ଏକ ଅଭିନବ ଢଙ୍ଗରେ ଏହାର ଜର୍ସି ଉନ୍ମୋଚନ କରିଛି। ଦୁବାଇ ସମୁଦ୍ର ବେଳାଭୂମିରେ ରହିଛି ଏକମାତ୍ର ରିସୋର୍ଟ ରୟାଲ ମିରେଜ୍। ସକାଳବେଳାର ମନୋମୁଗ୍ଧକର ପରିବେଶରେ ଆକାଶମାର୍ଗରେ ଦେଖିବାକୁ ମିଳିଥିଲା ରେଡ୍‌ବୁଲ୍ ସ୍କାଏ ଡାଇଭିଂ ଏବଂ ୱିଙ୍ଗଶୁଟ୍ ଆଥ୍‌ଲେଟ ଡାନି ରୋମାନ୍‌ଙ୍କ ଷ୍ଟଣ୍ଟ୍। ପାମ୍ ଦୀପାଞ୍ଚଳର ସ୍ପାନିଶ ସ୍କାଏଡାଇଭିଂ ଆଥଲେଟ୍ ଏକ ବିମାନରୁ ପାରାଚୁଟ୍‌ରେ ହଜାର ହଜାର ଫୁଟ୍ ଉଚ୍ଚରୁ ଲମ୍ଫ ପ୍ରଦାନ କରିଥିଲେ। ତାଙ୍କ ହାତରେ ରହିଥିଲା ଏକ ବ୍ୟାଗ୍। ଏଥିରେ ଭରି ରହିଥିଲା ରାଜସ୍ଥାନ ରୟାଲ୍ସ ୨୦୨୦ ଜର୍ସି, ଯାହାକୁ ପରେ ଖେଳାଳିମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା। ସ୍କାଏ-ଡାଇଭିଂ ଷ୍ଟଣ୍ଟ୍ ବେଳେ ରାଜସ୍ଥାନ ରୟାଲ୍ସର ଖେଳାଳିମାନେ ଉପସ୍ଥିତ ଥିଲେ। ଏକ ନିଆରା ଫ୍ୟାଶନରେ ଦଳର ଜର୍ସି ଉନ୍ମୋଚନରେ ସେମାନେ ରୋମାଞ୍ଚିତ ହୋଇଥିଲେ ଏବଂ ନିଜେ ଗର୍ବ ଅନୁଭବ କରିଥିଲେ।



ଆଇପିଏଲ୍ ପାଇଁ ସ୍କାଏ-ଡାଇଭିଂ ଷ୍ଟଣ୍ଟ୍ ଜରିଆରେ ରାଜସ୍ଥାନ ରୟାଲ୍ସ ଜର୍ସି ଉନ୍ମୋଚନ କରାଯାଇଛି।

# ସେରେନା- ଆଜାରେଙ୍କା ସେମି ମୁକାବିଲା

ନ୍ୟୁୟର୍କ,୧୦।୯(ଏପି)

ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ ଟେନିସ ଟୁର୍ନାମେଣ୍ଟରେ ମହିଳା ସିଙ୍ଗଲ୍ସ ଇଭେଣ୍ଟର ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ତୃତୀୟ ସିଡ୍ ଅଭିଜ୍ଞ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ ଓ ବେଲାରୁଷର ଅଭିଜ୍ଞ ଖେଳାଳି ଭିକ୍ଟୋରିଆ ଆଜାରେଙ୍କା ଗୁରୁବାର ସେମିଫାଇନାଲରେ ପରସ୍ପରକୁ ଭେଟିବେ। ପ୍ରଥମ ସେମିରେ ଚତୁର୍ଥ ସିଡ୍ ତଥା ୨୦୧୮ ଚାମ୍ପିୟନ ଜାପାନର ନାଓମି ଓସାକା ଓ ୨୮ତମ ସିଡ୍ ଖେଳାଳି ଆମେରିକାର ଜେନିଫର ବ୍ରାଡି ପରସ୍ପରକୁ ଭେଟିବା ନିଶ୍ଚିତ ହୋଇଥିଲା।

ବୁଧବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସେରେନା ୪-୬, ୬-୩, ୬-୨ ସେଟ୍‌ରେ ବୁଲଗେରିଆର ସ୍ୱେତାନା ପିରଙ୍କୋଭାଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ମା'ଙ୍କ ଲଢେଇରେ ଶେଷରେ ସେରେନା ବାଜି ମାରିଛନ୍ତି। ବିଜୟୀ ହେବା ପାଇଁ ସେରେନାଙ୍କୁ ଦୁଇଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ସେରେନା ଆଉ ଦୁଇଟି ଟାଇଟଲ ଜିତିଲେ ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ସମକକ୍ଷ ହେବେ। ୩୨ ବର୍ଷୀୟା ପିରୋଙ୍କୋଭା ଜବରଦସ୍ତ ସଂଘର୍ଷ କରିଥିଲେ। ତାଙ୍କ ପ୍ରଦର୍ଶନକୁ ସେରେନା ପ୍ରଶଂସା କରିଛନ୍ତି। ଆଉ ୩ ମାସ ମଧ୍ୟରେ ସେରେନା ୩୯ ବର୍ଷରେ ପଦାର୍ପଣ କରିବେ। ୟୁଏସ୍ ଓପନ୍‌ରେ ସେରେନା ଏପର୍ଯ୍ୟନ୍ତ ୬ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଗତ ଦୁଇବର୍ଷ ହେବ ସେରେନା ଏହି ଟୁର୍ନାମେଣ୍ଟରେ ରନର୍ସଅପ୍ ହୋଇଛନ୍ତି। ସେରୋନ କ୍ରମାଗତ ୧୧ଥର ପାଇଁ ୟୁଏସ୍ ଓପନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସେମିଫାଇନାଲରେ ସେରେନା ଆଜାରେଙ୍କାଙ୍କୁ ଭେଟିବେ।

ସେହିପରି ଅଣସିଡ୍ ଆଜାରେଙ୍କା ବୁଧବାର ଅନ୍ୟଏକ କ୍ୱାର୍ଟର ଫାଇନାଲ ମୁକାବିଲାରେ ୧୬ତମ ସିଡ୍ ଖେଳାଳି ବେଲଜିୟମ୍‌ର ଏଲିସ୍ ମେର୍ଟେନ୍ସଙ୍କୁ ୬-୧, ୬-୦ ସେଟ୍‌ରେ ପରାସ୍ତ କରି ସେମିକୁ ଉଠିଛନ୍ତି। ୨୦୧୩ ପରେ ଆଜାରେଙ୍କା ପ୍ରଥମଥର ପାଇଁ ୟୁଏସ୍ ସେମିଫାଇନାଲ ଖେଳିବାର ସୁଯୋଗ ପାଇଛନ୍ତି। ବିଜୟୀ ହେବାକୁ ଆଜାରେଙ୍କାଙ୍କୁ ବିଶେଷ କଷ୍ଟ କରିବାକୁ ପଡି ନ ଥିଲା। ୨୦୧୩ରେ ଆଜାରେଙ୍କା ଶେଷଥର ପାଇଁ ଅଷ୍ଟ୍ରେଲିଆନ ଓପନ୍ ଜିତି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ। ସେମିରେ ସେରୋନ ଓ ଆଜାରେଙ୍କାଙ୍କ ମଧ୍ୟରେ ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ପୂର୍ବରୁ ସେରେନା ୨୦୧୨ ଓ ୨୦୧୩ ୟୁଏସ୍ ଫାଇନାଲରେ ଆଜାରେଙ୍କାଙ୍କୁ ପରାସ୍ତ କରିଥିଲେ।



ଶଟ୍ ଖେଳିବା ଅବସରରେ ସେରେନା ୱିଲିୟମ୍ସ।



ବିଜୟ ପରେ ଉଲ୍ଲସିତ ଭିକ୍ଟୋରିଆ ଆଜାରେଙ୍କା

**ୟୁଏସ୍ ଓପନ୍**

## ସେମିରେ ଡୋମିନିକ୍ ଥିମ୍

**ନ୍ୟୁୟର୍କ,୧୦।୯(ଏପି):** ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ତୃତୀୟ ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ଓ ତୃତୀୟ ସିଡ୍ ରୁଷିଆର ଡାନିଲି ମେଡ୍‌ଭେଡେଭ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ପୂର୍ବରୁ ବୁଧବାର ପଞ୍ଚମ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜେଭେରେଭ ଓ ୨୦ତମ ସିଡ୍ ସ୍ପେନ୍‌ର ପାବ୍ଲୋ କାରୋନୋ ବୁଷ୍ଟା ପ୍ରଥମ ସେମିରେ ମୁହାଁମୁହିଁ ହେବା ନିଶ୍ଚିତ ହୋଇଥିଲା।

ବୁଧବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ମେଡ୍‌ଭେଡେଭ ନିଜ ଦେଶର ୧୦ମ ସିଡ୍ ଖେଳାଳି ଆନ୍ଦ୍ରେ ରୁବ୍ଲେଭଙ୍କୁ ୭-୬, ୬-୩, ୭-୬ ସେଟ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୩ଟି ଯାକ ସେଟ୍‌ରେ ବିଜୟୀ ହୋଇ ସେ ସେମିକୁ ଉଠିଛନ୍ତି। ମେଡ୍‌ଭେଡେଭ ଏବେ ଦ୍ୱିତୀୟ ସେମିଫାଇନାଲରେ ଥିମ୍‌ଙ୍କୁ ଭେଟିବେ। ଥିମ୍ ଅନ୍ୟଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ୨୧ତମ ସିଡ୍ ଖେଳାଳି ଆଲେକ୍ସ ଡି ମିନାଉରଙ୍କୁ ୬-୧, ୬-୨, ୬-୪ ସେଟ୍‌ରେ ପରାସ୍ତ କରି ସେମିକୁ ଉଠିଛନ୍ତି। ବିଜୟୀ ହେବା ପାଇଁ ଥିମ୍‌ଙ୍କୁ ୨ ଘଣ୍ଟା ୪ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ଏଥିସହିତ ପ୍ରଥମ ଅଷ୍ଟ୍ରିଆ ଖେଳାଳିଭାବେ ଥିମ୍ ୟୁଏସ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ନିଜ ପ୍ରଦର୍ଶନରେ ଥିମ୍ ଖୁସି ଜାହିର କରିଛନ୍ତି। ପୂର୍ବରୁ ୨୦୧୮ରେ ଥିମ୍ ୟୁଏସ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ସେପ୍ଟେମ୍ବର ୧୧/୨୦୨୦ Friday, September 11/2020










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ